

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୨୦ ସେପ୍ଟେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 20 September 2025

Vol.No. 36 ■ No.249 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ଆସାମ ରାଇଫଲ୍ସ ଯବାନଙ୍କୁ ନେଇ ଯାଉଥିବା ଗାଡ଼ି ଉପରକୁ ଗୁଳିମାଡ଼: ୨ ସହିଦ, ୪ ଆହତ

ନୂଆଦିଲ୍ଲୀ,୧୯/୯ : ମଣିପୁରର ରାଜଧାନୀ ଇମ୍ଫାଲ ନିକଟରେ ଆଜି ସନ୍ଧ୍ୟାରେ ଆସାମ ରାଇଫଲ୍ସର ଏକ ଟ୍ରକ୍ ଉପରକୁ କିଛି ଅଜଣା ବନ୍ଧୁକଧାରୀ ଗୁଳିମାଡ଼ କରିବାରୁ ଦୁଇ ଜଣ ଯବାନ ସହିଦ ହୋଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି । ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଇମ୍ଫାଲ ବିମାନବନ୍ଦରଠାରୁ ୮ କିଲୋମିଟର ଦୂରରେ ସନ୍ଧ୍ୟା ପ୍ରାୟ ୬ଟା ବେଳେ ଏହି ଘଟଣା ଘଟିଛି । ଘଟଣାସ୍ଥଳଟି ଇମ୍ଫାଲ ଓ ଚୁରାଚାନ୍ଦପୁର ମଝିରେ । ଆସାମ ରାଇଫଲ୍ସର ୩୩ ଜଣ ଯବାନ ଟ୍ରକ୍ ଯୋଗେ ଇମ୍ଫାଲରୁ ବିଷ୍ଣୁପୁର ଅଭିମୁଖେ ଯାଉଥିବା ବେଳେ କିଛି ବନ୍ଧୁକଧାରୀ ଅତର୍କିତ



ଗୁଳିମାଡ଼ କରିଥିଲେ । ୬ ଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଣିପୁର ଗସ୍ତରେ ଆସିଥିବା ବେଳେ ଏହି ରାସ୍ତାରେ ଯାଇଥିବା ସୂଚନା ମିଳିଛି । ମଣିପୁର ରାଜ୍ୟପାଳ ଅଜୟ କୁମାର ଭଲ୍ଲା ଏହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି ଓ ଗଭୀର ଶୋକ ପ୍ରକାଶ କରିଛନ୍ତି । ସହିଦ ହୋଇଥିବା ଯବାନଙ୍କ ପରିବାର ଲୋକଙ୍କୁ ସେ ସମବେଦନା ଜଣାଇଛନ୍ତି । ସେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ରାଜ୍ୟପାଳ କହିଛନ୍ତି ଯେ ଏଭଳି ହିଂସାକୁ କୌଣସି ପରିସ୍ଥିତିରେ ଆଦୌ ସହ୍ୟ କରାଯିବ ନାହିଁ । ମଣିପୁରର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍ ବୀରେନ ସିଂହ ମଧ ଏହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି । ସୂଚନାଯୋଗ୍ୟ, ୬ ଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଣିପୁର ଗସ୍ତରେ ଯାଇ ଇମ୍ଫାଲ ଓ ଚୁରାଚାନ୍ଦପୁରରେ ଦୁଇଟି ସାଧାରଣ ସଭାରେ ଯୋଗ ଦେଇ ଶାନ୍ତିର ପଥରେ ଚାଲିବାକୁ ମଣିପୁରବାସୀଙ୍କୁ ଆହ୍ୱାନ ଦେଇଥିଲେ ।

## ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀ ନିର୍ଯାତନାର ସଂଗୀନ ତଥ୍ୟ: ଗୁମର ଫିଟାଇଲା ବିଧାନସଭାରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉତ୍ତର



ଭୁବନେଶ୍ୱର, ୧୯/୯ (ନି.ପ୍ର): ୨୦୨୪ ଜୁନରୁ ଆଜି ଯାଏଁ ବିଶ୍ୱବିଦ୍ୟାଳୟରେ ୧୯ଟି ନିର୍ଯାତନା ମାମଲା ହୋଇଛି । ଏଥିରେ ରହିଛି ୬ଟି ଯୌନ ନିର୍ଯାତନା କେସ୍ । ଉତ୍କଳ ବିଶ୍ୱବିଦ୍ୟାଳୟରେ ସର୍ବାଧିକ ମାମଲା ରହିଛି । ମନ୍ତ୍ରୀଙ୍କ ଉତ୍ତର ପରେ ଜୋର ଧରିଛି ରାଜନୈତିକ ବୟାନବାଜି । ଶିକ୍ଷାର ମନ୍ଦିରରେ ନିର୍ଯାତନା । ବିଶ୍ୱବିଦ୍ୟାଳୟରେ ବି ଅସୁରକ୍ଷିତ ଛାତ୍ରୀ । କେତେବେଳେ ଶାରୀରିକ, ପୁଣି କେବେ ମାନସିକ । ଆଉ କେତେବେଳେ ଯୌନ ଶୋଷଣର ଶିକାର । ଗୁମର ଫିଟାଇଲା ବିଧାନସଭାରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉତ୍ତର ।ଏହି କଳଙ୍କ ଟିକା ପିନ୍ଧିଛନ୍ତି ରାଜ୍ୟର ନାଁକରା ଶିକ୍ଷାନୁଷ୍ଠାନ । ବିଭିନ୍ନ ସମୟରେ ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗ ଆସୁଥିବା ବେଳେ ବିଧାନସଭାରେ ଏହାର ତଥ୍ୟ ରଖିଛନ୍ତି ବିଭାଗୀୟ ମନ୍ତ୍ରୀ । ବିଧାୟକ ତୁଷାରକାନ୍ତି ବେହେରାଙ୍କ ପ୍ରଶ୍ନରେ ମନ୍ତ୍ରୀ ଯେଉଁ ଉତ୍ତର ରଖିଛନ୍ତି ତାହା ଉଦବେଗଜନକ । ୨୦୨୪ ଜୁନ୍ ୧୨ ତାରିଖରୁ ବର୍ତ୍ତମାନ ସୁଦ୍ଧା ବିଶ୍ୱବିଦ୍ୟାଳୟରେ ଘଟିଥିବା ଶାରୀରିକ, ମାନସିକ ଓ ଯୌନ ନିର୍ଯାତନାର ତଥ୍ୟ ଦେଇଛନ୍ତି ମନ୍ତ୍ରୀ । ଯେଉଁଥିରେ ରାଜ୍ୟର ୧୭ଟି ବିଶ୍ୱବିଦ୍ୟାଳୟରେ ଶାରୀରିକ, ମାନସିକ ଓ ଯୌନ ନିର୍ଯାତନା ମାମଲାରେ ତଦନ୍ତ ସହ କଣ ଆକ୍ସନ ହୋଇଛି ଉଲ୍ଲେଖ ରହିଛି । ମୋଟ୍ ୧୯ଟି ଅଭିଯୋଗ ହୋଇଛି । ଏଥିରେ ରହିଛି ୬ ଜଣ ଯୌନ ନିର୍ଯାତନା ମାମଲା । ୯ ଜଣ ଛାତ୍ରୀଙ୍କୁ ▶▶ପୃଷ୍ଠା ୭

## ବୀମା ପାଇଁ ବିବାହ, ବିବାହ କରି ହତ୍ୟା: ବଢ଼ିଲା କିଲର୍ ଦୀପକର ଅଡୁଆ





ଭୁବନେଶ୍ୱର, ୧୯/୯ (ନି.ପ୍ର): କ୍ରାଇମବ୍ରାଞ୍ଚ ଡିଜିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେବ ମାମଲାର ତଦନ୍ତ । ଅର୍ଥାତ ଖୋଲିବ ଦ୍ୱିତୀୟ ପତ୍ନୀର ହତ୍ୟାର ଗୁମର ସହ ପ୍ରଥମ ପତ୍ନୀର ମୃତ୍ୟୁ ରହସ୍ୟ । କୋଟିଏ ଟଙ୍କାର ବୀମା ଲୋଭରୁ ହତ୍ୟା ଷଡ଼ଯନ୍ତ୍ର ଉପରୁ ବି ଫିଟିବ ପରଦା । ଆଜି ପ୍ରଥମ ପତ୍ନୀ ଅପର୍ଣ୍ଣାଙ୍କ ପରିବାର ଲୋକେ ବି ଦୁର୍ଘଟଣା ନୁହେଁ, ବରଂ ହତ୍ୟା ଅଭିଯୋଗ କରି ଖୁଣ୍ଟୁଣୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ବୀମା ଟଙ୍କା ଲୋଭରେ ପତ୍ନୀ ହତ୍ୟାକାରୀ ଦୀପକ

## ଦଶହରାକୁ ପାଣିଚିଆ କରିବ ଲଘୁଚାପ: ଧୋଇଯାଇପାରେ ଷଷ୍ଠୀ-ସପ୍ତମୀ ମଉଜ

ଭୁବନେଶ୍ୱର, ୧୯/୯ (ନି.ପ୍ର): ଫିକା ପଡ଼ିଯିବ କି ପ୍ରାରମ୍ଭିକ ପୂଜା ମଉଜ ! ବଙ୍ଗୋପସାଗରରେ ପୁଣି ଲଘୁଚାପ । ଷଷ୍ଠୀ, ସପ୍ତମୀରେ ଛେଚିବ । ଦଶହରା ବେଳକୁ କମିବ । ପୁଣି ଓଡ଼ିଶାକୁ ମୁହାଁଇଛି ବଡ଼ ବର୍ଷା । ଆସନ୍ତା ୨୬ ତାରିଖରୁ ବଦଳିଯିବ ପାଗ ମିଜାଜ୍ । ପାଣିପାଗ କେନ୍ଦ୍ରର ପୂର୍ବାନୁମାନ କହୁଛି, ୨୫ ତାରିଖ ବେଳକୁ ପୂର୍ବକେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପୂର୍ବ ବଙ୍ଗୋପସାଗର ମଧ ସମୁଦ୍ର ନିକଟସ୍ଥ ମିଆଁମାର-ବାଂଲାଦେଶ ଉପକୂଳ ନିକଟରେ ସୃଷ୍ଟି



ହୋଇପାରେ ଆଉ ଏକ ଲଘୁଚାପ କ୍ଷେତ୍ର । ଘନୀଭୂତ ହୋଇ ଅବପାତରେ ପରିଣତ ହେବ । ପ୍ରଭାବରେ ୨୩ ଓ ୨୪ ତାରିଖରୁ କେତେକ ସ୍ଥାନରେ ଆରମ୍ଭ ହୋଇଯିବ ବର୍ଷା । ୨୬ରୁ ବର୍ଷାର ପରିମାଣ ଓ ବିସ୍ତୃତି ବୃଦ୍ଧିପାଇବ । ଉପକୂଳ, ଦକ୍ଷିଣ ସମେତ ଉତ୍ତର ଓଡ଼ିଶାରେ ବି ବର୍ଷିବ । ବିଶେଷ କରି ୨୬ ଓ ୨୭ରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ମଣ୍ଡପରେ ଷଷ୍ଠୀ ଓ ସପ୍ତମୀ ପୂଜା ଦିନ ବେଶୀ ବର୍ଷା ହୋଇପାରେ । ତେବେ ଦଶହରା ବେଳକୁ ସମ୍ଭବତଃ ବର୍ଷାର ପ୍ରକୋପ କମି ପାଗ ଶୁଖିଲା ରହିବ । ପାଣିପାଗ ବିଜ୍ଞାନୀଙ୍କ ମତରେ, ୨୬ରୁ ୨୯ ତିନିଦିନ ବଡ଼ ବର୍ଷା ସମ୍ଭାବନା ରହିଛି । ଦକ୍ଷିଣ ଚୀନ ସାଗରରୁ ଏକ ବାତ୍ୟାର ଅବଶିଷ୍ଟାଂଶ ଆସି ▶▶ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ରାୟଗଡ଼ା କାଶୀପୁର ରେଞ୍ଜର ଅନ୍ତର୍ଯ୍ୟାମୀ ସାହୁ

ଭୁବନେଶ୍ୱର, ୧୯/୯ (ନି.ପ୍ର): ଭିଜିଲାନ୍ସ ଜାଲରେ ରାୟଗଡ଼ା କାଶୀପୁର ରେଞ୍ଜର ଅନ୍ତର୍ଯ୍ୟାମୀ ସାହୁ । ଆୟ ବହିର୍ଭୁତ ସଂପତି ଠୁଳ କରିବା ଅଭିଯୋଗରେ ରାୟଗଡା ଜିଲ୍ଲାର ରାୟଗଡା ଫରେଷ୍ଟ ଡିଭିଜନ ଅନ୍ତର୍ଗତ କାଶୀପୁର ଫରେଷ୍ଟ ରେଂଜର ଫରେଷ୍ଟ ରେଂଜ ଅଫିସର ଅନ୍ତର୍ଯ୍ୟାମୀ ସାହୁଙ୍କ ଘରେ ଭିଜିଲାନ୍ସ ରେଡ୍ କରିଛି । ଏହି ଚଢ଼ାଉରେ ଓଡ଼ିଶା ଭିଜିଲାନ୍ସର ୭ଜଣ ଡିଏସପି, ୭ ଇନସପେକ୍ଟର, ୯ଜଣ ଏଏସଆଇ ଓ ଅନ୍ୟ ଷ୍ଟାଫ୍ ସାମିଲ ହୋଇଛନ୍ତି ।

## ଆସନ୍ତା ୨୨ ତାରିଖ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର, ୧୯/୯ (ନି.ପ୍ର): ଆସନ୍ତା ସେପ୍ଟେମ୍ବର ୨୨ ତାରିଖ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ସପ୍ତଦଶ ବିଧାନସଭାର ଚତୁର୍ଥ ଅଧିବେଶନ ବଳବତର ଥିବା ହେତୁ ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ଓ ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ପାଣ୍ଡିଆନ କୋଟେରୀକୁ ପୁଣି ଦେବାଶିଷଙ୍କ ବାଣ: ବାହାରିଲେ ପ୍ରଫୁଲ୍ଲ ଓ ଶ୍ରୀମୟୀଙ୍କ ସପକ୍ଷରେ

ଭୁବନେଶ୍ୱର, ୧୯/୯ (ନି.ପ୍ର): ପ୍ରଫୁଲ୍ଲ ମଲ୍ଲିକ ଓ ଶ୍ରୀମୟୀ ମିଶ୍ରଙ୍କୁ ନେଇ ବିଜେଡି ଦୁଇ ଫାଳ । ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ଆରୋପ ଓ ପ୍ରତ୍ୟାରୋପ ଜୋର । ପ୍ରଫୁଲ୍ଲ ଓ ଶ୍ରୀମୟୀଙ୍କ ସପକ୍ଷରେ ବାହାରିଲେ ଦେବାଶିଷ । ପରୋକ୍ଷରେ କହିଲେ ପାଣ୍ଡିଆନଙ୍କ କବଜାରେ ବିଜେଡି । ଏବେ ବି ସମୟ ଅଛି ନବୀନ ନିଅନ୍ତୁ ଦଳର ଦାୟିତ୍ୱ । ଆଜି ପୁଣି ଥରେ ଗଣମାଧ୍ୟମକୁ ଆସି ପ୍ରଫୁଲ୍ଲଙ୍କ ଉପରେ ଆକ୍ସନକୁ ନିନ୍ଦା କରିଛନ୍ତି



ବିଜେଡି ରାଜ୍ୟସଭା ସଦସ୍ୟ ଦେବାଶିଷ ସାମନ୍ତରାୟ । ହା ସହ ସେ କହିଛନ୍ତି ଶ୍ରୀମୟୀଙ୍କୁ ନିର୍ଯାତନା ଦେଲେ, ଅଣଦେଖା କଲେ । ଶ୍ରୀମୟୀ ଯେତେବେଳେ ଯାହା କହିଛନ୍ତି ଠିକ୍ କହିଛନ୍ତି । ଏନ ଭାସ୍କର ରାଓ ଦଳ ଛାଡ଼ିବା ବି ଗୁରୁତର ବୋଲି କହିଛନ୍ତି ଦେବାଶିଷ । ▶▶ପୃଷ୍ଠା ୭

## ରୁଷରେ ଭୂମିକମ୍ପ: ୭ ଦଶମିକ ୮ ତୀବ୍ରତାର ଝଟକାରେ ଥରିଲା ରୁଷ

ନୂଆଦିଲ୍ଲୀ,୧୯/୯ : ରୁଷରେ ଶକ୍ତିଶାଳୀ ୭ ଦଶମିକ ୮ ତୀବ୍ରତାର ଭୂମିକମ୍ପ । ଏଥିରେ ଘର, ଅନ୍ୟ ଉଚ୍ଚ ନିର୍ମାଣ, ଆସବାବପତ୍ର, ପାର୍କିଂ ଓ ରାସ୍ତାରେ ଗାଡ଼ିସବୁ ଦୋହଲି ଉଠିଥିଲା । ପରେ ଆଉ କେତେଥର ମଧ ଭୂମିକମ୍ପ ଝଟକା ଅନୁଭୂତ ହୋଇଥିଲା । ଏସବୁ ଛାତିଥରା ଦୃଶ୍ୟ କ୍ୟାମେରାରେ କଏଦ୍ ହୋଇଛି । ଏତେ ଶକ୍ତିଶାଳୀ ଭୂମିକମ୍ପ ଦେଖି ପ୍ରଥମେ ସୁନାମି ସତର୍କତା ଜାରି କରାଯାଇଥିଲା । ପରେ ସୁନାମି ସତର୍କତା ପ୍ରତ୍ୟାହାର କରି ନିଆଯାଇଛି । ତେବେ ଜୀବନ ହାନି ଓ ବିଶେଷ କ୍ଷୟକ୍ଷତିର



ସୂଚନା ମିଳିନାହିଁ । ମସ୍କୋର ପୂର୍ବ ଦିଗରେ୧୨୮ କିଲୋମିଟର ଦୂର କାମଚଟକା ଉପଦ୍ୱୀପ ଅଞ୍ଚଳରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା । ଗତ ଜୁଲାଇ ମାସରେ ମଧ ଏହି ଅଞ୍ଚଳରେ ଭୂମିକମ୍ପ ହୋଇଥିଲା ଓ ସୁନାମି ଆସିବା ଫଳରେ ଗୋଟିଏ ଗାଁର କିଛି ଅଂଶ ସୁମୁଦ୍ରରେ ଲୀନ ହୋଇଯାଇଥିଲା । ପୂର୍ବରୁ ଆଫିଗାନିସ୍ତାନ ଓ ତୁର୍କିରେ ଭୂମିକମ୍ପ ହୋଇ ବ୍ୟାପକ ଧନ ଜୀବନ ହାନି ହୋଇଥିବା ବେଳେ ରୁଷରେ ଭୂମିକମ୍ପ ନେଇ ଆଗୁଆ ସତର୍କତା ଓ ସୁଦୃଢ଼ ମୁକାବିଲା ବ୍ୟବସ୍ଥା ଥିବାରୁ କ୍ଷୟକ୍ଷତି ହୋଇ ନଥିବା କୁହାଯାଉଛି ।

## ବିହାରର ରଫିଗଞ୍ଜ ଆସନ: ଏଥର କିଏ ମାରିବ ବାଜି ?

ନୂଆଦିଲ୍ଲୀ,୧୯/୯ :ଏବେ ବିହାର ରାଜନିତୀ ଦେଶରେ ଟ୍ରେଣ୍ଡିଂରେ ରହିଛି । ଏଥର ବିଧାନସଭା ନିର୍ବାଚନର ହେଭି-ୱେଟ ସିଟ୍ 'ରଫିଗଞ୍ଜ ' ଉପରେ ନଜର ରହିବ । ଏହି ଆସନରେ କଣ ରହିଛି ସମୀକରଣ ? କିଏ ମାରିବ ବାଜି ଏବଂ ଆଗରୁ ଏ ଆସନରେ କିଏ କେତେ ଥର ମାରିଥିଲା ବାଜି, ତାହାକୁ ନେଇ ଏବେଠୁ ଆଲୋଚନା ଆରମ୍ଭ ହେଲାଣି । ବିହାରର ରଫିଗଞ୍ଜ ବିଧାନସଭା ଆସନ । ଏହି ଆସନର ବର୍ତ୍ତମାନର ବିଧାୟକ ହେଉଛନ୍ତି



ଆରଜେଡିର ମହମ୍ମଦ ନେହାଲୁଦ୍ଦିନ । ବିହାରରେ ଖୁବଶୀଘ୍ର ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ଯେକୌଣସି ସମୟରେ ତାରିଖ ଘୋଷଣା ହୋଇପାରେ । ନିର୍ବାଚନ ତାରିଖ ଘୋଷଣା ହେବା ପୂର୍ବରୁ ରାଜନୈତିକ ତାପମାତ୍ରା ଏବେ ଠାରୁ ଅଧିକ । ଆସନ ବଣ୍ଟନକୁ ନେଇ ଦୁଇ ପ୍ରମୁଖ ମେଣ୍ଟ ମଧ୍ୟରେ ବିବାଦ ଜାରି ରହିଛି । ଔରଙ୍ଗାବାଦ ବିହାରର ୩୮ ଟି ଜିଲ୍ଲା ମଧ୍ୟରୁ ଗୋଟିଏ । ▶▶ପୃଷ୍ଠା ୭

## ବିଜେଡି ନେତାଙ୍କୁ ଉଠାଇନେଲା କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ

କଟକ, ୧୯/୯ (ନି.ପ୍ର): ବିଜେଡି ନେତା ଦିଲ୍ଲୀପ ନାୟକଙ୍କୁ ଉଠାଇନେଲା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା । ବାଦାମବାଡ଼ି ଘରେ ପ୍ରେରଥମେ ପଶି ରେଡ୍ କଲା ପରେ ଉଠାଇନେଇଛି ଇଓଡବ୍ଲ୍ୟୁ । ଏକ ଜମିଜମା ମାମଲାରେ ଖୋଳତାଡ କରି ତାଙ୍କୁ ଅଧିକ ଜେରା ପାଇଁ ଉଠାଇ ନେଇଥିବା ଚରକଚକଟା ହେଉଛି । ତେବେ ଏନେଇ କ୍ରାଇମବ୍ରାଞ୍ଚର କୌଣସି ଅଧିକାରୀ ମୁହଁ ଖୋଲି ନାହାନ୍ତି । ଶୁକ୍ରବାର ଅପରାହ୍ନରେ ପ୍ରଥମେ ଘରକୁ ଯାଇ ପଚରାଉଚରା କରିଥିଲା ଟିମ । ଏହାପରେ କାଗଜପତ୍ର ଯାଞ୍ଚ ପରେ ତାଙ୍କୁ ଉଠାଇନେଇଥିଲା .ଟିମ୍ । ଗତ ୨୦୨୪ ନିର୍ବାଚନରେ ପୁରୀ ଜିଲ୍ଲା ନିମାପଡ଼ା ବିଧାନସଭା ଆସନରେ ବିଜେଡିର ବିଧାୟକ ପ୍ରାର୍ଥୀ ଥିଲେ ଦିଲ୍ଲୀପ । ତେବେ କ୍ରାଇମବ୍ରାଞ୍ଚ ନିଜ ହେପାଜତକୁ ନେବା ସମୟରେ ଦିଲ୍ଲୀପ ପ୍ରତିକ୍ରୀୟା ରଖି କହିଛନ୍ତି, ରାଜନୈତିକ ଆକ୍ରୋଶରୁ ଏଭଳି ପଦକ୍ଷେପ । ପୂର୍ବରୁ ଦିଲ୍ଲୀପଙ୍କ କାର୍ଯ୍ୟକଳାପ ଉପରେ ନଜର ରଖିଥିଲା କ୍ରାଇମବ୍ରାଞ୍ଚ । ଏପରିକି ସେ ଦୀର୍ଘଦିନ ଧରି ସ୍କାନରରେ ରହି ଆସିଥିଲେ । ୨୦୧୯ରେ କଂଗ୍ରେସରୁ ଟିକଟ ପାଇ ଲଢିଥିଲେ । ଏହାପରେ ସେ ବିଜେପିରେ ସାମିଲ ହୋଇଥିଲେ ।

# ସେଲ୍, ରାଉରକେଲା ଇସ୍ପାତ କାରଖାନା - ଓଡ଼ିଶାର କଳା, ସଂସ୍କୃତି, ସାହିତ୍ୟ ଏବଂ ଐତିହ୍ୟ ପ୍ରତି ପ୍ରତିବଦ୍ଧ



ରାଉରକେଲା, ୧୯/୦୯ (ନି.ପ୍ର): ୧୯୫୦ ଦଶକରେ ପ୍ରତିଷ୍ଠା ହେବା ପରଠାରୁ, ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଓଡ଼ିଶାର କଳା, ସଂସ୍କୃତି, ସାହିତ୍ୟ, ଭାଷା ଏବଂ ଐତିହ୍ୟକୁ ସଂରକ୍ଷଣ, ପ୍ରୋତ୍ସାହନ ଏବଂ ପରିପୋଷଣ କରିବା ପାଇଁ ଏହାର ପ୍ରତିବଦ୍ଧତାରେ ଅଟଳ ରହିଆସିଛି। ଏକ ଦାୟିତ୍ୱଶୀଳ କର୍ପୋରେଟ୍ ସଂସ୍ଥା ଭାବରେ ଇସ୍ପାତ କାରଖାନା 'ଓଡ଼ିଆ ଅସ୍ମିତା' ବା ଓଡ଼ିଶା ରାଜ୍ୟ ସହିତ ଜଡିତ ଗର୍ବ ଏବଂ ସ୍ୱାଭିମାନକୁ ଅକ୍ଷୁର୍ଣ୍ଣ ରଖିବା କ୍ଷେତ୍ରରେ ଏକ ଅତୁଳନୀୟ ଐତିହ୍ୟ ସୃଷ୍ଟି କରିଛି।

ଗତ ଷାଠିଏ ବର୍ଷ ମଧ୍ୟରେ, ଏହାର କ୍ଷମତା, ଗୁଣବତ୍ତା ଏବଂ ଉତ୍ପାଦ ପରିସରରେ ବୃଦ୍ଧିର ସମତାଳରେ ଇସ୍ପାତ କାରଖାନା ଓଡ଼ିଶାର କଳା ଏବଂ କଳାକାରମାନଙ୍କୁ ବିକଶିତ ଓ ପ୍ରସ୍ଫୁଟିତ ହେବା ପାଇଁ ଏକ ସମୃଦ୍ଧ ଆଧାର ପ୍ରଦାନ କରିଛି। ଇସ୍ପାତ ସହରର ସ୍ପନ୍ଦନଶୀଳ ସାଂସ୍କୃତିକ ପରିବେଶ ମଧ୍ୟରେ ଉଦୀୟମାନ କଳାକାର ଏବଂ କଳା ପ୍ରବୀଣମାନଙ୍କୁ ଜାତୀୟ ଏବଂ ଅନ୍ତର୍ଜାତୀୟ ଜଗତରେ ପରିଚୟ ଏବଂ ଖ୍ୟାତି ଅର୍ଜନ କରିବା ପାଇଁ ଉପଯୁକ୍ତ ମଞ୍ଚ ମିଳିଛି।

ଇସ୍ପାତ କାରଖାନା ଏକ ସ୍ପନ୍ଦନଶୀଳ ସାଂସ୍କୃତିକ କ୍ୟାଲେଣ୍ଡର କାର୍ଯ୍ୟକାରୀ କରୁଛି ଯାହା କଳା ଏବଂ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ସହିତ ଓଡ଼ିଶାର ଋଦ୍ଧିମନ୍ତ ସଂସ୍କୃତି ଓ ପରମ୍ପରାକୁ ଅନୁବନ୍ଧିତ କରିଛି । ସ୍ୱାଧୀନତା ଦିବସ, ଗଣତନ୍ତ୍ର ଦିବସ କିମ୍ବା ଗାନ୍ଧୀ ଜୟନ୍ତୀ ପରି ଜାତୀୟ ଦିବସ ପାଳନ ହେଉ, କିମ୍ବା ମହତ୍ତ୍ୱପୂର୍ଣ୍ଣ ଲୋକପର୍ବ ରଜ ଉତ୍ସବ, କୁମାର ଉତ୍ସବ, ଉତ୍କଳ ଦିବସ, କିମ୍ବା ସେଲ୍ ପ୍ରତିଷ୍ଠା ଦିବସର ପାଳନ ପାଇଁ ଅନୁଷ୍ଠିତ ବ୍ୟାପକ କାର୍ଯ୍ୟକ୍ରମ, ପ୍ରତ୍ୟେକ ଅବସରର ପରମ୍ପରା ଏବଂ ଐତିହ୍ୟକୁ ସଂରକ୍ଷଣ କରିବାର ଏକ ଅଲିଖିତ ସଂକଳ୍ପ ସହିତ ପାଳନ କରାଯାଇଥାଏ । ସିନର୍ଜି ଲୋକ ସଂସ୍କୃତି ଉତ୍ସବ ଇସ୍ପାତ ସହରର କ୍ୟାଲେଣ୍ଡରରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରେ, କାରଣ ଏହା ଓଡ଼ିଶାର ସ୍ପନ୍ଦନଶୀଳ ଆଦିବାସୀ ଲୋକନୃତ୍ୟ ଏବଂ ପରମ୍ପରାକୁ ପ୍ରତିଫଳିତ କରିଥାଏ।

ପ୍ରତ୍ୟେକ ଉତ୍ସବ ସହ ଯୋଡି ହୋଇରହିଥିବା ନିଆରା ପ୍ରଥା, ରୀତିନୀତିର ସୁଗନ୍ଧରେ ଏହାର ପରିବେଶକୁ ଆହ୍ଲାଦିତ କରେ ଯାହା ବୟସ୍କମାନଙ୍କୁ ସ୍ମୃତିର ଭାବନାରେ ଆବଦ୍ଧ କରୁଥିବା ବେଳେ ଯୁବପିଢ଼ିଙ୍କୁ ସଂସ୍କୃତିର ମୂଳ ସହ ନିବିଡ ରୂପେ ଯୋଡିବାର ଏକ ଉପାୟ ମଧ୍ୟ ହୋଇଥାଏ।

ରାଉରକେଲା ଇସ୍ପାତ କାରଖାନା ମଧ୍ୟ ଇସ୍ପାତ ସହରରେ ଏକ ସମୃଦ୍ଧ ସାଂସ୍କୃତିକ ପରିବେଶ ସୃଷ୍ଟି ପାଇଁ ଅନେକ ସାମାଜିକ-ସାଂସ୍କୃତିକ ସଂଗଠନକୁ ନିରବଚ୍ଛିନ୍ନ ସମର୍ଥନ ଯୋଗାଇ ଆସୁଛି। କିଶୋର ଏବଂ ବୟସ୍କଙ୍କ ଦ୍ୱାରା ନାଟକ ମହୋତ୍ସବର ଆୟୋଜନ, କବିତା ପାଠୋତ୍ସବ ଅଧିବେଶନ, ନୃତ୍ୟ ଏବଂ ସଙ୍ଗୀତ ସମାରୋହ ଯାହା ଆରଏସପି ଦ୍ୱାରା ଆୟୋଜିତ କିମ୍ବା ପୃଷ୍ଠପୋଷକତା କରାଯାଇ ଆସୁଛି, ଗତ ଅନେକ ଦଶନ୍ଧି ଧରି ସଂସ୍କୃତି ପ୍ରେମୀ ରାଉରକେଲା ସହର ବାସୀଙ୍କୁ ମୋହିତ କରିଆସୁଛି। ଇସ୍ପାତ କାରଖାନା ନ୍ୟାସନାଲ୍ ସ୍କୁଲ୍ ଅଫ୍ ଡ୍ରାମା ଏବଂ ସଙ୍ଗୀତ ନାଟକ ଏକାଡେମୀ ଭଳି ସମ୍ମାନଜନକ ସାଂସ୍କୃତିକ ପ୍ରତିଷ୍ଠାନ ସହିତ ସହଭାଗିତା କରି ରାଉରକେଲାରେ ବିବିଧ କାର୍ଯ୍ୟକ୍ରମର ଆୟୋଜନ କରୁଛି ଯେପରିକି ଇସ୍ପାତ ସହରର ସାଂସ୍କୃତିକ ଦିଗନ୍ତକୁ ସମୃଦ୍ଧ ଏବଂ ବିସ୍ତାର କରାଯାଇପାରିବ।

ଅନେକ ସାଂସ୍କୃତିକ ସଂଗଠନକୁ ଜମି ଏବଂ ବାସସ୍ଥାନ ଯୋଗାଇବା ସମେତ ଆରଏସପି ଏହି ପ୍ରତିଷ୍ଠାନଗୁଡ଼ିକୁ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ମହୋତ୍ସବର ଆୟୋଜନ କରିବା ସହିତ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମଧ୍ୟ ସହଯୋଗ ପ୍ରଦାନ କରିଆସୁଛି। ଉଲ୍ଲେଖନୀୟ ଯେ, ଆରଏସପି କେବଳ ଆର୍ଥିକ ସହାୟତା ପ୍ରଦାନ କରେ ନାହିଁ, ବରଂ କଳାକାର ଏବଂ ସାଂସ୍କୃତିକ ସଂଗଠନ ଦ୍ୱାରା ବ୍ୟବହାର ପାଇଁ ଅଡିଟୋରିୟମ୍, ସୋସିଆଲ ହୋମ, କମ୍ୟୁନିଟି ସେଣ୍ଟର, କ୍ଲବ୍, ପଢ଼ିଆ ଏବଂ ଅତିଥି ଗୃହ ଭଳି ଭିତ୍ତିଭୂମି ମଧ୍ୟ ଉପଲବ୍ଧ କରାଉଛି। ସହରର ସାଂସ୍କୃତିକ ଭିତ୍ତିଭୂମି ଥିବା ସିଭିକ୍ ସେଣ୍ଟରକୁ ୨୦୨୪ ମସିହାରେ ଆରଏସପି ଦ୍ୱାରା ସମ୍ପୂର୍ଣ୍ଣ ନବୀକରଣ ଏବଂ ଆଧୁନିକୀକରଣ କରାଯାଇ ଏହାକୁ ଏକ ଅତ୍ୟାଧୁନିକ ଅଡିଟୋରିୟମରେ ପରିଣତ କରାଯାଇଛି ଯାହା ଏହାର ମହତ୍ତ୍ୱକୁ ଆହୁରି ବୃଦ୍ଧି କରିଛି । ସେହିପରି ଭଞ୍ଜ ସାଂସ୍କୃତିକ ପରିସରକୁ ଦଖଲକୁ ନେବା ପରେ ସମ୍ପ୍ରତି ଏହାର ବ୍ୟାପକ ମରାମତି, ନବୀକରଣ ଏବଂ ଆଧୁନିକୀକରଣ ସହିତ ଏହାକୁ ଦେଶର ଏକ ପ୍ରମୁଖ ସାଂସ୍କୃତିକ କେନ୍ଦ୍ରରେ ପରିଣତ କରିବା ପାଇଁ ଯୋଜନା ଚାଲିଛି।

ଓଡ଼ିଶାର 'ଶିଳ୍ପ କୋଣାର୍କ' ଭାବରେ ପରିଚିତ ରାଉରକେଲା ଇସ୍ପାତ କାରଖାନା ଓଡ଼ିଶାର ଗୌରବମୟ ପରମ୍ପରା ଏବଂ ଐତିହ୍ୟକୁ ନୂତନ ସୋପାନକୁ ନେବା ପାଇଁ ସମସ୍ତ ପ୍ରକାରର ପ୍ରୟାସ କରିଆସୁଛି। ରାଉରକେଲା ଇସ୍ପାତ କାରଖାନାର ପ୍ରତିବଦ୍ଧତା ଏବଂ ସଂସ୍କୃତି ପ୍ରତି ରାଉରକେଲାବାସୀଙ୍କ ପ୍ରେମ ଯୋଗୁଁ, ଆଜି ରାଉରକେଲା ରାଜ୍ୟରେ ସଂସ୍କୃତିର ଅନ୍ୟତମ ପେଣ୍ଠସ୍ଥଳୀ ଭାବରେ ଉଭା ହୋଇଛି।

# ବାଲେଶ୍ୱର ଜିଲ୍ଲାରେ କୃଷି ଓ ବୈଷୟିକ ଉଚ୍ଚ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଦାବିରେ ବିଭିନ୍ନ ସଂଗଠନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଦାବିପତ୍ର

ବାଲେଶ୍ୱର, ୧୯/୦୯ (ନି.ପ୍ର): : ବାଲେଶ୍ୱର ଜିଲ୍ଲାରେ ଏକ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ଦାବିରେ ଗୁରୁବାର ଦିନ ପୂର୍ବାହ୍ନରେ ବାଲେଶ୍ୱରର ବିଭିନ୍ନ ଗଣସଂଗଠନ, ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ ସଂଗଠନ, କୃଷକ ସଂଗଠନ, ଶ୍ରମିକ ସଂଗଠନ ଓ ଶତାଧିକ ବୁଦ୍ଧିଜୀବୀମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂହଙ୍କୁ ସାକ୍ଷାତ କରି ନିଜସ୍ୱ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଦୀର୍ଘ ୪ ବର୍ଷ ଧରି ଲଗାତର ଭାବେ କୃଷି ଓ ବୈଷୟିକ ଉଚ୍ଚ ଶିକ୍ଷାନୁଷ୍ଠାନ ଏବଂ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ଜିଲ୍ଲାବାସୀ ଦାବି କରିଆସିଛନ୍ତି। ବାଲେଶ୍ୱର ଜିଲ୍ଲାରେ ଏହି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ନିମନ୍ତେ ସମସ୍ତ ଭିତ୍ତିଭୂମି ରହିଥିବାରୁ ସମସ୍ତ ରାଜନୈତିକ ଦଳ ଏଥିପାଇଁ ସର୍ବସମ୍ମତ ଭାବେ ସହମତି ପ୍ରକାଶ କରି ସରକାରଙ୍କଠାରେ ଦାବି କରିଆସୁଛନ୍ତି। ଗତ ୪ବର୍ଷ ତଳେ ବିଭିନ୍ନ ବର୍ଗର ଜନଗଣଙ୍କୁ ନେଇ 'ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତି' ନାମରେ ଏକ ସଂଗଠନ କାର୍ଯ୍ୟ କରୁଅଛି। ଏହି ସମିତି ସମସ୍ତ ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ମଧ୍ୟ ଜନସାଧାରଣଙ୍କୁ ସଂଗଠିତ କରି ଦାବିହାସଲ ପାଇଁ ଗଣତାନ୍ତ୍ରିକ ଧାରାରେ ବିଭିନ୍ନ ପର୍ଯ୍ୟାୟରେ ଦାବି କରିଆସୁଛନ୍ତି। ଗୁରୁବାରଦିନ ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ ବେଳେ ପଞ୍ଚାୟତ ଓ ବ୍ଲକ୍ ସ୍ତରରୁ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ଜିଲ୍ଲା କ୍ରିୟାନୁଷ୍ଠାନ ସମିତିର ସଭାପତି ଡ. କେଶବ ଚରଣ ପଣ୍ଡା, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା ଓ ସଂପାଦକ ଅଭୟ କୁମାର ମିଶ୍ରଙ୍କ ସମେତ ବିଭିନ୍ନ ସଂଗଠନର ପ୍ରମୁଖ କର୍ମକର୍ତ୍ତାମାନେ ଅତିରିକ୍ତ ଜିଲ୍ଲାପାଳଙ୍କ ସହ ସାକ୍ଷାତ ଆଲୋଚନା କରି ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ହେଲେ କୃଷକମାନେ ଉନ୍ନତ ଓ ଅତ୍ୟାଧୁନିକ ପ୍ରଣାଳୀରେ ବିଭିନ୍ନ କୃଷିସାମଗ୍ରୀ ଉତ୍ପାଦନ କରିପାରିବେ ବୋଲି ଜଣାଇଥିଲେ। ଜିଲ୍ଲାରେ ଥିବା କୃଷକ ପରିବାରର ଯୁବବର୍ଗ ଚାଷପ୍ରତି ଅଧିକ ଆଗ୍ରହ ପ୍ରକାଶ କରିବେ ବୋଲି ସେମାନେ ପ୍ରକାଶ କରିଥିଲେ। ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ ସରପଞ୍ଚ ଓ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା ଏହି ଆଲୋଚନା ବେଳେ ଉପସ୍ଥିତ ଥିଲେ। ଜିଲ୍ଲା କ୍ରିୟାନୁଷ୍ଠାନ ସମିତି ସମେତ ବାଲେଶ୍ୱର ସିଭିଲ୍ ସୋସାଇଟି, ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି, ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ, ଏଆଇଟିୟୁସି, ସିଆଇଟିୟୁ, ଜିଲ୍ଲା ରକ୍ତଦାତା ସଂଘ, ବାଲେଶ୍ୱର ଓକିଲ ସଂଘ, ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ, ଆମ୍ବେଦକର ବିକାଶ ପରିଷଦ, ରିକ୍ସା ଚାଳକ ସଂଘ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଉତ୍କଳ ମହିଳା ସମିତି, ରେମୁଣା କ୍ଷୀରଚୋରା ଗୋପୀନାଥ ଉନ୍ନୟନ ପରିଷଦ, ମାରାଂବୁରୁ ଆଦିବାସୀ ଓ ଦଳିତ ଲୋକମଞ୍ଚ, ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ, ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ଆସୋସିଏସନ୍, ରୋଟାରୀ କ୍ଲବ୍, ଟିୟୁଏସିସି, ଜୀବନ ସଂଗ୍ରାମ ସାରସ୍ୱତ ଟ୍ରଷ୍ଟ, ରୟାଲ୍ ଟ୍ରଷ୍ଟ, ବ୍ୟାସକବି ନଗର ବିକାଶ ପରିଷଦ, ବାଲେଶ୍ୱର କୃଷକ ସଂଘ, ବୃନ୍ଦାବତୀ ବିହାର ବିକାଶ ପରିଷଦ, ମହୁରୀର ସଂଘ, ଇଞ୍ଜିନିୟର୍ସ ଫୋରମ୍, ଜଉକଣ୍ଢେଇ ବାହାଘର ଓ ଉତ୍ସବ କମିଟି, ସ୍ୱାଧୀନତା ସଂଗ୍ରାମୀ ଯୁବସଂଘ, ବିଧୁଭୂଷଣ ସ୍ମୃତି ପରିଷଦ, ରାଜଘାଟ ଗ୍ରାମାଞ୍ଚଳ ବିକାଶ ପରିଷଦ, ରେମୁଣା ସ୍ୱାଭିମାନ ମଞ୍ଚ, ଉଠା ଜଳସେଚନ କର୍ମଚାରୀ ସଂଘ, ଅରୁଣ ଦେ ସ୍ମୃତି ପରିଷଦ, ଫକୀରମୋହନ ମହାବିଦ୍ୟାଳୟ ପୁରାତନ ଛାତ୍ରସଂଘ, ସାଇ ନୃତ୍ୟସଂଗୀତ ମହାବିଦ୍ୟାଳୟ, ନିଖିଳ ଓଡ଼ିଶା ସମବାୟ ବ୍ୟାଙ୍କ୍ କର୍ମଚାରୀ ସଂଘ, ସହାୟକ, ଜାଗ୍ରତ ନାରୀସଂଘ, ଇନ୍‌ଟାକ୍, ଚନ୍ଦ୍ରଭାଗା ଓ ନିଖିଳ ଓଡ଼ିଶା ମତ୍ସ୍ୟଖାଦ୍ୟ ବ୍ୟବସାୟୀ ଓ ରପ୍ତାନକାରୀ ସଂଘ ପ୍ରଭୃତି ସଂଗଠନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଚଳିତ ବିଧାନସଭା ଅଧିବେଶନ ସମୟରେ ଯଦି ରାଜ୍ୟ ସରକାର ବାଲେଶ୍ୱରବାସୀଙ୍କ ଦାବିପ୍ରତି ସୁବିଚାର ନ କରନ୍ତି ତେବେ ଆଗାମୀ ଦିନରେ ଜିଲ୍ଲାବ୍ୟାପୀ ବ୍ୟାପକ ଜନ ଆନ୍ଦୋଳନ ହେବ ବୋଲି କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ସମିତି ପକ୍ଷରୁ କୁହାଯାଇଛି।

## ସ୍ଥାନାନ୍ତର ହେବ ନାଟମଣ୍ଡପ ହୁଣ୍ଡି

ପୁରୀ, ୧୯/୦୯ (ନି.ପ୍ର): ଶ୍ରୀମନ୍ଦିର ନାଟମଣ୍ଡପ ସ୍ଥିତ ହୁଣ୍ଡିକୁ ଠିକଣା ସ୍ଥାନକୁ ସ୍ଥାନାନ୍ତର ପ୍ରସ୍ତାବକୁ ବିଧିବଦ୍ଧ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି କ୍ଷ ଏଥି ସହିତ ନାଟମଣ୍ଡପରେ ଆଉ ଏକ ନୂତନ ହୁଣ୍ଡି ମଧ୍ୟ ସ୍ଥାପନ ସକାଶେ ମୁଖ୍ୟମନ୍ତ୍ରୀ ଅନୁମୋଦନ ପ୍ରଦାନ କରିଛନ୍ତି କ୍ଷ ଏନେଇ ରାଜ୍ୟ ଆଇନ୍ ବିଭାଗ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଯାଇଛି କ୍ଷଶ୍ରୀଜଗନ୍ନାଥ ମନ୍ଦିର ଆଇନ ଧାରା ୨୮ -ବି (୧ ) ଏବଂ ଶ୍ରୀଜଗନ୍ନାଥ ମନ୍ଦିର ହୁଣ୍ଡି ତଥା ମୂଳପାଣ୍ଠି ଧାରା- ୧୯୮୩ ର ଧାରା ୩ ଅନୁସାରେ ଏହି ଅନୁମୋଦନ ପ୍ରଦାନ କରାଯାଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ଅବଗତ କରାଯାଇଛି କ୍ଷ ନାଟମଣ୍ଡପରେ ପ୍ରସ୍ତାବିତ ଦର୍ଶନ ବ୍ୟବସ୍ଥା ପାଇଁ ହୁଣ୍ଡି ସ୍ଥାନାନ୍ତର ଆବଶ୍ୟକ ଥିବାବେଳେ ନବଗଠିତ ପରିଚାଳନା କମିଟି ଏହାର ପ୍ରଥମ ବୈଠକରେ ପ୍ରସ୍ତାବ ଗ୍ରହଣ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ସକାଶେ ରାଜ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରାଯାଇଥିଲା।

# ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ



ବୈଶିଙ୍ଗା , ୧୯/୦୯ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଆର୍ଥିକ ସାକ୍ଷରତା ସମ୍ପର୍କିତ କାର୍ଯ୍ୟକ୍ରମ 'ସଖି' ଅନୁଷ୍ଠିତ ହୋଇ ଯାଇଛି। ଏସ ଏମ୍ ଏଫ୍ ଜି ଗ୍ରାମ୍ୟ ଶକ୍ତି ବ୍ୟାଙ୍କ ଓ ଯୁବ ବିକାଶ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ କୁ ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନା ଉଦଘାଟନ କରିଥିଲେ। ଜିଲ୍ଲା କମ୍ୟୁନିଟି ପ୍ରଶିକ୍ଷକ ଜିତେନ୍ଦ୍ର କୁମାର ମହାନ୍ତ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବରେ ଯୋଗଦେଇ ଛାତ୍ର ଛାତ୍ରୀ, ମହିଳା ମାନେ କିଭଳି ବିଭିନ୍ନ ବ୍ୟାଙ୍କ, ପୋଷ୍ଟ ଅଫିସରେ ସହଜରେ ଜମା ଖାତା ଖୋଲି ପାରିବେ ସେ ସମ୍ପର୍କରେ ବହୁ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ। ଏତଦ୍ ବ୍ୟତୀତ ଛାତ୍ର ଛାତ୍ରୀ, ମହିଳା ମାନେ କିଭଳି ବିମା, ସଂଚୟ କ୍ଷେତ୍ରରେ ସଠିକ୍ ଭାବେ ଅର୍ଥ ବିନିଯୋଗ କରି ଯଥେଷ୍ଟ ଲାଭବାନ ହୋଇ ପାରିବେ ସେ ସମ୍ବନ୍ଧରେ ଦିଗଦର୍ଶନ ଦେଇଥିଲେ। ଏହା ଛଡା ଛାତ୍ର ଛାତ୍ରୀ ମାନେ କିଭଳି ସାଇବର କ୍ରାଇମ ରୁ ନିଜକୁ ରକ୍ଷା ପାଇବେ ସେ ସମ୍ପର୍କରେ ବିଶଦ ବିବରଣୀ ପ୍ରଦାନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ରୀ ନିରଂଜନ ବାରିକ୍, ବଂଶୀଧର ଗିରି, ତରଣିକାନ୍ତ ମହାନ୍ତ, ହରେକୃଷ୍ଣ ମହାନ୍ତ, ଶୁଭାଶିଷ ପଣ୍ଡା ଓ ଶୁଭବନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ବୀମା, ସଂଚୟ ଓ ବିଭିନ୍ନ ଯୋଜନାରେ ଅର୍ଥ ବିନିଯୋଗ ସଂପର୍କରେ ବହୁ ଉପାଦେୟ ତଥ୍ୟ ଉପସ୍ଥାପନ କରି ସଚେତନତା ସୃଷ୍ଟି କରିଥିଲେ। ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଆର୍ଥିକ ସାକ୍ଷରତା ସମ୍ପର୍କିତ କୁଇଜ୍ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ଥିଲା। ବିଦ୍ୟାଳୟର ଶିକ୍ଷକ ଶ୍ରୀ ଶୁଭାଶିଷ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ଶିକ୍ଷକ ଶୁଭବନ୍ତ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଦୁର୍ଗାପୂଜା ପରେ ବିର୍ଲା ଟାୟାର୍ସର ଶ୍ରମିକମାନଙ୍କର ଲଗାତର ଆନ୍ଦୋଳନ ପାଇଁ ନିଷ୍ପତ୍ତି



ବାଲେଶ୍ୱର, ୧୯/୦୯ (ନି.ପ୍ର): ବିର୍ଲା ଟାୟାର୍ସ କାରଖାନାରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଥିବା ଶ୍ରମିକ କର୍ମଚାରୀଙ୍କୁ ନୂତନ ମାଲିକ କାରଖାନାରେ ନିଯୁକ୍ତି ଦେଉନାହାନ୍ତି କିମ୍ବା ପ୍ରଚଳିତ ଆଇନ ଅନୁଯାୟୀ ସେମାନଙ୍କ ନ୍ୟାଯ୍ୟ ପ୍ରାପ୍ୟ ପ୍ରଦାନ କରୁନାହାନ୍ତି। ଶ୍ରମିକମାନଙ୍କର ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ ପରେ ଓ ରାଜ୍ୟ ସ୍ତରରେ ଉଚ୍ଚ ସରକାରୀ ଅଧିକାରୀଙ୍କ ନିର୍ଦ୍ଦେଶକୁ ଜିଲ୍ଲା ପ୍ରଶାସନ ଏବଂ ଶ୍ରମବିଭାଗ ସଠିକ୍ କାର୍ଯ୍ୟକାରୀ କରୁନାହାନ୍ତି। କାରଖାନାର ନୂତନ ଯୁଗ୍ମ ମାଲିକ ପ୍ରଚଳିତ ଆଇନଗୁଡ଼ିକୁ ଫାଙ୍କିଦେବାକୁ ଉଦ୍ୟମ କରୁଥିବାର ଅଭିଯୋଗ ହେଉଛି। କାରଖାନାରେ ନିଯୁକ୍ତି କିମ୍ବା ବାକିଆ ପ୍ରାପ୍ୟ ନପାଇବାରୁ ବହୁ ଶ୍ରମିକ ପରିବାର ବହୁ ଦୁଃଖ କଷ୍ଟରେ କାଳାତିପାତ କରୁଛନ୍ତି। ବାଲେଶ୍ୱରର ଶ୍ରମିକ କର୍ମଚାରୀମାନଙ୍କ ମିଳିତ ମଞ୍ଚ ଟିୟୁଏସିସି ପକ୍ଷରୁ ଏହି ଶ୍ରମିକମାନଙ୍କ ସମସ୍ୟା ସମାଧାନ ପାଇଁ ଲଗାତର ଉଦ୍ୟମ ହୋଇଆସୁଛି। ବୁଧବାର ସନ୍ଧ୍ୟାରେ ଟିୟୁଏସିସି ପକ୍ଷରୁ ଉଠାଜଳସେଚନ କର୍ମଚାରୀ ଭବନରେ ଏଥିପାଇଁ ଏକ ବୈଠକ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଶ୍ରମମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ, ଏଆଇଟିୟୁସି ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀ, ଟିୟୁଏସିସି ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ଓ ବିର୍ଲା ଶ୍ରମିକ ମିଳିତ ମଞ୍ଚର ଆବାହକ ସତ୍ୟନାରାୟଣ ଆଚାର୍ଯ୍ୟ ପ୍ରମୁଖ ବିର୍ଲା ଟାୟାର୍ସ ଶ୍ରମିକମାନଙ୍କ ଦାବି ଓ ଆନ୍ଦୋଳନ ସଂପର୍କରେ ବିଶଦ ଆଲୋଚନା କରିଥିଲେ। ଚଳିତ ବିଧାନସଭା ଅଧିବେଶନରେ ଦଳମତ ନିର୍ବିଶେଷରେ ବାଲେଶ୍ୱର ବିଧାୟକମାନେ ଶ୍ରମିକମାନଙ୍କ ସମସ୍ୟା ଉପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଅନୁରୋଧ କରାଯାଇଛି। ଆସନ୍ତା ଦୁର୍ଗାପୂଜା ପରେ ଭୁବନେଶ୍ୱରରେ ଶ୍ରମ କମିଶନରଙ୍କ ଦପ୍ତର ସମ୍ମୁଖରେ ଶ୍ରମିକମାନେ ସପରିବାର ଗଣଧାରଣାରେ ବସିବାକୁ ଓ ଏହା ପୂର୍ବରୁ ବାଲେଶ୍ୱର ସ୍ଥିତ ଭବିଷ୍ୟନିଧି ଦପ୍ତର ସମ୍ମୁଖରେ ଗଣଧାରଣା ଓ ବିକ୍ଷୋଭ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଶ୍ରମିକ ସାଥୀମାନେ ଅଧିକ ସଂଗଠିତ ହେବାକୁ ଶ୍ରମିକ ନେତାମାନେ ଆହ୍ୱାନ ଦେଇଛନ୍ତି। ଦୁକୁଲ ଘଡ଼ାଇ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ପୁଣି ଥରେ ବୁକ ଅଫ ରେକର୍ଡ଼ରେ କୃତିତ୍ୱ ଅର୍ଜନ କଲେ ସାନଭି

କୋରେଇ, ୧୯/୦୯ (ନି.ପ୍ର): ଯାଜପୁର ଜିଲ୍ଲା କୋରାଇ ବ୍ଲକ ଅନ୍ତର୍ଗତ ପଥରପଦା ପଂଚାୟତର ଦାମୋଦରପୁର ଗ୍ରାମର ବାସିନ୍ଦା ଗିରିଜା ପ୍ରସାଦ ପ୍ରଧାନ ଓ ପ୍ରଜ୍ଞା ପାରମିତାଙ୍କ ୫ ବର୍ଷର ଝିଅ ସାନଭି ପୁଣି ଥରେ ବୁକ ଅଫ ୱାଲ୍ଡ ରେକର୍ଡ଼ସରେ କୃତିତ୍ୱ ଅର୍ଜନ କରିଛନ୍ତି। ସାନଭି ପୂର୍ବରୁ ମାତ୍ର ୬ ମିନିଟ୍ ୪୨ ସେକେଣ୍ଡରେ ଅନଲାଇନରେ ପଚରା ଯାଇଥିବା ୧୦୦ଟି ସାଧାରଣ ଜ୍ଞାନର ଉତର ନିର୍ଭୁଲ ଭାବେ ଦେଇ ବୁକ୍ ଅଫ ରେକର୍ଡ଼ସରେ ସ୍ଥାନ ପାଇଥିବା ବେଳେ ପୁଣି ଥରେ ଏସିଆନ ଦେଶ ଗୁଡ଼ିକର ସମସ୍ତ ଜାତୀୟ ପତାକାର ନାମ ଓ ଡ଼ିଜାଇନର ଉତର ନିର୍ଭୁଲ ଭାବେ ଦେଇ କୃତିତ୍ୱ ଅର୍ଜନ କରିଛନ୍ତି। ସାନଭି ଏବେ ପାଣିକୋଇଲିସ୍ଥିତ ନେମ ଆଣ୍ଡ ଫେମ ସ୍କୁଲରେ ୟୁକେଜିର ଛାତ୍ରୀ ଥିବା ବେଳେ ତାଙ୍କର କୃତିତ୍ୱ ଲାଗି ବିଦ୍ୟାଳୟର ଅଧକ୍ଷ ବନୋଜ ଜେନାଙ୍କ ସମେତ ସ୍ଥାନୀୟ ଅଂଚଳବାସୀ ଶୁଭେଚ୍ଛା ଜଣାଇଛନ୍ତି।

# ଇଣ୍ଟିଗ୍ରେଟେଡ଼ ଟିଚର୍ସ ଏଜୁକେସନ ପ୍ରୋଗ୍ରାମ ବିରୁଦ୍ଧରେ ଏଆଇଡିଏସଓ ପକ୍ଷରୁ ସାରା ଓଡିଶା ପ୍ରତିବାଦ ଦିବସ

ବାଲେଶ୍ୱର , ୧୯/୦୯ (ନି.ପ୍ର): ଗତ ୧୩ ସେପଟ୍ଟେମ୍ବର ଦିନ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଶିକ୍ଷକ ଶିକ୍ଷା ଅନୁଷ୍ଠାନ ଓ ଡିଗ୍ରୀ ମହାବିଦ୍ୟାଳୟ ମାନଙ୍କୁ ଜାରି କରାଯାଇଥିବା ନୋଟିସ ଅନୁଯାୟୀ ଯେଉଁ ଶିକ୍ଷାନୁଷ୍ଠାନମାନେ ୪ ବର୍ଷିଆ ଆଇ.ଟି.ଇ.ପି. (ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେସନ ପ୍ରୋଗ୍ରାମ) ପାଇଁ ଆବେଦନ କରୁଛନ୍ତି ସେମାନେ ଚୁକ୍ତିଭିତ୍ତିକ ଅତିଥି ଅଧ୍ୟାପକ ନିଯୁକ୍ତି କରିବେ ଏବଂ ଛାତ୍ରଛାତ୍ରୀଙ୍କ ଠାରୁ ଆଦାୟ ହୋଇଥିବା କୋର୍ସ ଫିରୁ ହିଁ ସେମାନଙ୍କୁ ଦରମା ଦେବେ। ସେଥିପାଇଁ ଛାତ୍ରଛାତ୍ରୀଙ୍କ ଠାରୁ ବାର୍ଷିକ ମୁଣ୍ଡପିଛା କୋର୍ସ ଫି ୪୫,୦୦୦.୦୦ ଟଙ୍କା ଆଦାୟ କରିବେ। ଏହି ନୋଟିସକୁ ତୀବ୍ର ନିନ୍ଦା କରି ଏଆଇଡିଏସଓ ଓଡିଶା ରାଜ୍ୟ କମିଟି ପକ୍ଷରୁ ଆଜି ସାରା ଓଡିଶା ପ୍ରତିବାଦ ଦିବସ ଡାକରା ଦିଆଯାଇଛି କ୍ଷ ଏହା ଦ୍ୱାରା ଶିକ୍ଷକ ଶିକ୍ଷାର ସମ୍ପୂର୍ଣ୍ଣ ଘରୋଇକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହେବ, ଛାତ୍ରଛାତ୍ରୀମାନେ ତୀବ୍ର ଆର୍ଥିକ ଶୋଷଣର ଶିକାର ହେବେ, ଶିକ୍ଷାନୁଷ୍ଠାନଗୁଡିକ ଡିଗ୍ରୀ ବିକ୍ରୟ କେନ୍ଦ୍ରରେ ପରିଣତ ହେବେ, ପ୍ରିୟାପ୍ରୀତି ତୋଷଣ ଓ ଦୁର୍ନୀତି ବ୍ୟାପକ ରୂପ ନେବ ଏବଂ ଚୁକ୍ତିଭିତ୍ତିକ ଅତିଥି ଅଧ୍ୟାପକମାନେ ନ୍ୟାଯ୍ୟ ପ୍ରାପ୍ୟ ତଥା ମର୍ଯ୍ୟାଦା ପାଇବାରୁ ବଞ୍ଚିତ ହେବେ। ସଂଗଠନ ପକ୍ଷରୁ ଆହୁରି କୁହାଯାଇଛି ଯେ, ସରକାରଙ୍କ ଏହି ପଦକ୍ଷେପ ହେଉଛି ଜାତୀୟ ଶିକ୍ଷାନୀତି ୨୦୨୦ର ଅନ୍ୟତମ କାର୍ଯ୍ୟକାରୀ ରୂପ। ଉଲ୍ଲେଖଯୋଗ୍ୟ ଯେ, ଜାତୀୟ ଶିକ୍ଷାନୀତି- ୨୦୨୦ ପ୍ରଣୟନର ପ୍ରଥମ ଦିନରୁ ହିଁ ଏଆଇଡିଏସଓ ଏହାକୁ ବିରୋଧ କରି କହିଥିଲା ଯେ, ଏହି ଶିକ୍ଷାନୀତି ଦେଶର ସମସ୍ତ ସ୍ତରର ଶିକ୍ଷାର ଘରୋଇକରଣ - ବ୍ୟବସାୟୀକରଣ ପାଇଁ ଉଦ୍ଦିଷ୍ଟ ଯାହାକି ଦିବାଲୋକ ଭଳି ସ୍ପଷ୍ଟ ପ୍ରମାଣିତ ହେବାରେ ଲାଗିଛି। ଏଣୁ ଶିକ୍ଷକ ଶିକ୍ଷାର ଘରୋଇକରଣ - ବ୍ୟବସାୟୀକରଣ ବନ୍ଦ, ଛାତ୍ରଛାତ୍ରୀଙ୍କ ଠାରୁ ୪୫,୦୦୦ ଟଙ୍କା କୋର୍ସ ଫି ଆଦାୟ ସମ୍ପୂର୍ଣ୍ଣ ଭାବେ ବନ୍ଦ, ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ସ୍ଥାୟୀ ଭିତ୍ତିରେ ନିଯୁକ୍ତି ଦେବା, ଶିକ୍ଷକ ଶିକ୍ଷାର ପରିଚାଳନା ପାଇଁ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦେବା ଏବଂ ଜାତୀୟ ଶିକ୍ଷାନୀତି ୨୦୨୦ କୁ ସମ୍ପୂର୍ଣ୍ଣ ବାତିଲ କରିବା ଦାବିରେ ଏ ଆଇ ଡି ଏସ ଓ ବାଲେଶ୍ୱର ଜିଲ୍ଲା କମିଟି ଉଦ୍ୟଗରେ ଆଜି ଫକୀର ମୋହନ ସ୍ୱାୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ କାର୍ଯ୍ୟକ୍ରମ କରାଯାଇଛି । ଏହି କାର୍ଯ୍ୟକ୍ରମ ରେ ସଂଗଠନ ର ଜିଲ୍ଲା ସମ୍ପାଦକ ପ୍ରଶାନ୍ତ କୁମାର ଦାସ, ଜିଲ୍ଲା ଉପସଭାପତି ମନୋଜ କୁମାର ପାତ୍ର, ମନୀଷ କୁମାର ସାହୁ, ମୃତୁଞ୍ଜୟ ସେନାପତି ଓ ଦୀନବନ୍ଧୁ ପ୍ରଧାନ ସମେତ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ । ପ୍ରତିବାଦ କାର୍ଯ୍ୟକ୍ରମ ପରେ ଉପସଭାପତି ମନୋଜ ପାତ୍ରଙ୍କ ନେତୃତ୍ୱ ରେ ଏକ ପ୍ରତିନିଧି ମଣ୍ଡଳୀ ବାଲେଶ୍ୱର ଜିଲ୍ଲା ପଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ଏକ ଦାବି ପତ୍ର ପ୍ରଦାନ କରିଥିଲେ ।

# କନ୍ଧମାଳରେ ଆଦି ସେବା କେନ୍ଦ୍ର ଉଦ୍‌ଘାଟନ: ଜିଲ୍ଲାର ୧୨ ଗୋଟି ବ୍ଲକରେ ୩୯୫ ଗୋଟି ଗ୍ରାମରେ ଖୋଲିଲା କେନ୍ଦ୍ର

କନ୍ଧମାଳ, ୧୯/୦୯ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ପ୍ରତି ବ୍ଲକରେ ଆଦି ସେନା କେନ୍ଦ୍ର ଶୁଭ ଉଦ୍ଘାଟିତ ହୋଇଯାଇଛି। ବିଧାୟକ ଫୁଲବାଣୀ ଉମା ଚରଣ ମଲ୍ଲିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଫିରିଙ୍ଗିଆ ବ୍ଲକଠାରେ ଆଦି ସେବା କେନ୍ଦ୍ର ଶୁଭ ଉଦ୍ଘାଟନ କରିଛନ୍ତି। ସେହିପରି ଜିଲ୍ଲାର ଅନ୍ୟ ସେବା କେନ୍ଦ୍ର ଗୁଡ଼ିକ ମଧ୍ୟ ମାନ୍ୟଗଣ୍ୟ ଅତିଥିଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି। ଆଦି କର୍ମଯୋଗୀ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଗ୍ରାମଗୁଡିକରେ ଆଦି କର୍ମଯୋଗୀ ଚୟନ କରାଯାଇ ସରକାରଙ୍କ ଯୋଜନା ଗୁଡିକ ଗ୍ରାମସ୍ତରରେ ସମସ୍ତ ବିଭାଗର ସହଭାଗିତା ଆଧାରରେ ହିତାଧିକାରୀଙ୍କ ନିକଟରେ ପହଂଚାଇବେ। ଏହା ସହିତ ଗ୍ରାମର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକ ପରିକଳ୍ପନା ପାତ୍ର ପ୍ରସ୍ତୁତ କରିବେ। ଏଥିପାଇଁ ଜିଲ୍ଲାର ୧୨ ଗୋଟି ବ୍ଲକରେ ୩୯୫ ଗୋଟି ଗ୍ରାମରେ ଆଦି ସେବା କେନ୍ଦ୍ର ଖୋଲା ଯାଇଛି। ପ୍ରତି ଗ୍ରାମରୁ ୨୦ ଜଣେ ଆଦି କର୍ମଯୋଗୀ ଚୟନ କରାଯାଇଛି। ସେମାନେ ସେବା କେନ୍ଦ୍ରରେ ବସି ନିଜ ଗ୍ରାମର ପରିକଳ୍ପନା ପାତ୍ର ସେପଟ୍ଟେମ୍ବର ୧୭ ତାରିଖ ଠାରୁ ସେପଟ୍ଟେମ୍ବର ୩୦ ତାରିଖରେ ଶେଷ କରିବେ ଏବଂ ଏହି ପାତ୍ର ଅକ୍ଟୋବର ୨ ତାରିଖରେ ଗାନ୍ଧୀ ଜୟନ୍ତୀ ଅବସରରେ ଗ୍ରାମ ସଭାରେ ପାରିତ ହେବ। ଏଥି ସହିତ ଯୋଜନାର ସଫଳ ରୂପାୟନ ପାଇଁ ଜିଲ୍ଲାପାଳ ଶ୍ରୀ ବେଦଭୂଷଣଙ୍କ ତତ୍ତ୍ୱାବଧାନରେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ଜିଲ୍ଲା ନୋଡାଲ ଅଧିକାରୀ ଭାବେ ଏହି ଯୋଜନାକୁ ପରିଚାଳନା କରୁଥିବା ବେଳେ ବ୍ଲକ ସ୍ତରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଏହି ଦାୟିତ୍ୱ ତୁଲାଉଛନ୍ତି। ଆଦିବାସୀ ଅଧ୍ୟୁଷିତ ଗ୍ରାମରେ ପରିକଳ୍ପନା ପତ୍ର ତିଆରି କରି ବିକାଶର ଶେଷ ଧାଡ଼ିରେ ଥିବା ବ୍ୟକ୍ତି ପାଖରେ ପହଂଚି ସରକାରୀ ଯୋଜନାର ଲାଭ ପହଂଚାଇବା ପାଇଁ ଆଦି କର୍ମଯୋଗୀ ଅଭିଯାନ କାମ କରିବ ।

# ହରଡାପୁଟ ବାଳିକା ଉଚ୍ଚ ବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ

ଜୟପୁର, ୧୯/୦୯ (ନି.ପ୍ର): ବ୍ଲକ୍ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ହରଡାପୁଟ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇ ଅଛି । ମୁଖ୍ୟ ଅତିଥି ଭାବରେ ବ୍ଲକ୍ ଅଧକ୍ଷା ତିଲୋତମା ମୁଦୁଲି ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । କାର୍ଯ୍ୟକ୍ରମର ସଭାପତି ଭାବେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ପ୍ରମିଳା ପୂଜାରୀ ପିଲାମାନଙ୍କୁ ସମ୍ବୋଧିତ କରିଥିଲେ। ସମ୍ମାନିତ ଅତିଥି ରୂପେ ଗୋଷ୍ଠି ଶିକ୍ଷା ଅଧିକାରୀ , ଜୟପୁର ଚନ୍ଦନ କୁମାର ନାୟକ, ଭାର ପ୍ରାପ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ସୋମନାଥ ଗାଦାବା ଯୋଗ ଦେଇ ଥିଲେ । ବ୍ଲକ୍ ଶାରୀରିକ ଶିକ୍ଷା ଶିକ୍ଷକ ସମ୍ପାଦକ ଶ୍ରୀ ଗଗନ ବିହାରୀ ଦାସ, ବରିଷ୍ଠ ଶିକ୍ଷକ ପ୍ରସନ୍ନ ପାଣିଗ୍ରାହୀ, ଶୁଭେନ୍ଦୁ ପ୍ରଧାନ, ଆଦି ମଂଚ ପରିଚାଳନା କରିଥିଲେ । ସମସ୍ତ ଶାରୀରିକ ଶିକ୍ଷକ ଶିକ୍ଷୟତ୍ରୀଙ୍କ ମାର୍ଗ ଦର୍ଶନରେ ଚାରୋଟି ଜୋନରୁ ପ୍ରାୟ ୧୬୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଏବଂ ୨୬ ଜଣ ଶାରୀରିକ ଶିକ୍ଷା ଶିକ୍ଷକ /ଶିକ୍ଷୟତ୍ରୀ ଅଂଶ ଗ୍ରହଣ କରିଥିଲେ। ଯୋଗ, ଫୁଟବଲ୍, ଦୌଡ଼କୁଦ, କ୍ରିକଟ , କବାଡି, ଖୋ ଖୋ, ଫୁଟବଲ ଆଦି କ୍ରୀଡାକୁ ନେଇ ଛାତ୍ର ଛାତ୍ରୀ ଙ୍କ ଉତ୍ସାହ ପରିଲକ୍ଷିତ ହୋଇଥିଲା । ସମସ୍ତ ଙ୍କ ସହଯୋଗ ରେ ଏହି ବ୍ଲକ୍ ସ୍ତରୀୟ କ୍ରୀଡ଼ାରୁ ଜିଲ୍ଲା ସ୍ତରକୁ ଖେଳାଳି ଚୟନ ସମାପ୍ତ ହୋଇଥିଲା ।

# ହୃଦରୋଗୀଙ୍କୁ ସୁସ୍ଥ ରଖେ 'ତାଇ ଚି'



ନୂଆ ଅଧ୍ୟୟନ ଅନୁସାରେ ତାଇ ଚି ହୃଦଘାତ ପୀଡ଼ିତଙ୍କୁ ସୁସ୍ଥ ହେବାରେ ସାହାଯ୍ୟ କରେ। ଚୀନର ଏହି ପ୍ରାଚୀନ ମାର୍ଶଲ ଆର୍ଟ (ବ୍ୟାୟାମ କୌଶଳ) ପାରମ୍ପରିକ ଆରୋଗ୍ୟ କେନ୍ଦ୍ରର ବିକଳ୍ପ ହୋଇପାରେ। ତେବେ ଏହି ଆରୋଗ୍ୟ କେନ୍ଦ୍ରରେ ସକ୍ରିୟ ଭାବେ ଅଂଶଗ୍ରହଣ ନକରିବା ବିପଦପୂର୍ଣ୍ଣ ହୋଇପାରେ ଏବଂ ହୃଦରୋଗୀଙ୍କ ମୃତ୍ୟୁ ଆଶଙ୍କା ୧୮ ପ୍ରତିଶତ ବୃଦ୍ଧି ପାଇଥାଏ ବୋଲି ଏକ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଅଧ୍ୟୟନ ପାଇଁ ହୃଦଘାତ ପୀଡ଼ିତ ୨୯ ଜଣ ବ୍ୟକ୍ତି ତାଇ ଚି ଶ୍ରେଣୀରେ ଅଭ୍ୟାସର ମଜା ନେଇଥିଲେ। ଧୀମା ଗତିର ବ୍ୟାୟାମ ଜାରି ରଖିବାକୁ ତାଇ ଚି ଲୋକଙ୍କୁ ଉତ୍ସାହିତ କରିଥାଏ ବୋଲି ଗବେଷକମାନେ ଜାଣିବାକୁ ପାଇଲେ। ଏହି ବ୍ୟାୟାମର ଏକମାତ୍ର ପାର୍ଶ୍ୱ ପ୍ରତିକ୍ରିୟାରେ ମାଂସପେଶୀରେ ସାମୟିକ ଭାବେ ଦରଜ ସେମାନେ ଅନୁଭବ କଲେ। ଏହି ମାର୍ଶଲ୍ ଆର୍ଟ ଅତ୍ୟନ୍ତ ହିତକାରୀ ବୋଲି ବ୍ରାଇନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଅନୁଭବ କରିଛନ୍ତି। ତାଇ ଚିକୁ ଖୁବ ଧୀର ଓ ସହଜ ଭାବେ ଆରମ୍ଭ କରାଯାଇପାରିବ। ତେଣୁ ହୃଦଘାତ ରୋଗୀଙ୍କ ପାଇଁ ଏହା ଏକ ଭଲ ବିକଳ୍ପ ବୋଲି ଅଧ୍ୟୟନର ମୁଖ୍ୟ ଲେଖକ ଡା.ଏଲିନା ସାଲମୋଇରାଗୋ-ବ୍ଲୋଚର୍ କହିଛନ୍ତି। ରୋଗୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇବା ପରେ ବ୍ୟାୟାମର ବେଗ ଓ ସୋପାନର ତୀବ୍ରତା ବୃଦ୍ଧି କରାଯାଇପାରେ। ତାଇ ଚି ବ୍ୟାୟାମକୁ କମ୍‌ରୁ ମଧ୍ୟମ ତୀବ୍ରତାର ସ୍ତର ପର୍ଯ୍ୟନ୍ତ ନିଆଯାଇପାରେ ବୋଲି ଏଲିନା କହିଛନ୍ତି। ତେବେ ଏହା ହୃଦରୋଗ ଚିକିତ୍ସାର ଅନ୍ୟ ପାରମ୍ପରିକ ଆରୋଗ୍ୟ କେନ୍ଦ୍ରର ସ୍ଥାନ ନେଇନାହିଁ। ପାରମ୍ପରିକ ଆରୋଗ୍ୟ କେନ୍ଦ୍ର ରୋଗୀଙ୍କ ଶାରୀରିକ ଫିଟ୍‌ନେସ୍‌ରେ ସହାୟକ ହୋଇ ନଥିବା ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଅନ୍ୟ ପକ୍ଷରେ ତାଇ ଚି ବ୍ୟାୟାମ କୌଶଳ ଉଭୟ ହୃଦ୍ ଓ ଶାରୀରିକ ଫିଟନେସ ପାଇଁ ପ୍ରକୃଷ୍ଟ। ଅନେକ ଅଧ୍ୟୟନରେ ଯଦି ଏହା ପ୍ରମାଣିତ ହୁଏ, ଆରୋଗ୍ୟ କେନ୍ଦ୍ରରେ ବିଭିନ୍ନ କଠିନ ବ୍ୟାୟାମ ସହିତ ତାଇ ଚିକୁ ସ୍ଥାନ ଦେବା ସମ୍ଭବପର ହେବ।

# ଖାଇବା ପୂର୍ବରୁ ଦୁଇ ପାଖୁଡ଼ା ରସୁଣ; ଦୂର କରେ ଏହି ସବୁ ସ୍ୱାସ୍ଥ୍ୟ ସମସ୍ୟା

**ରସୁଣର ଅନେକ ଔଷଧୀୟ ଗୁଣ ରହିଛି। ଏହାକୁ ଖାଇବା ଦ୍ୱାରା ଏକାଧିକ ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଯାଏ ବୋଲି ବିବେଚନା କରାଯାଏ। କିନ୍ତୁ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଖାଇବା ପୂର୍ବରୁ କିମ୍ବା ଖାଦ୍ୟ ସହିତ ଯଦି ଦୁଇ ପାଖୁଡ଼ା ରସୁଣ ଖାଆନ୍ତି, ତେବେ ଅନେକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇପାରେ। ଏହା ଦ୍ୱାରା କି କି ଫାଇଦା ମିଳିଥାଏ, ଜାଣନ୍ତୁ...**

## ଖାଇବା ପୂର୍ବରୁ ଦୁଇ ପାଖୁଡ଼ା ରସୁଣର ଫାଇଦା



ରକ୍ତଚାପ ଏବଂ କୋଲେଷ୍ଟ୍ରଲ ନିୟନ୍ତ୍ରଣ- ଖାଇବା ପୂର୍ବରୁ ରସୁଣ ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ହୋଇପାରେ। ଏଥିରେ ସଲଫାଇଟ୍ ଯୌଗିକ ଥାଏ, ଯାହା ବିପି ଏବଂ କୋଲେଷ୍ଟ୍ରଲ ସ୍ତରକୁ ହ୍ରାସ କରିଥାଏ। ଏହା ଦ୍ୱାରା ହୃଦୟ ସମ୍ବନ୍ଧୀୟ ସମସ୍ୟା ମଧ୍ୟ ହ୍ରାସ ହୋଇପାରେ।

ସଂକ୍ରମଣରୁ ରକ୍ଷା କରେ- ରସୁଣରେ ପ୍ରାକୃତିକ ଆଣ୍ଟିବାୟୋଟିକ୍ ଗୁଣ ଥାଏ, ଯାହା ବିଭିନ୍ନ ସଂକ୍ରମଣର ମୁକାବିଲା କରିବାରେ ସାହାଯ୍ୟ କରିଥାଏ। ରସୁଣ ଖାଇବା ଦ୍ୱାରା ଥଣ୍ଡା ଏବଂ କାଶ ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ।

ଆର୍ଥ୍ରାଇଟିସ୍ ଯନ୍ତ୍ରଣା ଏବଂ ଫୁଲାକୁ ହ୍ରାସ କରେ- ଯେଉଁମାନେ ଆର୍ଥ୍ରାଇଟିସରେ ପୀଡିତ ସେମାନେ ଖାଇବା ପୂର୍ବରୁ ଦୁଇ ପାଖୁଡ଼ା ରସୁଣ ଖାଇବା ଦ୍ୱାରା ଗଣ୍ଠି ଯନ୍ତ୍ରଣା ଦୂର ହୋଇଥାଏ।

ହଜମ ପ୍ରକ୍ରିୟାକୁ ମଜବୁତ କରେ- ରସୁଣରେ ଅନେକ ପୋଷକ ତତ୍ତ୍ୱ ରହିଥାଏ, ଯାହା ହଜମକାରୀ ଏନଜାଇମର ଉତ୍ପାଦନକୁ ବଢାଇଥାଏ। ରସୁଣ ଖାଇବା ଦ୍ୱାରା ହଜମ ଭଲ ହୋଇଥାଏ।

ରୋଗ ପ୍ରତିରୋଧକ ଶକ୍ତିରେ ଉନ୍ନତି କରେ- ଯଦି ପ୍ରତିରକ୍ଷା ପ୍ରଣାଳୀ ଦୁର୍ବଳ, ତେବେ ଖାଇବା ପୂର୍ବରୁ ଦୁଇ ପାଖୁଡ଼ା ରସୁଣ ନିଶ୍ଚିତ ରୂପେ ଖାଆନ୍ତୁ। ରସୁଣରେ ଭିଟାମିନ୍ ଏବଂ ମିନେରାଲ୍ସ ଭରପୂର ଥାଏ, ଯେଉଁଥିପାଇଁ ରୋଗ ପ୍ରତିରୋଧକ ଶକ୍ତି ମଜବୁତ ହୁଏ।

# ଚନ୍ଦନର ଉପକାରିତା



ଶରୀରର ସ୍ଫୁର୍ତି ପାଇଁ ଚନ୍ଦନ ସହ ଅତରର ପ୍ରୟୋଗ କରାଯାଏ। ଏବେ ଜାଣନ୍ତୁ ଚନ୍ଦନର ଆଉ କିଛି ଔଷଧୀୟ ଗୁଣ...

ଚନ୍ଦନ ଆମର ପେଟ ସମ୍ବନ୍ଧୀୟ ଅନେକ ସମସ୍ୟାକୁ ଦୂର କରିବା ସହ ପାଚନ କ୍ରିୟାକୁ ଠିକ୍ ରଖେ। ଅର୍ଥାତ୍ ଖାଦ୍ୟ ଜୀର୍ଣ୍ଣ ଡେ ନଥିଲେ ଚନ୍ଦନରଉପଚାର କରାଯାଇଥାଏ। ଚନ୍ଦନର ତେଲ କେଶକୁ ମଜଭୂତ କରିବା ସହ ଝଡ଼ିବା ବନ୍ଦ କରିଥାଏ। ଏହା କେଶକୁ ଉତ୍ତମ ପୋଷଣ ହେବା ସହ ଚମକ ଆଣିଥାଏ।

ଚନ୍ଦନର ଛାଲି, କାଠ ଏବଂ ତୈଳ ଔଷଧ ପାଇଁ ବ୍ୟବହାର କରାଯାଇଥାଏ।

ଚନ୍ଦନକୁ ଏକ ପବିତ୍ର ବୃକ୍ଷ ଭାବେ ଭାରତୀୟ ମାନେ ଗ୍ରହଣ କରିଥାନ୍ତି। ଏହା କେବଳ ଦେବପୂଜା ପାଇଁ ନୁହେଁ,ବିଭିନ୍ନ ରୋଗର ଉପଚାରରେ ଏହାକୁ ବ୍ୟବହାର କରାଯାଇଥାଏ। ଶରୀରକୁ ଆରାମ ଦେବା ସହ ମନକୁ ପ୍ରଫୁଲ୍ଲ ରଖିବା ପାଇଁ ଚନ୍ଦନର ବ୍ୟବହର କରାଯାଇଥାଏ। ଚନ୍ଦନ କାଠ ଶରୀରକୁ ବିଭିନ୍ନପ୍ରକାର ସଂକ୍ରମଣରୁ ରକ୍ଷା କରିଥାଏ। ଏହା ଆଂଟିସେପ୍ଟିକର କାମ କରେ। ଏପରିକି ଖାଦ୍ୟ ପଦାର୍ଥକୁ ସ୍ୱାଦିଷ୍ଟ କରିବା ପାଇଁ ଚନ୍ଦନ ତୈଳର ପ୍ରୟୋଗ ହୋଇଥାଏ। ଚନ୍ଦନ ତ୍ୱଚାକୁ ସୁସ୍ଥ ରଖିଥାଏ। ଏହା ଚର୍ମଶୁଷ୍କତା, କୁଣ୍ଡେଇ ହେବା ଏବଂ ଏକଜିମାରୁ ରକ୍ଷା କରେ। ତେଲିଆ



ତ୍ୱଚା ପାଇଁ ଚନ୍ଦନ ଲାଭଦାୟକ। ଏଥିରେ ଥିବା ଫିରୋମେନ ତତ୍ତ୍ୱ ପାଇଁ ଏହାକୁ ଦୁର୍ଗନ୍ଧ ନିବାରକ ଭାବେ ବ୍ୟବହାର କରାଯାଇଥାଏ। ଚନ୍ଦନ ତୈଳ ଶରୀରରେ ସ୍ଫୁତି ଭରିଦିଏ।

ଚନ୍ଦନକାଠରେ ଥିବା ଆଂଟିମାଇକ୍ରୋବିୟାଲ ତତ୍ତ୍ୱ ଖାଦ୍ୟନଳୀରେ ସଂକ୍ରମଣ ଏବଂ ଆଉକିଛି ଆଭ୍ୟନ୍ତରୀଣ ସମସ୍ୟାକୁ ଦୂରକରେ।

ଜନନାଙ୍ଗ, ମୂତ୍ରାଶୟ ସଂକ୍ରମଣରେ ଏହା ଆଂଟସେପ୍ଟିକ ଭଳି କାର୍ଯ୍ୟକରେ। ଗନେରିଆ ପରି ଯୌନ ସଂକ୍ରମଣକୁ ଏହା ଆରୋଗ୍ୟ କରେ। ସିଧାସଳଖ ଚନ୍ଦନକୁ ଘୋରି ଲଗାଇବା ତ୍ୱଚା ପାଇଁ ଲାଭଦାୟକ। ଅତ୍ୟଧିକ ଗରମ ପଡ଼ିଥିଲେ ଚନ୍ଦନ ଲଗାଇବା ଦ୍ୱାରା ଆରାମ ମିଳେ। ଚନ୍ଦନର ପାଉଡ଼ର ନିୟମିତ ବ୍ୟବହାର ଦ୍ୱାରା ତ୍ୱଚା ସୁସ୍ଥ ରହେ।

ଉଚ୍ଚ ରକ୍ତଚାପ, ମାନସିକ ଚାପକୁ ନିୟନ୍ତ୍ରଣକୁ ଆଣେ ଚନ୍ଦନର ଏସେନସିଆଲ ଅଏଲ। ଏହା କ୍ଷତକୁ ଭଲକରେ। ତେବେ ଏହି ତେଲକୁ ସିସାସଳଖ ବ୍ୟବହାରନ କରି ଅନ୍ୟ ତେଲରେ ଏହାକୁ ସାମାନ୍ୟ ମାତ୍ରାରେ ମିଶାଇ ବ୍ୟବହଂାର କରିବା ଭଲ। ଚନ୍ଦନରେ ଆଂଟିସମୋଡ଼ିକ ତତ୍ତ୍ୱ ରହିଥିବାରୁ ଏହା ସ୍ନାୟୁ ମାଂସପେଶୀ ଆଦିକୁ ଆରାମ ଦେଇଥାଏ। ଦାନ୍ତର ମାଢ଼ିକୁ ଏହା ଶକ୍ତ ରଖେ, ଦନ୍ତକ୍ଷୟକୁ ରୋକିଥାଏ। କାଶ ରୋଗକୁ ଭଲକରେ। ପିଲାମାନଙ୍କ ପାଇଁ ଚନ୍ଦନ ସ୍ୱାସ୍ଥ୍ୟବର୍ଦ୍ଧକ ଟନିକର କାମ କରିଥାଏ।ଦୁର୍ଗନ୍ଧ ନିବାରକ ଭାବେ ବ୍ୟବହାର କରାଯାଉଥିବା ଚନ୍ଦନକୁ ଅନ୍ୟ ସୁଗନ୍ଧିତ ଦ୍ରବ୍ୟ ପ୍ରସ୍ତୁତିରେ ମଧ୍ୟ ବ୍ୟବହାର କରାଯାଏ।

# ଚାଣକ୍ୟ ନୀତି: ଜୀବନରେ ଦୁଇଟି ଜିନିଷକୁ ଡରନ୍ତୁ ନାହିଁ, ସଫଳତା ନିଶ୍ଚୟ ପାଇବେ..



ଚାଣକ୍ୟ ନୀତିକୁ ଲୋକେ ଆଜି ବି ପଢ଼ିବାକୁ ପସନ୍ଦ କରିଥାନ୍ତି । କାରଣ ତାଙ୍କ ନୀତି ପ୍ରତ୍ୟେକ କାଳରେ ପ୍ରତ୍ୟେକ ବର୍ଗଙ୍କୁ କିଛି ଶିଖିବାର ସୁଯୋଗ ଦେଇଥାଏ । ତାଙ୍କ ନୀତି ଅନୁସାରେ ଚାଲିବା ଦ୍ୱାରା ଅନେକ ଲୋକଙ୍କୁ ସଫଳତା ମିଳିଛି । ତେବେ ଏହି କ୍ରମରେ ଚାଣକ୍ୟ କହିଛନ୍ତି, ଦୁଇଟି ଜିନିଷକୁ ଡରୁଥିବା ଲୋକ ସବୁବେଳେ ଜୀବନରେ ପଛରେ ରହିଥାନ୍ତି । ଆପଣ ଏବେ ଭାବୁଥିବେ ଏହି ଦୁଇଟି ଡର କ'ଣ ? ଚାଣକ୍ୟଙ୍କ ଅନୁସାରେ କିଛି ଜିନିଷକୁ ମଣିଷ ନିଜ ଜୀବନ କାଳ ମଧ୍ୟରେ ଡରିବା ଉଚିତ୍ ନୁହେଁ । ଯଦି ଆପଣ ତାକୁ ଡରୁଛନ୍ତି ତେବେ ଏଥିରେ କେବଳ ଆପଣଙ୍କର ହିଁ କ୍ଷତି ହେବ । ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ଛୋଟ ଛୋଟ ସମସ୍ୟାକୁ ଖୁବ୍ ଡରନ୍ତି। ସେଇ ସମସ୍ୟାକୁ ସମାଧାନ କରିବା ପରିବର୍ତ୍ତେ ସେମାନେ ଡରି ଡରି ସମସ୍ୟା ଅଧିକ ବଡ଼ କରିଥାନ୍ତି। ଆଚାର୍ଯ୍ୟ ଚାଣକ୍ୟଙ୍କ କହିବାନୁସାରେ ଜୀବନରେ ଅନେକ ପରିବର୍ତ୍ତନ ହୋଇଥାଏ । ଯଦି ଆପଣଙ୍କ ଜୀବନରେ କିଛି ପରିବର୍ତ୍ତନ ହେଉଛି ତେବେ ଏହାକୁ ଆପଣ ଡରନ୍ତୁ ନାହିଁ । ବରଂ ପରିବର୍ତ୍ତନକୁ ସ୍ୱୀକାର କରିବା ଶିଖନ୍ତୁ । ଏହାକୁ ଆପଣାଇବା ଦ୍ୱାରା ଭଲ ଫଳ ମିଳିଥାଏ । କିଛି ଲୋକ ନିଜକୁ ବଦଳାଇବାକୁ ଚାହାନ୍ତି ନାହିଁ କିମ୍ୱା ତାଙ୍କ ଜୀବନରେ କୌଣସି ପରିବର୍ତ୍ତନ କରନ୍ତି ନାହିଁ । ସେମାନେ ପରିବର୍ତ୍ତନ ପାଇଁ ଡରନ୍ତି । ଏଭଳି ଲୋକେ କେବେ ଜୀବନରେ ଆଗକୁ ବଢ଼ିପାରନ୍ତି ନାହିଁ କିମ୍ୱା ଜୀବନରେ ସଫଳତା ପାଇ ପାରନ୍ତି ନାହିଁ । ଅନେକ ଲୋକ ଭବିଷ୍ୟତର ପରୀକ୍ଷାକୁ ଡରୁଛନ୍ତି । ମଣିଷକୁ ସମୟର ବା ଜୀବନର ପରୀକ୍ଷା ପାଇଁ ଡରିବା ଉଚିତ ନୁହେଁ । ଏଥିପାଇଁ ଚାଣକ୍ୟ କହିଛନ୍ତି କେବେ ବି ପରୀକ୍ଷାକୁ ଡର ନାହିଁ । ବରଂ ଏହାକୁ ସାହସର ସହିତ ସାମ୍ନା କରନ୍ତୁ । ଏହିଭଳି ଲୋକ ହିଁ ଜୀବନରେ ସଫଳତା ପାଇଥାନ୍ତି ।

# ଶିଶୁ ଠିକ୍‌ରେ କ୍ଷୀର୍ ଖାଉ ନାହିଁ କି... ଜାଣନ୍ତୁ କ'ଣ ରହିଛି କାରଣ



ଛୁଆଟିଏ ଜନ୍ମ ହେବା ପରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ତାର ସ୍ତନ୍ୟପାନ। ମା'ର ପ୍ରଥମ କ୍ଷୀର କୋଲଷ୍ଟ୍ରମ୍ ଛୁଆପାଇଁ ଅତ୍ୟନ୍ତ ଉପାଦେୟ ଓ ଏଥିରେ ଛୁଆର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଦରକାର ମୁତାବକ ଆଣ୍ଟିବଡ଼ି ଥାଏ। ଏଣୁ ବର୍ତ୍ତମାନ ସଚେତନତା ବଢ଼ିବା ସହ ଶିଶୁକୁ ମାର ପ୍ରଥମ କ୍ଷୀର ଦେବାକୁ ପ୍ରୋତ୍ସାହିତ କରାଯାଉଛି। କିନ୍ତୁ କେବେ ଆପଣ ଏପରି ସ୍ଥିତି ଦେଖିଛନ୍ତି କି, ଆପଣଙ୍କ ବନ୍ଧୁ-ବାନ୍ଧବ କିମ୍ବା ପରିବାର କ୍ଷେତ୍ରରେ କେହି ନୂଆ ମାଆ ହେବା ପରେ କ୍ଷୀର ହେଉ ନଥିବ କିମ୍ବା ଛୁଆ କ୍ଷୀର ଖାଇପାରୁ ନଥିବ। ହଁ, ଏପରି ଅନେକ କ୍ଷେତ୍ରରେ ଘଟେ, ବିଶେଷକରି ପ୍ରଥମ କରି ମା' ହେଉଥିବା ମହିଳାଙ୍କ କ୍ଷେତ୍ରରେ। ଏଥିପାଇଁ କିଛି ସାଧାରଣ ନିୟମାବଳୀ ବା ଉପାୟ ମାଆମାନେ ଆପଣେଇବା ଉଚିତ୍ ଯାହାଦ୍ୱାରା ସେମାନେ ଛୁଆକୁ ଆରାମରେ ସ୍ତନ୍ୟପାନ କରାଇପାରିବେ ଏବଂ ଛୁଆ ମଧ୍ୟ ନିଜେ ଖାଇବା ଶିଖିବ।

*ସ୍ତନ୍ୟପାନ କରାଇବାକୁ କାହିଁକି ଇଚ୍ଛା ହୁଏ ନାହିଁ:* ସାଧାରଣ ଭାବେ ନବଜାତ ଶିଶୁର ସ୍ତନ୍ୟପାନ ଖୁବ ସହଜ ଲାଗୁଥିଲେ ମଧ ମାଆ ସହ ଆବଶ୍ୟକଠାରୁ କମ୍ ସଂସ୍ପର୍ଶରେ ରହିଲେ ଶିଶୁର ସ୍ତନରୁ କ୍ଷୀର ଖାଇବା ପ୍ରକ୍ରିୟାର ଆରମ୍ଭ ହେବା ସହଜ ହେବ ନାହିଁ। ଏଥିଯୋଗୁଁ ମାଆର ସ୍ତନରେ ବିଭିନ୍ନ ସମସ୍ୟା ଦେଖାଯାଏ। ସ୍ତନରେ ଇନ୍‌ଫେକ୍‌ସନ୍ ତଥା କ୍ଷୀର ଜମାଟ ବାନ୍ଧିବା ଆଦି ସମସ୍ୟା ହେଲେ ମାଆକୁ ଯନ୍ତ୍ରଣା ହୁଏ, ଯାହା ଫଳରେ ସେ ସ୍ତନ୍ୟପାନ କରାଇବାକୁ ଇଚ୍ଛା କରେ ନାହିଁ।

*ସ୍ତନ୍ୟପାନ କରାଇବାକୁ କାହିଁକି ଇଚ୍ଛା ହୁଏ ନାହିଁ:* ଯଦି ମାଆର ସି ସେକ୍ସନ୍ ହୋଇ ପ୍ରସବ ହୋଇଛି ତେବେ ମଧ ଛୁଆକୁ ମାଆ ଠିକ୍ ଭାବେ ସ୍ତନ୍ୟପାନ କରାଇପାରେ ନାହିଁ। କିନ୍ତୁ ଉପଯୁକ୍ତ ଭାବେ ଶିଖାଇଲେ ମାଆ ଖୁବ୍ ସହଜରେ ଶିଶୁକୁ ସ୍ତନ୍ୟପାନ କରାଇପାରିବ। କେତେକାଂଶରେ ପ୍ରଥମ କ୍ଷୀର କ୍ଷରଣରେ ସମୟ ଲାଗେ। ଏପରି ସ୍ଥଳେ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ତଥା ଉପଯୁକ୍ତ ଖାଦ୍ୟ ଖାଇବାର ଆବଶ୍ୟକତା ରହିଛି।

*କଙ୍ଗାରୁ ଯତ୍ନ ବ୍ୟବସ୍ଥା କ'ଣ:* ଆପଣ ଜାଣନ୍ତି, ସାମାନ୍ୟ ପଶୁ କଙ୍ଗାରୁ ତା' ଛୁଆକୁ ପେଟ ପାଖରେ ଥଳି ଭିତରେ ଧରି ରଖିବା ପରି ନବଜାତ ଶିଶୁକୁ ମାଆ ଶରୀରରେ ଲଗାଇ ରଖି ସ୍ତନ୍ୟପାନ କରାଇବାକୁ କୁହାଯାଏ। ଏହାକୁ କଙ୍ଗାରୁ ଯତ୍ନ ବ୍ୟବସ୍ଥା କୁହାଯାଏ। ପ୍ରାୟତଃ ପ୍ରିମ୍ୟାଚୁର ବେବି ବା ସମୟ ପୂର୍ବରୁ ଜନ୍ମ ଶିଶୁ ପାଇଁ ଏହା ଉପାଦେୟ ହୋଇଥିବା ବେଳେ ସ୍ତନ୍ୟପାନ ବେଳେ ମାଆ ଶିଶୁ ଶରୀରର ସଂସ୍ପର୍ଶ ବଢ଼ାଇବାକୁ ଏହି ପ୍ରଣାଳୀ ଖୁବ ଭଲ। ଯଦି ପ୍ରସବ ସାଧାରଣ ଭାବେ ହୋଇଛି ତେବେ ଚେଷ୍ଟା କରନ୍ତୁ, ସିଧା ବସି ଶିଶୁକୁ ହାତରେ ଦୋଳିରେ ଶୋଇବା ପରି ଧରି ନିଜେ ତାର ମୁହଁ ପାଖକୁ ସ୍ତନ ନିଅନ୍ତୁ, ସେ ନିଜେ ଖାଇବା ଆରମ୍ଭ କରିବ।

*ଶିଶୁ ସହ ସ୍ତନର ଉତ୍ତମ ସଂସ୍ପର୍ଶ:* ମାଆର ସ୍ତନ୍ୟପାନ କରାଇବା ସ୍ଥିତି ବା ପୋଜିସନ୍ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସର୍ବଦା ନିଜ ଆରାମ ଅନୁସାରେ ବସି ଛୁଆକୁ ଖାଇବାକୁ ଦିଅନ୍ତୁ। ଏହାଦ୍ୱାରା କ୍ଷୀର ଠିକ୍ ଭାବେ କ୍ଷରଣ ହେବ ଏବଂ ସ୍ତନର ଏରିଓଲା ଅଂଶକୁ ପୂର୍ଣ୍ଣ ଭାବେ ଶିଶୁର ମୁଖରେ ରଖିବାକୁ ଚେଷ୍ଟା କରନ୍ତୁ। ଏହା ଦ୍ୱାରା ଶିଶୁର ରିଫ୍ଲେକ୍ସ ଆକ୍ସନ ବଢ଼ିବ ଓ ସେ କ୍ଷୀରକୁ ଶୋଷାଡ଼ି ଖାଇବା ଶିଖିବ। ଏହା ହିଁ ଶିଶୁ ସହ ସ୍ତନର ଉତ୍ତମ ସଂସ୍ପର୍ଶ ବୋଲି କୁହାଯାଏ। ପ୍ରତିଥର ଖୁଆଇବା ପରେ ଛୁଆର ପିଠି ଥାପୁଡ଼ାନ୍ତୁ ଯାହା ଦ୍ୱାରା ସ୍ତନ୍ୟପାନ କରିବାବେଳେ ଯଦି ଶ୍ୱାସନଳୀରେ ବାୟୁ ରହିଯାଏ ତାହା ସଫା ହୋଇଯିବ।

*କ୍ଷୀର ପରିମାଣ ବୃଦ୍ଧି ପାଇଁ:* ଯଦି ଆପଣଙ୍କ ଛୁଆ ଦିନରେ ସର୍ବନିମ୍ନ ଛଅ ଥର ପରିସ୍ରା କରୁଛି ତେବେ ସେ ପର୍ଯ୍ୟାପ୍ତ ପରିମାଣର ସ୍ତନ୍ୟପାନ କରୁଛି ବୋଲି କହିହେବ। ପ୍ରତି ଦୁଇ ଘଣ୍ଟାରେ ଥରେ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ସ୍ତନ୍ୟପାନ କରାନ୍ତୁ। ଯଦି କୌଣସି କାରଣରୁ ଆପଣଙ୍କୁ ଲାଗୁଛି ଯେ କ୍ଷୀର ପରିମାଣ କମ ହେଉଛି ଏବଂ ଶିଶୁର ଖାଇବା ଯଥେଷ୍ଟ ହେଉ ନାହିଁ, ତେବେ ଆପଣଙ୍କ ଖାଦ୍ୟରେ ପରିବର୍ତ୍ତନ ଆଣନ୍ତୁ।

*ସ୍ତନରେ କ୍ଷୀର ପରିମାଣ ବୃଦ୍ଧି ପାଇଁ ଖାଦ୍ୟ:* ଅମୃତଭଣ୍ଡା, ରସୁଣ, ସାଗୁ ଆଦି ମାଆ କ୍ଷୀର ଉତ୍ପାଦନ ପାଇଁ ଅତ୍ୟନ୍ତ ଫଳପ୍ରଦ। ଏହା ପରେ ବି ଯଦି ଆପଣ ଅସୁବିଧା ସମ୍ମୁଖୀନ ହେଉଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ସପ୍ଲିମେଣ୍ଟ୍ ନେଇପାରିବେ। ସର୍ବଦା ଚେଷ୍ଟା କରନ୍ତୁ ମାଆକୁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଦେଇ ଶିଶୁ ପାଇଁ କ୍ଷୀର ଉତ୍ପାଦନ ଠିକ୍ ରଖିବେ। ଶିଶୁକୁ କୌଣସି ପରିସ୍ଥିତିରେ ଛଅମାସ ପୂର୍ବରୁ ପାଣି କିମ୍ବା କୌଣସି ବାହାର ତରଳ ଦିଅନ୍ତୁ ନାହିଁ।

*ଶିଶୁର ପ୍ରଥମ ପୋଷଣ:* ଶିଶୁର ପ୍ରଥମ ପୋଷଣ ମାଆ କ୍ଷୀରରୁ ମିଳେ। ଏଣୁ ବାହାର ଖାଦ୍ୟ ବା ଫର୍ମୁଲା ଆଦି ଦେବା ଦ୍ୱାରା ଛୁଆର ଶରୀରର ବୃଦ୍ଧି ତ ହୁଏ କିନ୍ତୁ ରୋଗ ପ୍ରତିରୋଧକ ଶକ୍ତି ଆବଶ୍ୟକ ପରିମାଣରେ ବଢ଼ିପାରେ ନାହିଁ। ଏଣୁ ମାଆ କ୍ଷୀର କୌଣସି ପରିସ୍ଥିତିରେ ବନ୍ଦ କରନ୍ତୁ ନାହିଁ। ଆମ ଗାଁ ଗହଳିରେ ବଡ଼ମାନେ ସାଧାରଣତଃ ମା'କୁ ଥଣ୍ଡା ଜ୍ୱର ହେଲେ ଛୁଆକୁ କ୍ଷୀର ଦେବାକୁ ମନା କରନ୍ତି। କିନ୍ତୁ ତାହା ସମ୍ପୂର୍ଣ୍ଣ ଭୁଲ୍। ମାଆର ଥଣ୍ଡା କିମ୍ବା ଜ୍ୱର ହେବା ବେଳେ ତା' ଶରୀରରେ ଆଣ୍ଟିବଡ଼ି ବା ରୋଗପ୍ରତିରୋଧକ ଶକ୍ତି ତିଆରି ହୁଏ, ଏହା ପରୋକ୍ଷ ଭାବେ ଶିଶୁ ଦେହକୁ ଯାଇଥାଏ। ତେଣୁ ଶିଶୁକୁ ସେହି ସମୟରେ ସ୍ତନ୍ୟପାନରୁ ବିରତ କରାଇବା ଉଚିତ ନୁହେଁ।



*ନିର୍ଦ୍ଦିଷ୍ଟ ଔଷଧ ନେବାକୁ ବାରଣ:* ସ୍ତନ୍ୟପାନ କରାଉଥିବା ମାଆକୁ କେତେକ ନିର୍ଦ୍ଦିଷ୍ଟ ଔଷଧ ନେବାକୁ ବାରଣ କରାଯାଏ, ଯାହା କେବଳ ଡାକ୍ତରଙ୍କ ପରାମର୍ଶ ପରେ କରିବେ। ଯଦି କିଛି ବିଶେଷ ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟା ଦେଖାଯାଏ ତେବେ ଡାକ୍ତରଙ୍କ ପରାମର୍ଶ କରି ନିଷ୍ପତ୍ତି ନିଅନ୍ତୁ। ମାଆ ଗର୍ଭବତୀ ଥିବା ସମୟରେ କୌଣସି ଜଟିଳ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଛି କିନ୍ତୁ ସୁସ୍ଥ ଶିଶୁ ଜନ୍ମ ହୋଇଛି ତେବେ ମଧ ସ୍ତନ୍ୟପାନ କରାଇବାରେ ଅସୁବିଧା ନାହିଁ। କିନ୍ତୁ କୌଣସି ପରିସ୍ଥିତିରେ ଯଦି ଛୁଆ କ୍ଷୀର ଖାଇପାରୁନି, ଜଣ୍ଡିସ୍ କିମ୍ବା ଅନ୍ୟ କୌଣସି ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ମାଆଠାରୁ ଅଲଗା ରହିଛି, ତେବେ ମାଆଠାରୁ ଏକ ସ୍ୱଚ୍ଛ ଷ୍ଟେରିଲାଇଜ୍ ହୋଇଥିବା କଣ୍ଟେନର ବା କାଚ ବୋତଲରେ କ୍ଷୀର ବାହାର କରି ସାଧାରଣ କୋଠରୀ ତାପମାତ୍ରାରେ ରଖି ଦେଇହେବ। ହେଲେ ଧ୍ୟାନ ରଖନ୍ତୁ କ୍ଷୀର ରଖିବାର ସ୍ଥାନ ସଫାସୁତୁରା ରହିବା ଆବଶ୍ୟକ।

*ମାଆକୁ ଉପଯୁକ୍ତ ସୁଷମ ଖାଦ୍ୟ:* ସ୍ତନ୍ୟପାନ କରାଇବା ସମୟରେ ମାଆ ଉପଯୁକ୍ତ ସୁଷମ ଖାଦ୍ୟ ଖାଇବା ଆବଶ୍ୟକ। ନିୟମିତ ପରିମାଣର କ୍ୟାଲୋରୀ ସହ ଆଉ ୬୦୦ କ୍ୟାଲୋରୀ ଅଧିକ ମିଶାଇ ନେବା ଆବଶ୍ୟକ ହୋଇଥାଏ। ଫଳ, ପନିପରିବା, ଶାଗୁ, ଉଷୁନା ଭାତ ଘିଅ ସହ ଖାଇବା ଭଲ। ଗରିଷ୍ଠ ଖାଦ୍ୟରୁ ଦୂରେଇ ରହିଲେ ଭଲ। ଧିରେ ଧିରେ କରି ଅଳ୍ପ ଅଳ୍ପ ଖାଇପାରିବେ। ସର୍ବଦା ଖାଇବା ବେଳେ ଧ୍ୟାନ ରଖିବେ ଯେ ଆପଣ ଯାହା ଖାଇବେ ତାହା ଶିଶୁର ଶରୀରରେ ହଜମ ହେବା ଆବଶ୍ୟକ।

*ମାଆମାନେ ଅଫିସ ଯାଉଥିଲେ କ'ଣ କରିବେ:* ଆଜିକାଲି ପ୍ରାୟ ମାଆମାନେ ଅଫିସ ଯାଉଛନ୍ତି। ଅଧିକାଂଶ କ୍ଷେତ୍ରରେ ଓ୍ୱାର୍କ ଫ୍ରମ୍ ହୋମ୍ ବା ଘରୁ କାମ କରିବାର ସୁବିଧା ଥିବାବେଳେ କେତେକ କ୍ଷେତ୍ରରେ ନାହିଁ। ସେ କ୍ଷେତ୍ରରେ ଯଦି ଅଫିସରେ ସ୍ତନ୍ୟପାନ ଗୃହ ରହିଛି ତେବେ ଶିଶୁକୁ ନେଇଯାଇପାରିବେ। ଏବେ ପ୍ରାୟ ସମସ୍ତ ସର୍ବସାଧାରଣ ସ୍ଥାନରେ ସ୍ତନ୍ୟପାନ କୋଠରୀ ରଖିବା ପାଇଁ ସଚେତନତା ସୃଷ୍ଟି ହେଉଛି। ମଲ୍, ରେଷ୍ଟୁରାଂଣ୍ଟ ଆଦିକୁ ବୁଲିଗଲା ବେଳେ ମଧ ଶିଶୁକୁ ଲଗାତାର ସମୟ ଅନୁସାରେ ସ୍ତନ୍ୟପାନ କରାଇବାକୁ ଭୁଲନ୍ତୁ ନାହିଁ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# କଲମର ସ୍ୱର ବନାମ କର୍ପୋରେଟ୍ ଡର

ଭାରତୀୟ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ପରିଚିତ ଗଣମାଧ୍ୟମର ସ୍ୱାଧୀନତା ଏବଂ ସମ୍ବିଧାନ ପ୍ରଦତ୍ତ ବାକ୍ ସ୍ୱାଧୀନତାର ସୁରକ୍ଷା ଦିଗରେ ଦିଲ୍ଲୀର ଏକ ଅଦାଲତଙ୍କ ନିକଟରେ ଆସିଥିବା ରାୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଅଟେ । ଆଦାନୀ ଏଣ୍ଟରପ୍ରାଇଜେସ୍ ଦ୍ୱାରା କେତେକ ସାମ୍ବାଦିକଙ୍କ ବିରୋଧରେ ଅଣାଯାଇଥିବା ଏକ ମାନହାନୀ ମକଦ୍ଦମାରେ, ସେମାନଙ୍କୁ କୌଣସି ପ୍ରକାରର ଖବର ପ୍ରକାଶନରୁ ବାରଣ କରିବା ପାଇଁ ଦିଆଯାଇଥିବା ଏକପାଖିଆ ରହିତାଦେଶକୁ (ex-parte gag order) ଜିଲ୍ଲା ନ୍ୟାୟାଧୀଶ ଆଶିଷ ଅଗ୍ରୱାଲ ଖାରଜ କରିଦେଇଛନ୍ତି । ଏହି ରାୟ କେବଳ ଚାରିଜଣ ସାମ୍ବାଦିକ - ରବି ନାୟାର, ଅବିର ଦାସଗୁପ୍ତା, ଆୟସକାନ୍ତ ଦାସ ଏବଂ ଆୟୁଷ ଯୋଶୀଙ୍କ ପାଇଁ ଏକ ଆଶ୍ୱସ୍ତି ନୁହେଁ, ବରଂ ଏହା ସମଗ୍ର ସାମ୍ବାଦିକ ଜଗତ ପାଇଁ ଏକ ବଡ଼ ବିଜୟ । ନ୍ୟାୟାଧୀଶ ସ୍ପଷ୍ଟ ଭାବରେ କହିଛନ୍ତି ଯେ ସାମ୍ବାଦିକମାନଙ୍କୁ ନିଜ ପକ୍ଷ ରଖିବାର ସୁଯୋଗ ନ ଦେଇ ଏପରି ଏକ ବ୍ୟାପକ ରହିତାଦେଶ ଜାରି କରିବା ଆଇନଗତ ଦୃଷ୍ଟିରୁ ଅସମର୍ଥନୀୟ ।

ଏହି ଘଟଣାକ୍ରମ ଆମ ନ୍ୟାୟିକ ବ୍ୟବସ୍ଥାର ଏକ ଅନ୍ତର୍ନିହିତ ବିଡ଼ମ୍ବନାକୁ ପଦାରେ ପକାଇଛି । ଯେଉଁ ଏକପାଖିଆ ରହିତାଦେଶକୁ ଜିଲ୍ଲା ଅଦାଲତ 'ଅସମର୍ଥନୀୟ' କହି ଖାରଜ କଲେ, ସେହି ରହିତାଦେଶଟି ଆମରି ନ୍ୟାୟିକ ବ୍ୟବସ୍ଥାର ଏକ ତଳ ଅଦାଲତ ଦ୍ୱାରା ହିଁ ଜାରି କରାଯାଇଥିଲା। ଏହା ସ୍ପଷ୍ଟ କରୁଛି ଯେ ନ୍ୟାୟିକ ବ୍ୟବସ୍ଥାର ସବୁ ସ୍ତରରେ ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ସମାନ ସମ୍ବେଦନଶୀଳତା ନାହିଁ । ଏହି ଘଟଣା କେବଳ ଏକ ମାମୁଲି ଆଇନଗତ ପ୍ରକ୍ରିୟା ନୁହେଁ, ବରଂ ଏହା ଭାରତରେ ବୃଦ୍ଧି ପାଉଥିବା ଏକ ଭୟଙ୍କର ପ୍ରବୃତ୍ତି ଉପରେ ଆଲୋକପାତ କରୁଛି, ଯାହାକୁ 'ଷ୍ଟ୍ରାଟେଜିକ୍ ଲସୁଟ୍ସ ଏଗେନଷ୍ଟ ପବ୍ଲିକ୍ ପାର୍ଟିସିପେସନ୍' ବା SLAPP କୁହାଯାଏ । ଏହି ମାମଲାର ଠିକ୍ ବର୍ଷକ ପୂର୍ବେ, ଦେଶର ସର୍ବୋଚ୍ଚ ନ୍ୟାୟାଳୟ 'ବ୍ଲୁମବର୍ଗ ଟେଲିଭିଜନ ପ୍ରଡକ୍ସନ ସର୍ଭିସେସ୍ ଇଣ୍ଡିଆ ବନାମ ଜୀ ଏଣ୍ଟରଟେନମେଣ୍ଟ ଏଣ୍ଟରପ୍ରାଇଜେସ୍' ମାମଲାରେ ଏଭଳି ଝଖଇଚଚ ମକଦ୍ଦମାଗୁଡ଼ିକ ବିଷୟରେ ସତର୍କ କରାଇ ଦେଇଥିଲେ । ତତ୍କାଳୀନ ମୁଖ୍ୟ ନ୍ୟାୟାଧିପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ସ୍ପଷ୍ଟ କରିଥିଲେ ଯେ SLAPP ହେଉଛି ଶକ୍ତିଶାଳୀ ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା ଗଣମାଧ୍ୟମ କିମ୍ବା ସାମାଜିକ କର୍ମୀଙ୍କ ବିରୋଧରେ ଏକ ଅସ୍ତ୍ର, ଯାହାର ଉଦ୍ଦେଶ୍ୟ ହେଉଛି ଜନସାଧାରଣଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଜାଣିବାରୁ ଓ ଅଂଶଗ୍ରହଣ କରିବାରୁ ବଞ୍ଚିତ କରିବା । ସୁପ୍ରିମକୋର୍ଟ ଏହା ମଧ୍ୟ କହିଥିଲେ ଯେ ବିଚାର ପୂର୍ବରୁ ଏକପାଖିଆ ରହିତାଦେଶ ଜାରି କରିବା ପ୍ରକାଶିତ ହେବାକୁ ଥିବା ସାମଗ୍ରୀ ପାଇଁ 'ମୃତ୍ୟୁଦଣ୍ଡ' ସଦୃଶ । ଏତେ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ଯଦି ଏକ ତଳ ଅଦାଲତ ଏପରି ଏକ ଆଦେଶ ଦେଉଛି, ତେବେ ଏହା ଚିନ୍ତାର ବିଷୟ ଏବଂ ଦର୍ଶାଉଛି ଯେ ଉଚ୍ଚ ନ୍ୟାୟାଳୟର ରାୟଗୁଡ଼ିକର ମର୍ମ ତଳ ସ୍ତରରେ ସବୁବେଳେ ପହଞ୍ଚିପାରୁନାହିଁ ।

SLAPP ମକଦ୍ଦମାଗୁଡ଼ିକର ମୂଳ ଉଦ୍ଦେଶ୍ୟ ମକଦ୍ଦମା ଜିତିବା ନୁହେଁ, ବରଂ ପ୍ରତିପକ୍ଷକୁ ଦୀର୍ଘ ଓ ମହଙ୍ଗା ଆଇନଗତ ଲଢେଇରେ ଛନ୍ଦି ଦେଇ ତାଙ୍କର ଆର୍ଥିକ ଓ ମାନସିକ ଶକ୍ତିକୁ କ୍ଷୟ କରିବା । ଏହି ନ୍ୟାୟିକ ପ୍ରକ୍ରିୟା ନିଜେ ହିଁ ଏକ ଦଣ୍ଡରେ ପରିଣତ ହୁଏ । ଏହି ମାମଲାରେ ସାମ୍ବାଦିକମାନେ ଶେଷରେ ଆଶ୍ୱସ୍ତି ପାଇଲେ ସତ, କିନ୍ତୁ ଏଥିପାଇଁ ସେମାନଙ୍କୁ ଯେଉଁ ମାନସିକ, ଆର୍ଥିକ ଏବଂ ବୃତ୍ତିଗତ ଚାପ ଦେଇ ଗତି କରିବାକୁ ପଡ଼ିଲା, ତାହାର କ୍ଷତିପୂରଣ କିଏ ଦେବ ? ଏହି ଭୟ ହିଁ 'ଚିଲିଙ୍ଗ୍ ଇଫେକ୍ଟ' (Chilling Effect) ସୃଷ୍ଟି କରେ, ଯାହା ଅନ୍ୟ ସାମ୍ବାଦିକମାନଙ୍କୁ ସମ୍ବେଦନଶୀଳ ପ୍ରସଙ୍ଗରେ ଲେଖିବାକୁ ଭୟଭୀତ କରାଏ । ଏହାଦ୍ୱାରା କେବଳ ସେହି ନିର୍ଦ୍ଦିଷ୍ଟ ଖବର ଦବିଯାଏ ନାହିଁ, ବରଂ ଭବିଷ୍ୟତରେ ହେବାକୁ ଥିବା ଅନେକ ଅନୁସନ୍ଧାନମୂଳକ ସାମ୍ବାଦିକତାର ଅକାଳରେ ମୃତ୍ୟୁ ଘଟେ। ଏହାର ସବୁଠାରୁ ଅଧିକ ଶିକାର ହୁଅନ୍ତି ସ୍ୱାଧୀନ ସାମ୍ବାଦିକ ଏବଂ ଛୋଟ, ସ୍ୱାଧୀନ ସମ୍ବାଦ ସଂସ୍ଥାଗୁଡ଼ିକ, ଯେଉଁମାନଙ୍କ ପାଖରେ ବଡ଼ ମିଡିଆ ହାଉସ୍ ପରି ଆଇନଗତ ଓ ଆର୍ଥିକ ସମ୍ବଳ ନଥାଏ ।

ଏହି ପରିପ୍ରେକ୍ଷୀରେ, ଆମକୁ ଭାରତରେ ଗଣମାଧ୍ୟମର ସ୍ୱାଧୀନତାର ବାସ୍ତବ ସ୍ଥିତିକୁ ମଧ୍ୟ ଦେଖିବାକୁ ହେବ । ରିପୋର୍ଟର୍ସ ବିଦାଉଟ୍ ବର୍ଡର୍ସ (Reporters Without Borders) ଦ୍ୱାରା ପ୍ରକାଶିତ ୨୦୨୫ ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କରେ ଭାରତର ସ୍ଥାନ ୧୮୦ଟି ଦେଶ ମଧ୍ୟରେ ୧୫୯ତମ, ଯାହା 'ଅତ୍ୟନ୍ତ ଗମ୍ଭୀର' ଶ୍ରେଣୀରେ ରହିଛି । ଏହି ରିପୋର୍ଟରେ ଗଣମାଧ୍ୟମର ମାଲିକାନା କିଛି ମୁଷ୍ଟିମେୟ ବ୍ୟବସାୟିକ ଗୋଷ୍ଠୀଙ୍କ ହାତରେ କେନ୍ଦ୍ରୀଭୂତ ହେବା ଏବଂ ଅର୍ଥନୈତିକ ଚାପକୁ ପ୍ରେସ୍ ସ୍ୱାଧୀନତା ପାଇଁ ଏକ ବଡ଼ ବିପଦ ବୋଲି ଦର୍ଶାଯାଇଛି । ଯେତେବେଳେ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ବିଜ୍ଞାପନ ପାଇଁ ସରକାର କିମ୍ବା ବଡ଼ କର୍ପୋରେଟ୍ ସଂସ୍ଥା ଉପରେ ନିର୍ଭରଶୀଳ ହୁଅନ୍ତି, ସେତେବେଳେ ସେମାନଙ୍କର ସମ୍ପାଦକୀୟ ସ୍ୱାଧୀନତା ସ୍ୱାଭାବିକ ଭାବରେ ସଙ୍କୁଚିତ ହୋଇଯାଏ । ଏଭଳି ପରିସ୍ଥିତିରେ, SLAPP ମକଦ୍ଦମାଗୁଡ଼ିକ ସେମାନଙ୍କ ପାଇଁ ବେଡ଼ି ଉପରେ କୋରଡ଼ା ମାଡ଼ ସଦୃଶ ହୋଇଥାଏ । ଏହା କେବଳ ସାମ୍ବାଦିକଙ୍କୁ ଆର୍ଥିକ ଓ ମାନସିକ ଭାବେ ଦୁର୍ବଳ କରେ ନାହିଁ, ବରଂ ସତ୍ୟକୁ ସାମ୍ନାକୁ ଆଣିବାର ସାହସକୁ ମଧ୍ୟ ହତ୍ୟା କରେ ।

ଏହି ଅନ୍ଧକାର ମଧ୍ୟରେ ଆଶାର କିରଣ ହେଉଛି ଆମ ନ୍ୟାୟପାଳିକାର ସକ୍ରିୟତା, ଯଦିଓ ଏହା ସର୍ବବ୍ୟାପୀ ନୁହେଁ । ଦିଲ୍ଲୀ ଅଦାଲତର ରାୟ ପୁଣି ଥରେ ପ୍ରମାଣିତ କରିଛି ଯେ ଯେତେବେଳେ କାର୍ଯ୍ୟପାଳିକା ବା ଅନ୍ୟ କୌଣସି ଶକ୍ତିଶାଳୀ ଗୋଷ୍ଠୀ ନାଗରିକର ଅଧିକାରକୁ ଦମନ କରିବାକୁ ଚେଷ୍ଟା କରନ୍ତି, ସେତେବେଳେ ନ୍ୟାୟପାଳିକା ହିଁ ଏକ ସୁରକ୍ଷା କବଚ ଭାବରେ ଛିଡ଼ା ହୋଇପାରେ । ସୁପ୍ରିମକୋର୍ଟ ବାରମ୍ବାର ନିଜ ରାୟରେ କହିଛନ୍ତି ଯେ ସାମ୍ବାଦିକଙ୍କ ଅଭିବ୍ୟକ୍ତିର ସୁରକ୍ଷା ଏକ ସାମ୍ବିଧାନିକ ଆଦେଶ। ତେବେ, ଏହି ସୁରକ୍ଷା କେବଳ କିଛି ଉଚ୍ଚ-ପ୍ରୋଫାଇଲ୍ ମାମଲାରେ ସୀମିତ ନ ରହି ତୃଣମୂଳ ସ୍ତରରେ ମଧ୍ୟ ପ୍ରତିଫଳିତ ହେବା ଜରୁରୀ ।

ଏହାର ସ୍ଥାୟୀ ସମାଧାନ ପାଇଁ କେବଳ ନ୍ୟାୟପାଳିକା ଉପରେ ସମ୍ପୂର୍ଣ୍ଣ ଭରସା କରି ବସିଯିବା ଯଥାର୍ଥ ନୁହେଁ । ଭାରତରେ SLAPP ମକଦ୍ଦମାକୁ ରୋକିବା ପାଇଁ ଏକ ସ୍ୱତନ୍ତ୍ର ଓ ଶକ୍ତିଶାଳୀ ଆଇନର ଆବଶ୍ୟକତା ରହିଛି, ଯେପରି ଆମେରିକା ଓ କାନାଡ଼ାର କେତେକ ପ୍ରଦେଶରେ ରହିଛି । ଏହି ଆଇନରେ ଏଭଳି ବ୍ୟବସ୍ଥା ରହିବା ଉଚିତ୍ ଯେପରିକି ମିଥ୍ୟା ଓ ଉଦ୍ଦେଶ୍ୟମୂଳକ ମକଦ୍ଦମାଗୁଡ଼ିକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ହିଁ ଖାରଜ କରାଯାଇପାରିବ ଏବଂ ମକଦ୍ଦମାକାରୀଙ୍କ ଉପରେ ଭାରୀ ଜୋରିମାନା ଲଗାଯାଇପାରିବ । ଏହା ସହିତ, ଗଣମାଧ୍ୟମ ସଂସ୍ଥାଗୁଡ଼ିକୁ ମଧ୍ୟ ନିଜର ସାମ୍ବାଦିକମାନଙ୍କ ପଛରେ ଦୃଢ଼ ଭାବରେ ଛିଡ଼ା ହେବାକୁ ପଡ଼ିବ । ସାମ୍ବାଦିକତା କୌଣସି ଅପରାଧ ନୁହେଁ, ଏହା ଗଣତନ୍ତ୍ରର ଏକ ଅପରିହାର୍ଯ୍ୟ ସେବା । ଯଦି ପ୍ରଶ୍ନ ପଚାରୁଥିବା ସ୍ୱରଗୁଡ଼ିକୁ ଆଇନର ଜାଲରେ ଛନ୍ଦି ଚୁପ୍ କରାଇ ଦିଆଯାଏ, ତେବେ ଗଣତନ୍ତ୍ର ନିଜେ ହିଁ ମୂକ ଓ ବଧିର ହୋଇଯିବ । ଦିଲ୍ଲୀ ଅଦାଲତର ରାୟ ଆମକୁ ଏହି ସତ୍ୟକୁ ପୁଣି ଥରେ ମନେ ପକାଇ ଦେଇଛି ଯେ ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଏକ ନିର୍ଭୀକ, ସ୍ୱାଧୀନ ଓ ସତ୍ୟନିଷ୍ଠ ଗଣମାଧ୍ୟମର କୌଣସି ବିକଳ୍ପ ନାହିଁ । ଏହି ଆଦର୍ଶକୁ ବଞ୍ଚାଇ ରଖିବାର ଦାୟିତ୍ୱ କେବଳ ନ୍ୟାୟପାଳିକାର ନୁହେଁ, ବରଂ ବିଧାନପାଳିକା, କାର୍ଯ୍ୟପାଳିକା ଏବଂ ସର୍ବୋପରି ଆମ ସମସ୍ତଙ୍କର ।

# ରାଧାମୋହନ ଗଡ଼ନାୟକଙ୍କ କବିତାରେ ମହାତ୍ମାଙ୍କ ମହନୀୟତା



ଡକ୍ଟର ମଣୀନ୍ଦ୍ର କୁମାର ମେହର

ସମଗ୍ର ଭାରତ ବର୍ଷରେ ମହାତ୍ମା ଗାନ୍ଧୀଙ୍କ ବ୍ୟକ୍ତିତ୍ୱର ମହାନତା ଯେପରି ଉଚ୍ଚକୋଟିର କବି ଓ ଲେଖକଙ୍କ ଆତ୍ମାକୁ ଆଚ୍ଛନ୍ନ କରିଛି, ତାହା ପ୍ରକୃତରେ ଅକଳ୍ପନୀୟ । ଓଡ଼ିଶାରେ ଯେଉଁମାନେ ସାହିତ୍ୟ ସାଧନାରେ ନିମଗ୍ନ ହୋଇଛନ୍ତି ସେମାନଙ୍କ ହୃଦୟ କକ୍ଷରେ ଗାନ୍ଧିଜୀ ପ୍ରତିଷ୍ଠିତ ହୋଇଛନ୍ତି ଏକ ଦିବ୍ୟ ବ୍ୟକ୍ତିର ପ୍ରତୀକ ଭାବରେ । ଗାନ୍ଧୀ ଚେତନାକୁ କେନ୍ଦ୍ର କରି ଅନେକ କବିତା ଓଡ଼ିଆରେ ରଚିତ ହୋଇଛି । ସେ କବିତା ଗୁଡ଼ିକରେ ମହାତ୍ମାଙ୍କ ଆଦର୍ଶ ଯେପରି ପ୍ରତିବିମ୍ବିତ ତାହା ଭାବଗ୍ରାହୀ ପାଠକମାନଙ୍କ ନିମିତ୍ତ ଅମୂଲ୍ୟ ସଂପଦ ।

କବିତାରେ ଆଦର୍ଶନିଷ୍ଠ ଜୀବନର ରୂପ ଦେବାରେ କବି ରାଧାମୋହନ ଗଡ଼ନାୟକ ଯେ ଏକ ଅନନ୍ୟ ପ୍ରତିଭା, ଏହା ସଚେତନ ଓଡ଼ିଆ ପାଠକ ମାତ୍ରକେ ଜାଣନ୍ତି । ଗାନ୍ଧିଜୀ ଯେତେବେଳେ ଅନୁଗୁଳରେ ପଦାର୍ପଣ କରିଛନ୍ତି ସେତେବେଳେ କିଭଳି ଆଶାର ଆଭା ବିଚ୍ଛୁରିତ ହୋଇଛି ସର୍ବତ୍ର ତାହା ଲକ୍ଷ୍ୟ କରିଛନ୍ତି ଗଡ଼ନାୟକ । ଅନ୍ଧାରି ମୂଲ୍ୟକରେ ଆଶାର ଆଲୋକ ସୃଷ୍ଟି କରିପାରୁଥିବା ଗାନ୍ଧୀଜୀଙ୍କ ବ୍ୟକ୍ତିତ୍ୱ ପ୍ରତି ରାଧାମୋହନ ଯେଉଁ ଆକର୍ଷଣ ଅନୁଭବ କରିଛନ୍ତି ତାହା ତାଙ୍କୁ ଆଚ୍ଛନ୍ନ କରି ରଖିଛି ବହୁଦିନ ପର୍ଯ୍ୟନ୍ତ । ପରବର୍ତ୍ତୀ ସମୟରେ ମହାତ୍ମା ଗାନ୍ଧୀଙ୍କ ଜୀବନର ପ୍ରେରଣା ଦାୟକ ଭାବସମ୍ଭାରକୁ ଭିତ୍ତିକରି ଯେଉଁ କବିତା ଗୁଡ଼ିକ ସେ ରଚନା କରିଛନ୍ତି ତାହା 'ଗାନ୍ଧୀଗାଥା' (୧୯୭୮) ସଂକଳନଟିରେ ପ୍ରକାଶିତ ହୋଇଛି ତାଙ୍କ ପ୍ରତିଭାର ଅପୂର୍ବ ଦୀପ୍ତି ନେଇ । ମହାତ୍ମା ଗାନ୍ଧୀଙ୍କ ଜୀବନ ଅତି ସାଧାରଣ ଅଥଚ ତାଙ୍କ ହୃଦୟ ଭିତରେ ଯେଉଁ ମହାମାନବର ରୂପ ପ୍ରତ୍ୟକ୍ଷ କରିଛନ୍ତି କବି ତାହା କବିତାଗୁଡ଼ିକର ପଦପଂକ୍ତିକୁ ଭାବସିକ୍ତ କରିଛି ଗଭୀର ଭାବରେ । ବଞ୍ଚିତ, ଲାଞ୍ଛିତ, ଉପେକ୍ଷିତ ମଣିଷର ଜାଗରଣ ନିମିତ୍ତ ଏ ପୃଥିବୀରେ ଗାନ୍ଧିଜୀଙ୍କର ଯେଉଁ ଆବିର୍ଭାବ ଘଟିଛି ତାହା ଅଭୀଭୂତ କରିଛି କବିଙ୍କୁ । ଗାନ୍ଧିଜୀଙ୍କର ବାଲ୍ୟକାଳର ଘଟଣାକୁ ଭିତ୍ତିକରି ସେ ଲେଖିଛନ୍ତି 'ଚୋରି କରିବା ତ ମହା ଅପରାଧ' ପିଲାଟି ବେଳରୁ ଗାନ୍ଧିଜୀଙ୍କ ଆତ୍ମା କିପରି ଉଚ୍ଚକୋଟିର ନୈତିକତା ପ୍ରତି ଉନ୍ମୁଖ ହୋଇ ଉଠୁଥିଲା ତାହା ପ୍ରତିପାଦିତ ହୋଇଥାଏ ଏଥିରେ । ଗାନ୍ଧିଜୀ ରେଳ ଭିତରେ ଯାତ୍ରା କରୁଥିବାବେଳେ ଜଣେ ସେଠ୍‌ଜୀ ଛେପ ଖଙ୍କାର ପକାଇ ଯେଉଁ ଅପରିଷ୍କାର ବାତାବରଣ ସୃଷ୍ଟି କରିଥିଲେ ଗାନ୍ଧିଜୀ ନିର୍ବିକାର ଚିତ୍ତରେ ତାହାକୁ ସଫା କରିଦେଇଛନ୍ତି । ସେଠ୍‌ଜୀ ଗାନ୍ଧିଜୀଙ୍କ ପରିଚୟ ପ୍ରାପ୍ତ ହେଲା ପରେ ଅନୁତପ୍ତ ହୋଇଛନ୍ତି ଆନ୍ତରିକ ଭାବରେ । 'କୌମୁଦୀର ଅବଦାନ' ନାମକ କବିତାଟିରେ ମିନାକ୍ଷୀ ନାମ୍ନୀ ଚରିତ୍ର ନିଜର ସମସ୍ତ ସ୍ୱର୍ଣ୍ଣାଳଙ୍କାର ଗାନ୍ଧିଜୀଙ୍କୁ ଅର୍ପଣ କରିଦେଇଛି ଦେଶ ସେବା ସକାଶେ । 'ବାରିକାଣୀର ଗାନ୍ଧିପୂଜା' କବିତାରେ ଜଣେ ବାରିକାଣୀ କିପରି ଗାନ୍ଧିଜୀଙ୍କୁ କ୍ଷୌର କରିବା ପାଇଁ ବାହାରିଛି ତାହାର ଚିତ୍ର ସଂସ୍ଥାପିତ । ତାର କୌଣସି ପାରିଶ୍ରମିକ ଦରକାର ନାହିଁ, ତା' ପାଇଁ ଦରକାର ଗାନ୍ଧିଜୀଙ୍କ ପବିତ୍ର ସାନିଧ୍ୟ । 'ଅନୁପମ ଦାନ' ନାମକ କବିତାଟିରେ ଯେତେବେଳେ ଖଦିର ପ୍ରସାର ପାଇଁ ବାପୁଜୀ ଆହ୍ୱାନ ଦେଇଥିଲେ ସେତେବେଳେ ଜଣେ ଦରିଦ୍ର ବୃଦ୍ଧା ଦାନ କରିଥିଲେ ତମ୍ବା ପଇସାଟିଏ ମାତ୍ର । ସେ ପଇସାର ମୂଲ୍ୟ ଗାନ୍ଧିଜୀଙ୍କ ନିକଟରେ କିପରି ଥିଲା ତାହାକୁ ଗଡ଼ନାୟକ ପ୍ରକାଶ କରିଛନ୍ତି ଆବେଗପୂର୍ଣ୍ଣ ଭାଷାରେ-

'ଧନିକର ମୋଟାଦାନ ଆଗେ
ଅନୁପମ ଏଇ ବୁଢ଼ୀର ଦାନ,
ଏହାରି ଭିତରେ ପୂରି ରହିଅଛି
ଅମାୟିକ ଏକ ସରଳ ପ୍ରାଣ' । (ପୃ-୪୦)

ଗାନ୍ଧିଜୀ ସର୍ବଦା ସାରଲ୍ୟର ଦ୍ୟୁତିକୁ ଅସଲ ସଂପଦ ଭାବରେ ସାଇତି ରଖୁଥିଲେ ନିଜ ହୃଦୟରେ । ସେ ପ୍ରକୃତରେ ଜାତିର ପିତା ହେବାର ରହସ୍ୟ ଉନ୍ମୋଚନ କରିପାରିଲେ ଆମେ ନିଶ୍ଚୟ ବିହ୍ୱଳ ଅନୁଭବ କରିବା ଦେଶର ମାନବାତ୍ମା ସହିତ ତାଙ୍କର ଏକାତ୍ମକତା ଲକ୍ଷ୍ୟ କରି । ଦେଶର ଚାଳିଶକୋଟି ଜନତା ପିନ୍ଧିବାକୁ ପୋଷାକ ପାଉନଥିବା ଦୁଃଖ ଗାନ୍ଧିଜୀଙ୍କୁ କରିଦେଇଛି ବ୍ୟଥିତ । ସେଥିପାଇଁ ସେ ଫୁଙ୍ଗୁଳା ଦେହରେ ପରିଧାନ କରିଛନ୍ତି ସହାନୁଭୂତିର ବସ୍ତ୍ର ଯାହା ସାଧାରଣ ଆଖିକୁ ଦେଖାଯିବା ସମାନ ନୁହେଁ ।

'ଆମ ଦେଶରେ ଏକଲା ନୁହେଁ ମୁଁ' କବିତାରେ ସେହି ଭାବଗୌରବ ବିଚ୍ଛୁରିତ । ସେହିଭଳି 'ମୀରାବେନ୍ ଓ ବାପୁ' ନାମକ କବିତାଟିରେ ଗାନ୍ଧିଜୀଙ୍କ ପ୍ରକୃତି ପ୍ରତିଥିବା ସମ୍ମାନ, ଶ୍ରଦ୍ଧା ଓ ସଂବେଦନଶୀଳତା ପ୍ରକଟିତ ହୋଇଉଠିଛି । ଗାନ୍ଧିଜୀଙ୍କ ବାଡ଼ି ମାଜିବା ପାଇଁ ରହିଥାଏ ବାବୁଲ ପତ୍ରର ଆବଶ୍ୟକତା। ରାତ୍ରକାଳରେ ଜଣେ ସେବକ ଡାଳ ଖଣ୍ଡେ ଭାଙ୍ଗି ଆଣିବାରୁ ଗାନ୍ଧିଜୀଙ୍କ ଅଙ୍ଗ ପ୍ରତ୍ୟଙ୍ଗରେ ଭରିଯାଇଛି ଯେପରି ଯନ୍ତ୍ରଣା ତାହା ଉଚ୍ଚାରିତ ହୋଇଛି ଏହି କବିତାର ମର୍ମରେ । କସ୍ତୁରବା ଥିଲେ ତାଙ୍କର ସହଧର୍ମିଣୀ ନିଜ ସହଧର୍ମିଣୀଙ୍କୁ ନିଜ ଆଦର୍ଶରେ ଦୀକ୍ଷିତ କରିବା ପାଇଁ ଗାନ୍ଧିଜୀଙ୍କ ଅନ୍ତରରେ ଭରି ରହିଥିଲା ଅସୀମ ମମତା । ଯେଉଁମାନେ ଗାନ୍ଧିଜୀଙ୍କ ନିର୍ମିତ ଆଶ୍ରମକୁ ଅତିଥି ଭାବରେ ଆଗମନ କରନ୍ତି ସେମାନଙ୍କୁ ମୁତ୍ରପାତ୍ର ପରିଷ୍କାର କରିବା ଦାୟିତ୍ୱ ଅର୍ପଣ ହୋଇଛି କସ୍ତୁରବାଙ୍କ ଉପରେ । ସେଥିରେ କସ୍ତୁରବା ସଂକୋଚ ଅନୁଭବ କରିବା ଦ୍ୱାରା ଗାନ୍ଧିଜୀ କହି ଉଠନ୍ତି-

'କରୁଅଛ ଯଦି କର ସ୍ୱଚ୍ଛମନେ ସ୍ନେହ ସରାଗରେ,
ନୋହିଲେ ଏ ଲୀଳା ଆଉ ଦେଖାଅନି ମୋହରି ଆଗରେ ।'
(ପୃ-୫୨)

'ବାପୁ ଓ ବା' ନାମକ ଏ କବିତାଟି ବାସ୍ତବରେ ସେଥିପାଇଁ ହୋଇ ଉଠିଛି ପ୍ରେରଣାର ଏକ ଦୀପ୍ତ ଦୀପଶିଆ । ଗାନ୍ଧିଜୀ ଓଡ଼ିଶା ଆସିଥିଲେ ମାତ୍ର ଜଗନ୍ନାଥ ଦର୍ଶନ ନକରି ଫେରିଯାଇଥିଲେ ଏଠାରୁ ତାର କାରଣ ଥିଲା ଦେଉଳ ମଧ୍ୟକୁ ଆପଣାର ଅନେକ ଲୋକଙ୍କୁ ପ୍ରବେଶାଧିକାର ମିଳିନାହିଁ, ଏକଥା ଜାଣିବା ପରେ ସେ ଆଉ ଜଗନ୍ନାଥ ଦର୍ଶନ ପାଇଁ ଅଭିଳାଷ ପ୍ରକଟ କରି ନଥିଲେ । ତାଙ୍କଠାରୁ ଲୁଚି କସ୍ତୁରବା ମନ୍ଦିରକୁ ଯାଇଥିବାରୁ ସେ କମ୍ ବ୍ୟଥିତ ହୋଇନାହାନ୍ତି । କୁଷ୍ଠରୋଗୀ ମାନଙ୍କ ସେବା ବାସ୍ତବରେ ତାଙ୍କ ମାନବ ପ୍ରୀତିର ଶ୍ରେଷ୍ଠ ଦୃଷ୍ଟାନ୍ତ । 'କୃଷ୍ଠ ରୋଗୀର ସେବା' କବିତାଟିରେ କିପରି ଏକ ସାଧାରଣ ଭିକ୍ଷାବୃତ୍ତି କରୁଥିବା କୁଷ୍ଠରୋଗୀକୁ ସେ ଆନ୍ତରିକତାର ସହିତ ନିଜ ପାଖକୁ ନେଇ ତାହାର ସେବା କରିଛନ୍ତି, ସେ ଦୃଶ୍ୟ କଳ୍ପନା କଲେ ରୋମାଞ୍ଚିତ ହୋଇଯିବ ଆମର ହୃଦୟ । 'ଆତତାୟୀ' ନାମକ କବିତାରେ ସେପରି ଗୋଟିଏ ବାଛୁରୀ ପ୍ରତି ତାଙ୍କର ସମବେଦନା ଥରାଇ ଦିଏ ହୃଦୟକୁ ।

ହିନ୍ଦୁ ମୁସଲମାନ ମଧ୍ୟରେ ଦଙ୍ଗା ଯେତେବେଳେ ବ୍ୟାପି ଯାଇଥିଲା ସେତେବେଳେ ଅନଶନ ଦ୍ୱାରା, ଅହିଂସା ଦ୍ୱାରା ତାକୁ ଆୟତ୍ତ କରିଥିଲେ ଗାନ୍ଧିଜୀ ଆପଣାର ସ୍ୱତନ୍ତ୍ର ଇଚ୍ଛାଶକ୍ତି ବଳରେ। 'ନୂଆଖାଲି ଅଞ୍ଚଳେ' କବିତାରେ ମୁସ୍‌ଲିମ୍ ଝିଅଟିଏ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରାଣବଳି ଦେବାକୁ କିପରି ଉନ୍ମୁଖତା ପ୍ରକାଶ କରିଛି ତାହାର ଚିତ୍ର ଦେଖିବାକୁ ମିଳେ । ଆଉ ଏକ କବିତା 'ବୁଢ଼ା ତ ମତେରେ ଦେଇଛି ଛୁଇଁ'ରେ ଶତ୍ରୁକୁ ଆପଣାର କରିବାର କଳାରେ ଗାନ୍ଧିଜୀ ଥିଲେ କିପରି ଶକ୍ତି ସଂପନ୍ନ ତାହା ପ୍ରତିପାଦିତ ହୋଇଯାଏ । ବ୍ରିଟିଶ ସରକାର ଅଧୀନରେ ଚାକିରୀ କରୁଥିବା ଜଗୁଆଳିର ହୃଦୟ କିପରି ପରିବର୍ତ୍ତିତ ହୋଇଯାଇଛି ତାହା ବାସ୍ତବିକ ଗାନ୍ଧୀଙ୍କ ମହାନତାକୁ ଉନ୍ମୋଚନ କରିଦେବାରେ ଯଥେଷ୍ଟ ।

'ଗାନ୍ଧୀ ଏକ ମହାଯାଦୁକର' କବିତାଟିରେ ମଧ୍ୟ ସେହି ମହନୀୟ ହୃଦୟର ଆଲୋକ କଣିକା ଯେପରି ବିଚ୍ଛୁରିତ ହୋଇଛି ତାହାକୁ ସ୍ପର୍ଶ କରିବାର ସୌଭାଗ୍ୟ ଯେ ଲାଭ କରିବ ସେ ହୋଇଯିବ ଧନ୍ୟ। ସ୍ୱର୍ଣ୍ଣ, ରୌପ୍ୟ ଅଳଙ୍କାର ନାରୀର ସୌନ୍ଦର୍ଯ୍ୟ ବୃଦ୍ଧି କରେ ନାହିଁ, ତା' ହୃଦୟର ସଦ୍‌ଗୁଣ ହିଁ ତାର ବ୍ୟକ୍ତିତ୍ୱକୁ କରେ ମହୀୟାନ ଏହି ସତ୍ୟ ପ୍ରମାଣିତ ହୋଇଯାଇଛି 'କୌମୁଦୀର ଅବଦାନ' ଶୀର୍ଷକ କବିତାଟିରେ। 'ଅବାତୀର ତାରା' କବିତା ଗ୍ରନ୍ଥରେ 'ତିନିଗୋଟି ବର' ନାମକ କବିତାଟିରେ ଜଣେ କାଠୁରିଆଙ୍କୁ ଗାନ୍ଧିଜୀ ପିତାମାତା, ଗୁରୁଜନ, ଭଗବାନଙ୍କୁ ଭକ୍ତି ନିବେଦନ କରିବା, ଗାଈଗୋରୁଙ୍କ ମାଂସ ଭକ୍ଷଣ ନକରିବା ଓ ନିଶା ସେବନରୁ ନିବୃତ୍ତ ରହିବା ପାଇଁ ଯେଉଁ ସନ୍ଦେଶ ଦେଇଛନ୍ତି ତାହା ପ୍ରତିଟି ଯୁଗପାଇଁ ଏକାନ୍ତ ପ୍ରାସଙ୍ଗିକ ।

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅସାମାନ୍ୟ ମାନବିକତା ପ୍ରତି କବି ରାଧାମୋହନ ଗଡ଼ନାୟକ ଯେପରି ଆକର୍ଷିତ ହୋଇଛନ୍ତି ଓ ନିଜସ୍ୱ ରଚନାରେ ତାଙ୍କୁ ଯେପରି ପ୍ରଭାବଶାଳୀ ଭାବରେ ପ୍ରକାଶ କରିଛନ୍ତି ତାହା ବାସ୍ତବିକ ଗାଁ ଗାଁରେ ପଠିତ ହେବା ଆବଶ୍ୟକ । ମହାତ୍ମା ଗାନ୍ଧୀଙ୍କୁ ଆମେ ସମସ୍ତେ ଜାଣିଛୁ ଏକଥା ସତ, କିନ୍ତୁ ତାଙ୍କର ଅନ୍ତଃସ୍ଥଳକୁ ବୁଝିବା ପାଇଁ କବି ଗଡ଼ନାୟକ ଯେଉଁ ପ୍ରଶସ୍ତ ପଥ ନିର୍ମାଣ କରି ଦେଇଛନ୍ତି ତାହା ଅନୁଗାମୀ ମଣିଷ ପାଇଁ ଯୁଗେ ଯୁଗେ ଦେଖାଉଥିବ ସତ୍ୟ ଓ ପ୍ରେମର ପୁଷ୍ପିତ ପଥ ।

ପରିଦର୍ଶକ ପ୍ରଫେସର
ସ୍ନାତକୋତ୍ତର ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣିବିହାର- ୭୫୧୮୪

# ଶକ୍ତିପୀଠରେ ଷୋଳପୂଜା



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆଶ୍ୱିନ ମାସ ପ୍ରବେଶରେ ଆରମ୍ଭ ହୋଇଯାଏ ପାର୍ବଣ ଋତୁ । ଜଗଜ୍ଜନନୀ ମା' ଆସିବେ ଧରାକୁ । ଶକ୍ତିପୀଠ ବା ଦେବପୀଠରେ ଆଶ୍ୱିନ କୃଷ୍ଣ ଅଷ୍ଟମୀ ଅର୍ଥାତ୍ ମୂଳାଷ୍ଟମୀ ବା ଦ୍ୱିତିବାହାନ ଓଷା ଠାରୁ ମା'ଙ୍କର ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହୁଏ । ପୁରୀର ବିମଳା, କୋଣାର୍କର ରାମଚଣ୍ଡୀ, କଟକ ଚଣ୍ଡୀ, ଗଡ଼ଚଣ୍ଡୀ, ମା'ଶାରଳା, ବାଣପୁରର ଭଗବତୀ, କାକଟପୁରର ମଙ୍ଗଳା, ବାଙ୍କୀର ଚର୍ଚ୍ଚିକା, ବଡ଼ମ୍ବାର ଭଟ୍ଟାରିକା, ଯାଜପୁରର ବିରଜା, ଗଞ୍ଜାମର ତାରାତାରିଣୀ, ନାରାୟଣୀ ଆଦି ସମସ୍ତ ଦେବୀପୀଠରେ ଶାରଦୀୟ ପୂଜା ଉତ୍ସବର ସଂକଳ୍ପ କରାଯାଏ ଏହି ଦିନ । ଦେବୀଙ୍କର ଆଦ୍ୟଘଟ ନିମ୍ମଜନ ଏବଂ ପରେ କଳସ ସ୍ଥାପନ କରାଯାଏ । ସବୁ ଦେବୀପୀଠରେ ଷୋଡ଼ଶ ଉପଚାର ପୂଜା ସହ ଦେବୀଙ୍କର ଭିନ୍ନ ଭିନ୍ନ ବେଶ ମଧ୍ୟ କରାଯାଏ । ମାତ୍ର ମହିଷାମର୍ଦ୍ଦିନୀ ମା'ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ଉତ୍ସବ ଅନୁଷ୍ଠିତ ହୁଏ ଆଶ୍ୱିନ ଶୁକ୍ଳ ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ।

ଇଂରାଜୀ ୧୯୪୮ ମସିହା ପାଖରୁ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରତିବର୍ଷ ବିଜୟା ଉପଲକ୍ଷେ ଆଶୀର୍ବାଣୀ ଦେଉଥିଲେ। ଏହି ଆଶୀର୍ବାଣୀ ମାଧ୍ୟମରେ ଶାରଦୀୟ ପୂଜାର ରହସ୍ୟ ଓ ଜଗନ୍ମାତାଙ୍କର ପ୍ରକୃତ ସ୍ୱରୂପ ସମ୍ବନ୍ଧରେ ବହୁ ତଥ୍ୟ ବ୍ୟକ୍ତ କରିଛନ୍ତି ଯୁଗପୁରୁଷ ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର। ମହାମାୟା ସମ୍ବନ୍ଧରେ ଜ୍ଞାନ-ତାପସ-ପ୍ରବୀଣ ଭକ୍ତବୃନ୍ଦ ବିଭିନ୍ନ ଆଲୋଚନା କରୁ କରୁ ଦେଖାଯାଉଥିଲା ଶ୍ରୀ ଶ୍ରୀ ଠାକୁର ନୀରବ, ଧ୍ୟାନ ଗମ୍ଭୀର ଓ ଉର୍ଦ୍ଧ୍ୱନିମିଳୀତ ନୟନରେ ସମାଧିସ୍ଥ ହୋଇଯାଉଥିଲେ। ଅର୍ଥାତ୍ ସେତେବେଳେ ହିଁ ମହାମାୟା ସମ୍ପୃକ୍ତ ଭାବରାଶି ପ୍ରଭୁଙ୍କର ଚିଦ୍ ଜଗତରେ ତରଙ୍ଗ ସଂଚାରିତ କରି ଶ୍ରୀମୁଖରୁ ଝରଣାର ସ୍ରୋତ ଭଳି ନିର୍ଗତ ହେଉଥିଲା ଅପୂର୍ବ କମନୀୟ ଭାବ, ଭାଷା, ଛନ୍ଦ ଓ ତାଳର ଅନୁସରଣ ନେଇ।

ଯୁଗାବତାର ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଜଗଜ୍ଜନନୀ ମା'ଦୁର୍ଗାଙ୍କର ପୂଜା ଉତ୍ସବରେ କହିଛନ୍ତି - ଏହି ଦଶହରାରେ ମୋର ଐକାନ୍ତିକ ପ୍ରାର୍ଥନା ଜଗଜ୍ଜନନୀ ମା'ଙ୍କ ଶ୍ରୀଚରଣରେ - ତୁମ୍ଭେମାନେ ସୁଖରେ ସୁଯୋଗ୍ୟତାର ସହିତ ପରିବାର ପରିବେଶ ନେଇ ସୁଦୀର୍ଘ ଜୀବନଲାଭ କର। ଜୀବନର ଜେଲ୍ଲା ହିଁ ହେଉଛି ଯୋଗ୍ୟତା, ଯାହା ମନୁଷ୍ୟକୁ ବିବର୍ଦ୍ଧନରେ ବିସ୍ତୃତ କରି ତୋଳେ ତାର ସମସ୍ତ ବ୍ୟକ୍ତିତ୍ୱକୁ ନେଇ। ତେଣୁ ପ୍ରତି ପ୍ରତ୍ୟେକଙ୍କୁ ସୁଯୋଗ୍ୟତାରେ ସୁବିସ୍ତାର ଲାଭ କରିବାକୁ ହେବ, ଉଦ୍ଦେଶ୍ୟ ଓ ଚାହିଦାରେ ଶୀଘ୍ର ପହଞ୍ଚିବାକୁ ହେବ, ପ୍ରସ୍ତୁତିର ପରାକ୍ରମୀ ପ୍ରଦୀପ୍ତି ନେଇ ପ୍ରତ୍ୟେକ ପରିବାରକୁ ସଂହତ କରି ତୋଳିବାକୁ ହେବ ଏକ ଆଦର୍ଶରେ, ଏକପ୍ରାଣତାରେ, ପରିବେଶକୁ ସୁସଂହତକରି ତୋଳିବାକୁ ହେବ ସେହି ଏକ ଆଦର୍ଶରେ ଏକ ପ୍ରାଣତାର ନିବିଡ଼ ଆଲିଙ୍ଗନ ଭିତର ଦେଇ ସାନୁକମ୍ପୀ ସହଯୋଗିତାରେ, ପରସ୍ପର ପରସ୍ପରକୁ ସମୁନ୍ନତ କରି ତୋଳିବାକୁ ହେବ, ଜୀବନରେ, ଯୋଗ୍ୟତାରେ, ଜୌଲୁସରେ, ଅଭ୍ୟୁଦୟୀ ସମ୍ବର୍ଦ୍ଧନାରେ, ବୈଶିଷ୍ଟ୍ୟ ଓ ବ୍ୟକ୍ତି ସ୍ୱାତନ୍ତ୍ର୍ୟକୁ ସୁନିୟନ୍ତ୍ରିତ କରି। ଆମ୍ଭମାନଙ୍କର ସମସ୍ତ ହୃଦୟ ଯେଭଳି ସୁକେନ୍ଦ୍ରିକ ଇଷ୍ଟାନୁଗ ତପସ୍ୟାରେ ଅଚ୍ୟୁତ ହୋଇ ସମସ୍ତ କିଛିର ସମନ୍ୱୟୀ ସାମଞ୍ଜସ୍ୟ ଭିତର ଦେଇ ପରମପିତାଙ୍କ ଶ୍ରୀଚରଣରେ ସାର୍ଥକ ହୋଇ ଉଠିପାରେ। ଆମ୍ଭମାନଙ୍କର ସମୁନ୍ନତ ଯୋଗ୍ୟତାର ସେବା ସନ୍ଦୀପ୍ତ, କର୍ମ-ଅନୁଚୟୀ ଶୌର୍ଯ୍ୟ ସମ୍ପଦର ଅର୍ଘ୍ୟ ନେଇ ସର୍ବତୋଭାବରେ ଯେଭଳି କହି କରିପାରୁ - ଆମ୍ଭେମାନେ ଅମୃତନିଷ୍ୟନ୍ଦୀ, ଅମୃତର ପୁତ୍ର, ଅମୃତର ସହଜ ପରିବେଷକ। ପୁଣି କୁହେ ତୁମ୍ଭେମାନେ ଜଗଜ୍ଜନନୀଙ୍କର କର୍ମପ୍ରାଣ ସୁକେନ୍ଦ୍ରିକ ହୋଇରୁହ, ସର୍ବକର୍ମକୁ ସାର୍ଥକ କରି ଉଠାଅ ପରମପିତାଙ୍କ ପାଖରେ, ସୁଖ ଓ ସୁଦୀର୍ଘଜୀବୀ ହୋଇ ଯୋଗ୍ୟତାର ପୂଜା ଅର୍ଘ୍ୟରେ ପରିବାର-ପରିବେଶ ସହ ବଞ୍ଚିରୁହ, ବୃଦ୍ଧି ତତ୍ପର ହୋଇ ଚାଲ - ଏହା ମୋର ଏକାନ୍ତ ପ୍ରାର୍ଥନା - ସେହି ଏକାନ୍ତର ଚରଣ ପ୍ରାନ୍ତରେ। ଦେବୀ ଦୁର୍ଗା କେବଳ ଦୁଷ୍ଟ ଶକ୍ତିର ସଂହାରିଣୀ ଶକ୍ତି ନୁହନ୍ତି, ସୃଷ୍ଟିର ପାଳନକର୍ତ୍ତ୍ରୀ ମଧ୍ୟ। ତେଣୁ ତାଙ୍କୁ ଯଥାର୍ଥରେ କୁହାଯାଇଛି ଶାକମ୍ଭରୀ । ଅର୍ଥାତ୍ ସେ ହେଉଛନ୍ତି ଶସ୍ୟ ପାଳିକା । ଯେଉଁ ଦୁର୍ଗା ଅସୁରଙ୍କ ନିଧନ ଲାଗି ବିବସନା, ନରମୁଣ୍ଡମାଳିନୀ, ଖଡ଼୍‌ଗ ଧାରିଣୀ କାଳୀ ମୂର୍ତ୍ତି ସାଜିଲେ, ସେ ପୁଣି ସୃଷ୍ଟି ପାଳନ ପାଇଁ ମାତୃମୂର୍ତ୍ତି ଶାକମ୍ଭରୀ ରୂପ ଧାରଣା କରନ୍ତି । 'ଦେବୀ ମହାତ୍ମ୍ୟ'ରେ ମା' କହିଛନ୍ତି 'ଅନାବୃଷ୍ଟି ସମୟରେ ମୋ ଶରୀରରୁ ନିର୍ଗତ ପ୍ରାଣ ସଞ୍ଜୀବନୀ ଶସ୍ୟସମୂହ ଦ୍ୱାରା ମୁଁ ଜଗତବାସୀଙ୍କ ପୋଷଣ ଦାୟିତ୍ୱ ନେବି ଏବଂ ଶାକମ୍ଭରୀ ନାମରେ ବିଖ୍ୟାତ ହେବି । ବର୍ଷାଋତୁ ପରେ ଚତୁର୍ଦ୍ଦିଗରେ ଶସ୍ୟର ସମ୍ଭାର ଦେଖି ଶସ୍ୟର ସମୃଦ୍ଧି ପାଇଁ ମା'ଦୁର୍ଗାଙ୍କ କୃତଜ୍ଞତା ଜଣାଇବା ସକାଶେ ଦୁର୍ଗାପୂଜାର ପ୍ରବର୍ତ୍ତନ ହୋଇଥିବା ଅନୁମାନ କରାଯାଏ । ଦେବୀ ମହିଷାମର୍ଦ୍ଦିନୀ ରୂପେ ପୂଜା ପାଇବା ପୂର୍ବରୁ ଶସ୍ୟର ଅଧିଷ୍ଠାତ୍ରୀ ଧରିତ୍ରୀ ଦେବୀ ରୂପେ ପୂଜା ପାଉଥିବାର ମଧ୍ୟ ବିଶ୍ୱାସ କରାଯାଏ । ଶାରଦୀୟ ଦୁର୍ଗା ପୂଜାରେ କଦଳୀ ପତ୍ର, ବେଲପତ୍ର ଆଦି ନବପତ୍ରିକାରେ ଦେବୀଙ୍କର ପୂଜା ହେବାର ବିଧି ରହିଛି ।

> ଯୁଗାବତାର ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଜଗଜ୍ଜନନୀ ମା'ଦୁର୍ଗାଙ୍କର ପୂଜା ଉତ୍ସବରେ କହିଛନ୍ତି - ଏହି ଦଶହରାରେ ମୋର ଐକାନ୍ତିକ ପ୍ରାର୍ଥନା ଜଗଜ୍ଜନନୀ ମା'ଙ୍କ ଶ୍ରୀଚରଣରେ - ତୁମ୍ଭେମାନେ ସୁଖରେ ସୁଯୋଗ୍ୟତାର ସହିତ ପରିବାର ପରିବେଶ ନେଇ ସୁଦୀର୍ଘ ଜୀବନଲାଭ କର। ଜୀବନର ଜେଲ୍ଲା ହିଁ ହେଉଛି ଯୋଗ୍ୟତା, ଯାହା ମନୁଷ୍ୟକୁ ବିବର୍ଦ୍ଧନରେ ବିସ୍ତୃତ କରି ତୋଳେ ତାର ସମସ୍ତ ବ୍ୟକ୍ତିତ୍ୱକୁ ନେଇ।

ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ
ପ୍ରଫେସର, ହେପାଟୋଲୋଜି
ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ
କଲେଜ, କଟକ,
ମୋ: ୯୪୩୭୦୫୧୯୫୭




## ନିଃସଙ୍ଗତା



ମନୋଜ କୁମାର ମେହେର

ମଣିଷ ଅଟଇ ସାମାଜିକ ପ୍ରାଣୀ
ମିଳିମିଶି ସଦାଚଲେ,
ନିଃସଙ୍ଗ ଜୀବନ ଅଟେ ଦୁଃଖ ପୂର୍ଣ୍ଣ
କାଳ କାଟେ କଳେବଳେ।(୧)
ନିଃସଙ୍ଗ ହୋଇଲେ କଟେନି ସମୟ
କଟେ ନାହିଁ ଦିନରାତି,
ସଦା ଜର୍ଜରିତ ମନ ବିଚଳିତ
ହୃଦରେ ନଥାଏ ଶାନ୍ତି।(୨)
ମଣିଷ ଭିତରେ ବଞ୍ଚିବାର ମୋହ
ନିଃସଙ୍ଗତା କରେ ନଷ୍ଟ,
ଏକା ଏକା ଏଠି ବାଟ ଚାଲିବାରେ
ଜୀବନଟା ଲାଗେ କଷ୍ଟ।(୩)
ମିଳିମିଶି ସଦା ଚଳିବା ପାଇଁ କି
ଚାହୁଁନାହିଁ ଏଠି କେହି,
ତେଣୁ ନିଃସଙ୍ଗତା ବଢ଼ି ବଢ଼ି ଯାଏ
ଖୁସିରେ ନଥାନ୍ତି ରହି।(୪)
ମଣିଷ ତ ଚାହେଁ ସୁଖେ ରହିବାକୁ
ନିଃସଙ୍ଗତା ଚାହେଁ ନାହିଁ,
ତଥାପି ମଣିଷ ଭାଗ୍ୟର ବିଡମ୍ବ
ଏକୁଟିଆ ଥାଏ ରହି।(୫)
ନିଜର ରକତ ପର କରିଦିଏ
କାହାକୁ ଅବା ବିଶ୍ୱାସ,
ନିଃସଙ୍ଗରେ ପୁଣି ରହିବାକୁ ହୁଏ
ମୁଖୁ ହଜିଯାଏ ହସ।(୬)
ତଥାପି ନିଃସଙ୍ଗ ସୁଖ ଦେଇଥାଏ
ବୈଜ୍ଞାନିକ କବି ଗଣେ,
ନୂଆ ଉଦ୍ଭାବନ କରେ ବୈଜ୍ଞାନିକ
କବି ସାହିତ୍ୟ ସୃଜନେ।(୭)
ପ୍ରତି ଦରବର ଭଲମନ୍ଦ ଅଛି
ସେଭଳି ନିଃସଙ୍ଗତାର,
ନିଜେ ନିଜେ ସବୁ ସହି ଚଲିଗଲେ
ସବୁ କଷ୍ଟ ହେବ ଦୂର।(୮)

+ବଣ୍ଡାକୁଟୁରା, ଜୁନାଗଡ଼
କଳାହାଣ୍ଡି
ମୋ-୯୩୩୭୭୯୩୧୫୭

## ପାର୍ବଣର ଋତୁ ଆସିଲାଣି

ହରେରାମ ପଣ୍ଡା

ଅଶିଣ ମାସରେ ଘାସ ଗାଲିଚାରେ
ଅଶିଣା କାକର ପଡ଼ିଲାଣି,
ରବି କିରଣରେ ଦିଶେ ଚିକିମିକି
ମୁକୁତା ଯେସନେ ଲାଗିଲାଣି ।
ଗାଆଁ ଗାଡ଼ିଆରେ କୁମୁଦିନୀ ହସେ
ଜହ୍ନର ପ୍ରେମରେ ଭିଜିବାକୁ,
ଶେଫାଳୀ ଫୁଲର ମିଠା ବାସ ଛୁଟେ
କାହା ମନ ପ୍ରାଣ ଛୁଇଁବାକୁ ।
ଝୁମେ କାଶତଣ୍ଡୀ ତଟିନୀ ପଠାରେ
ଗାଏ ମାଆଙ୍କର ଆବାହନୀ,
ଆସୁଛନ୍ତି ମାଆ ଧରାକୁ ଓହ୍ଲାଇ
କୋଟି ମନେ କୋଟି ଭାବ ଆଣି ।
ପାର୍ବଣ ଋତୁର ନୂତନ ସମ୍ଭାର
ଛୁଇଁଯାଏ କୋଟି ଜନ ମନ,
ପଲ୍ଲୀ ଠୁଁ ସହର ଉତ୍ସବ ମୁଖର
ଶୁଭେ ମାଆଙ୍କର ଜୟଗାନ ।
ଦୁର୍ଗତି ନାଶିନୀ, ନିତ୍ୟ ସନାତନୀ
ମହିଷାମର୍ଦ୍ଦିନୀ କୃପାମୟୀ,
ଆସିବେ ମରତେ, ଅଧିର ଭକତେ
ମାତା ଦୁର୍ଗାଙ୍କର ପଥ ଚାହିଁ ।
ଆସ ଆସ ମାତେ, ଅବତରି ଆସ
ପରଶି ଦିଅ ମା, କୃପାବାରି,
ଅଧର୍ମ, ଅନ୍ୟାୟ ଦୂରକର ମାତା,
ଜଗତରେ ସୁଖ ଦିଅ ଭରି ।

+ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
କୁଆଁସ, ମେରଦା କାଟିଆଛକ,
ଯାଜପୁର
ମୋ: ୯୪୩୮୦୬୫୧୯୫





# ରାମ ରହିମ

## ସୁନନ୍ଦା ମହାନ୍ତି



ପାଖ ସ୍କୁଲରୁ ପ୍ରାର୍ଥନାରେ ଭାସିଆସୁଥିବା ରଘୁପତି ରାଘବ ରାଜାରାମ। ପତିତ ପାବନ ସୀତା ରାମ ଓ ଇଶ୍ୱର ଆଲ୍ଲା ତେରେ ନାମ... ସବକୋ ସନମତି ଦେ ଭଗବାନ। ଶୁଣୁ ଶୁଣୁ ଦୁହେଁ ଦୁହିଁଙ୍କୁ କୁଣ୍ଢାଇ ପକାନ୍ତି। ରାମ କହେ ମୁଁ ହିନ୍ଦୁ ନୁହେଁ ବରଂ ତୋ ସାଙ୍ଗ। ରହିମ କହେ ମୁଁ ମୁସଲମାନ ନୁହେଁ ବରଂ ତୋ ସଖା ଓ ସହୋଦର। କେବେ ଦୂରେଇ ଯିବାନି ପରସ୍ପରଠାରୁ କଥା ରଖି ଦୁହେଁ ଏକା ସ୍କୁଲରେ ନାମ ଲେଖାଇଲେ। ରାମ ଥିଲା ଜିନିଅସ। ସବୁଥିରେ ଫାଷ୍ଟ। ରହିମ ଥିଲା ଖେଳ କୁଦ ପ୍ରିୟ। ଆନୁଆଲ ସ୍ପୋର୍ଟ୍ସରେ ସେ ସବୁଥିରେ ଆଗୁଆ। ସାର ଯେବେ ପଚାରନ୍ତି ସବୁପିଲାଙ୍କୁ ତୁମ ଲକ୍ଷ କଣ ତ କିଏ ଡାକ୍ତର କି ଇଞ୍ଜିନିଅର କି ପୋଲିସ ଅଫିସର ଇତ୍ୟାଦି କହୁଥିଲା ବେଳେ ରାମ କହେ ସେ ଦେଶ ରକ୍ଷକ ସୈନିକ ହେବ ତ ରହିମ କହେ ସେ ଦେଶ ଭକ୍ତ ହେବ। ଦେଶ ଭକ୍ତ କହିଲେ କଣ ବୁଝିଛୁ ଟିକେ କହତ ରହିମ କହିଲେ ରହିମ କହେ ଦେଶ ଭକ୍ତ ଅର୍ଥ ଅନେକ କିନ୍ତୁ ସମସ୍ତେ



ଭାଇ ଭାଇ ହୋଇ ରହିବାକୁ ମୁଁ ବୁଝେ ଦେଶଭକ୍ତ। ସାର ହସନ୍ତି କହନ୍ତି ଯିଏ ଯାହା ହେବାକୁ ଲକ୍ଷ ରଖି ପାଠ ପଢିବା ଭଲ ସତ କିନ୍ତୁ ଭାଗ୍ୟରେ ଯାହା ଲେଖା ତା ହିଁ ଘଟିଥାଏ। ରାମ ରହିମଙ୍କ ସହ ସବୁପିଲା କୁହନ୍ତି ଉଦାହରଣ ଦେଇ କୁହନ୍ତୁ ସାର। ତ ସାର ସେଇ ତିନିସାଙ୍ଗଙ୍କ କାହାଣୀ କୁହନ୍ତି ଉଦାହରଣରେ ତିନିବନ୍ଧୁଙ୍କ କାହାଣୀ କହି ଚାଲନ୍ତି ସାର।

ଗଳ୍ପ ହେଲେ ବି କଥାଟି ସତ। ବହୁଦିନ ପୂର୍ବର କଥା। ନିର୍ଦ୍ଦିଷ୍ଟ ଏକ ସହରରେ ଗୋଟିଏ ସ୍କୁଲରେ ଗୋଟିଏ କ୍ଲାସରେ ତିନିଜଣ ସାଙ୍ଗ ପଢୁଥିଲେ। ସବୁବେଳେ ସେମାନେ ଗୋଟିଏ ବେଞ୍ଚ ରେ ହିଁ ବସୁଥିଲେ। ଅଭିନ୍ନ ହୃଦୟ ଥିଲା ତିନି ଜଣଙ୍କର। ପ୍ରଥମ ବନ୍ଧୁ ଜଣକ ବ୍ରିଲିୟାଣ୍ଟ। ଜୀବନରେ କେବେହେଲେ କୌଣସି ପରୀକ୍ଷାରେ ଦ୍ୱିତୀୟ ହୋଇନାହାନ୍ତି। ସ୍କୁଲ କଲେଜ ୟୁନିଭର୍ସିଟି, ପ୍ରତିଟି ପରୀକ୍ଷାରେ ଟପ୍ପର। ଦ୍ୱିତୀୟ ବନ୍ଧୁ ଜଣକ ମଧ୍ୟମ ମେଧାର। କେବେହେଲେ କୌଣସି ପରୀକ୍ଷାରେ ଫେଲ୍ ହୋଇ ନାହାନ୍ତି କିନ୍ତୁ ମେଡାଲ୍ ମଧ୍ୟ ପାଇ ନାହାନ୍ତି କେବେ। କୌଣସି ମତେ କ୍ଲାସ ପାରି ହୋଇଛନ୍ତି।

ତୃତୀୟ ଜଣକ ହାତ ସଫେଇରେ ଜିନିୟସ୍। ସ୍କୁଲ ସମୟରୁ ବାଜେ ପିଲାମାନଙ୍କ ସହିତ ମିଶିବାର ଆରମ୍ଭ ହୋଇଯାଇଥିଲା। ସେହି ବୟସରୁ ଲୋକଙ୍କୁ ଠକି ଟଙ୍କା ଉପାର୍ଜନରେ ସିଦ୍ଧହସ୍ତ। ପାଠରୁ ବହୁ ଦୂରରେ। ତାଙ୍କୁ ପରୀକ୍ଷା ବେଳେ ବୈତରଣୀ ପାରି କରାଇବାର ଦାୟିତ୍ୱ ଅନ୍ୟ ଦୁଇଜଣ ସାଙ୍ଗଙ୍କ ଉପରେ। ତଥାପି କୌଣସି ଚିନ୍ତା ନାହିଁ। ସ୍କୁଲ ପାଖ କଲଭର୍ଟ ଉପରେ ବସି ଗୋଡ଼ ହଲାଇ ହଲାଇ ତିନିଜଣ ସାଙ୍ଗଙ୍କର ଆଡ୍ଡା ଜମୁଥିଲା। ସ୍କୁଲ ପାଠ ସରିବା ପରେ ସମସ୍ତେ ନିଜ ନିଜ ବାଟରେ ଆଗେଇ ଗଲେ।ଏକଦା ସେମାନଙ୍କର ପାଠପଢ଼ା ଶେଷ ହେଲା।

ପ୍ରଥମ ଜଣକ ଆରମ୍ଭରୁ ହିଁ ଜିନିୟସ୍ ତେଣୁ ଇଞ୍ଜିନିୟରିଂ ସର୍ଭିସରେ ପ୍ରଥମ ସ୍ଥାନ ଅଧିକାର କରି ସରକାରୀ ଇଞ୍ଜିନିୟର ଭାବରେ ଅବସ୍ଥାପିତ ହେଲେ। ପରବର୍ତ୍ତୀ କାଳରେ ସେ ଭାରତୀୟ ରେଳର ଚିଫ୍ ଇଞ୍ଜିନିୟର ହୋଇଥିଲେ।

ଦ୍ୱିତୀୟ ଜଣକ ଫିଜିକ୍ସ ଅନର୍ସ ନେଇ ସ୍ନାତକ ହେବା ପରେ ସିଭିଲ ସର୍ଭିସ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କଲେ। କୃତକାର୍ଯ୍ୟ ମଧ୍ୟ ହେଲେ। ସରକାରୀ ଅଧିକାରୀ ଭାବରେ ନିଯୁକ୍ତ ହେଲେ। ଯେଉଁଦିନ ସରକାରୀ ଅଧିକାରୀ ଭାବରେ ଦାୟିତ୍ୱ ଗ୍ରହଣ କଲେ , ଅନେକ ବିଭାଗୀୟ କର୍ମଚାରୀ ଶୁଭେଚ୍ଛା ଜଣାଇବା ପାଇଁ ତାଙ୍କ ଚ୍ୟାମ୍ବର ରେ ଉପସ୍ଥିତ ହେଲେ। ଶୁଭେଚ୍ଛା ଜଣାଇବା ପାଇଁ ଆସିଥିବା ଅନେକଙ୍କ ଭିଡ଼ ଭିତରେ ଜଣେ ହାତରେ ଗେଣ୍ଡୁଫୁଲ ମାଳଟିଏ ଧରି ଛିଡା ହୋଇଥିଲେ।ତାଙ୍କୁ ଭିଡ ଭିତରେ ଦେଖି ନିଜ ଆସନରୁ ଉଠି ଆସିଲେ ଅଧିକାରୀ, ଦୁଇ ହାତରେ କୁଣ୍ଢେଇ ଧରିଲେ ଗେଣ୍ଡୁଫୁଲ ହାର ଧରି ଛିଡା ହୋଇଥିବା ବ୍ୟକ୍ତିଙ୍କୁ।ସମସ୍ତେ ଅବାକ୍। ଗେଣ୍ଡୁଫୁଲ ହାର ହାତରେ ଧରି ଛିଡା ହୋଇଥିବା ଯୁବକ ଜଣକ ହେଉଛନ୍ତି ସ୍କୁଲ ଜୀବନରେ କଲଭର୍ଟ ଉପରେ ବସି ଗୋଡ଼ ହଲାଇ ହଲାଇ ଆଡ୍ଡା ମାରୁଥିବା ତିନିଜଣ ସାଙ୍ଗ ଙ୍କ ମଧ୍ୟରୁ ପ୍ରଥମ ଜଣକ, ଜିନିୟସ୍। ପ୍ରତ୍ୟେକ ପରୀକ୍ଷାରେ ଯିଏ ଟପ୍ପର ହେଉଥିଲେ। ସିଭିଲ ସର୍ଭିସ ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ଅଧିକାରୀ ଭାବରେ ନିଯୁକ୍ତ ହୋଇଥିବା ପିଲାଦିନର ମଧ୍ୟମ ମେଧାର ବନ୍ଧୁଙ୍କ ବିଭାଗର ଅଧସ୍ତନ କର୍ମଚାରୀ ତେଣୁ ଉପରିସ୍ଥ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ଆସିଛନ୍ତି।

ତୃତୀୟ ବନ୍ଧୁ ଦୀର୍ଘଦିନ ବିଚ୍ଛିନ୍ନ। ସ୍କୁଲ ପରେ ଆଉ କଲେଜରେ ପାଦ ପକାଇ ନାହାଁନ୍ତି। ସେ ଜାଣିଥିଲେ ତାଙ୍କ ଦ୍ୱାରା ପାଠ ହେବନାହିଁ। ମିଶିଥିଲେ ଗୋଟିଏ ରାଜନୈତିକ ଦଳରେ। ସଭା ସମିତିରେ ଓଜସ୍ୱିନୀ ବକ୍ତୃତା ଦେଇ ଲୋକଙ୍କୁ ମତାଇଦେଇ ପାରୁଥିଲେ। ଯଥା ସମୟରେ ଲୋକସଭା ନିର୍ବାଚନରେ ଟିକେଟ ପାଇଗଲେ। ନିର୍ବାଚନ ରେ ବିଜୟୀ ହୋଇ, ସାଂସଦ ହେଲେ। ତାପରେ କେନ୍ଦ୍ରୀୟ ମନ୍ତ୍ରୀ। ତାହା ଏକ ଉତ୍ତରଣ। ଘଟଣାକ୍ରମରେ , ସେଦିନ କଲଭର୍ଟ ଉପରେ ବସି ଆଡ୍ଡା ମାରୁଥିବା ସେହି ତିନିଜଣ ସାଙ୍ଗ ଗୋଟିଏ ବିଭାଗର ବିଭିନ୍ନ ପଦବୀରେ ଅବସ୍ଥାପିତ ହେଲେ। ପ୍ରଥମ ଏବଂ ଦ୍ୱିତୀୟ ବନ୍ଧୁ , ତୃତୀୟ ବନ୍ଧୁଙ୍କ ଅଧୀନସ୍ଥ। ଏହା କୌଣସି କାଳ୍ପନିକ କାହାଣୀ ନୁହେଁ। ତୁମେ ଚାହିଁଲେ ଖୋଜି ପାଇଯିବ ଏମାନଙ୍କୁ। କିନ୍ତୁ ଭାଗ୍ୟବାଦୀ ହୋଇ ବସିନରହି ପାଠ ପଢିଚାଲ।

ଏଥର ସବୁପିଲା ଚୁପ ଥିଲା ବେଳେ ଅଗଷ୍ଟ ପନ୍ଦର ପ୍ୟାରେଡ଼ ପାଇଁ ପ୍ରସ୍ତୁତରେ ଦୁଇଧାଡିର ଆଗରେ ରହି ରାମ ଗାଉଥିଲା ରଘୁପତି ରାଘବ ରାଜାରାମ। ତ ରହିମ କହୁଥିଲା ପତିତ ପାବନ ସୀତରାମ। ରାମ ଗାଉଥିଲା ଇଶ୍ୱର ଆଲ୍ହା ତେରୋ ନାମ... ତ ରହିମ ପାଳି ଧରୁଥିଲା ସବକୋ ସନମତି ଦେ ଭଗବାନ। ଅନ୍ୟ ପିଲାସବୁ କହୁଥିଲେ ବନ୍ଦେ ମାତରଂ, ବନ୍ଦେ ଉତ୍କଳ ଜନନୀ, ଜୟ ଭାରତ ମାତା କି ଜୟ। ବଡ଼ ହେଲା ପରେ ଦୁଇବନ୍ଧୁଙ୍କ ଭିତରେ ବନ୍ଧୁତା ଏଯାଏଁ ଅତୁଟ ଥିଲା। ଏବେବି ଜାତୀୟ ପର୍ବ ଓ ଦିବସରେ ତାଙ୍କ ପାଟିରୁ ବାହାରୁଥିଲା ଇଶ୍ୱର ଆଲ୍ହା ତେରେନାମ... ସବକୋ ସମ୍ମତି ଦେ ଭଗବାନ। ଦୂରରୁ ପିଲାଦିନ ସ୍କୁଲରୁ ଶୁଭୁଥିଲା ଜୟ ଭାରତ ମାତା କି ଜୟ।


+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭


# ସରଳ ରେଖା

## କୀର୍ତ୍ତନ ସାହୁ

ଗୋଟିଏ ବିନ୍ଦୁରୁ ବାହାରି ଉଭୟ
ପଟକୁ ହିଁ ଯାଇ ଥାଏ
ବାଧା କିଛି ନ ପଡ଼ିଲେ ତ ବାଟରେ
ସିଧା ସିଧା ଚାଲି ଯାଏ ।

ଦୁଇ ପଟେ ଛେଦ ବିନ୍ଦୁ ରହି ଗଲେ
ରେଖା ଖଣ୍ଡ ହୁଏ ସିଏ
ରେଖା ଖଣ୍ଡ ମିଳି ଜ୍ୟାମିତିକ ଚିତ୍ର
ଆକୃତି ବନେଇ ଦିଏ ।

ରେଖା ଯଦି ଯାଏ ବଙ୍କା ହୋଇ କରି
ନାଆଁ ତାର ବକ୍ର ରେଖା
ବକ୍ର ରେଖା ବୁଲି ଆସି ବି ହୁଏତ
ଆରମ୍ଭ ସହିତ ଦେଖା ।

ସରଳ ରେଖାରେ ମୂଳ ବିନ୍ଦୁଟିକୁ
ଆଉ ଫେରିବାର ନାହିଁ
ବକ୍ର ରେଖାରେ ମିଳିତ ହେବାର
ସମ୍ଭାବନା ସିନା ଥାଇ ।

ସରଳ ଭାବରେ କଥା କହି ଦେଲେ
ବୁଝିବା ସହଜ ହୁଏ
ବଙ୍କେଇ ବୁଲେଇ କହୁଥିବା କଥା
ବୁଝିବା ସହଜ ନୁହେଁ।


+ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧


# କର୍ମ ହିଁ ମଣିଷର ପରିଚିତି

## ନଗେନ୍ଦ୍ର ନାଥ ପଟ୍ଟନାୟକ



ରାଜକୁମାର ଅଭୟକୁମାର ଦିନେ ଜଙ୍ଗଲରେ ବୁଲୁଥିଲା ବେଳେ ନବଜାତ ଶିଶୁଟି ଉପରେ ତାଙ୍କ ନଜର ଲାଖିଗଲା । ରାଜକୁମାର ସେଇ କୋମଳ ଶିଶୁଟିକୁ ବେଶ୍ ସନ୍ତର୍ପଣରେ ତୋଳିଧରି ରାଜଉଆସକୁ ଘେନିଆସିଲେ । ଆଉ ତା' ନାଁ ରଖିଲେ ଜୀବକ । ରାଜକୁମାର ପିଲାଟିକୁ ଖୁବ୍ ଯତ୍ନର ସହିତ ଲାଳନ ପାଳନ କଲେ । ତା'ଛଡା, ବେଶ୍ ଭଲ ଭାବରେ ଦି' ଅକ୍ଷର ପଢାଲେଖା ଶିଖାଇଲେ । କିନ୍ତୁ ଟିକେ ବଡ ହୋଇ ହେତୁ ପାଇଲା ପରେ ଜୀବକ ରାଜକୁମାରଙ୍କୁ ପଚାରିଲା: ମୋର ମାଆବାପା କିଏ ? ଅଭୟକୁମାର ଜୀବକକୁ କିଛି ବି ଲୁଚେଇବାକୁ ଉଚିତ୍ ମଣି ନ ଥିଲେ । ସବୁକଥା ଟିକିଏ ନିଖିଏ କରି ତା' ଆଗରେ ବତେଇଦେଲେ । ତେବେ ଏ କଥା ଶୁଣି ଜୀବକ କହିଲା: ମୁଁ ଏ ଆତ୍ମହୀନତାର ଭାର ନେଇ କୁଆଡେ ଯିବି ? ଏ ପ୍ରଶ୍ନର ଉତର ଫେରାଇ ଅଭୟ କୁମାର କହିଲେ: ତୁମେ ବିଦ୍ୟା ଅଧ୍ୟୟନ କରିବାକୁ ତକ୍ଷଶିଳା ଯାଅ ।

ବିଦ୍ୟା ଅଧ୍ୟୟନ କରିବା ଉଦ୍ଦେଶ୍ୟରେ ଜୀବକ ତକ୍ଷଶିଳା ଅଭିମୁଖେ ମୁହାଁଇଲେ । ବିଦ୍ୟାଳୟରେ ପ୍ରବେଶ କରୁଥିବା ବେଳେ ସେଠିକାର ପ୍ରଧାନଆଚାର୍ଯ୍ୟ ଜୀବକକୁ ଲକ୍ଷକରି ପଚାରିଲେ : ପୁଅ ! ତୁମ ମାଆ ବାପାଙ୍କର ନାମ କ'ଣ ? ତୁମର ବଂଶ କ'ଣ ? ଆଉ ତୁମ ଗୋତ୍ର କ'ଣ ? ଏ ସବୁ ପ୍ରଶ୍ନଗୁଡିକର ସଠିକ ଉତର ଫେରାଇଥିଲେ ଜୀବକ। ଏଥିରେ ଖୁବ୍ ପ୍ରସନ୍ନ ହୋଇ ଆଚାର୍ଯ୍ୟ ଜୀବକଙ୍କୁ ବିଦ୍ୟାଳୟର କକ୍ଷ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦେଲେ । ସେଠି ଜୀବକ କଠୋର ମେହନତ୍ କରି ଆୟୁର୍ବେଦାଚାର୍ଯ୍ୟ ଉପାଧି ଲାଭକଲେ। ଜୀବକ ମଗଧ ଯାଇ ସେଠିକା



ପ୍ରଜାଙ୍କର ସେବା ଓ ରୋଗର ଉପଚାର କରୁ ବୋଲି ଆଚାର୍ଯ୍ୟ ଚାହୁଁଥିଲେ । କିନ୍ତୁ ଯେତେବେଳେ ଏ କଥା ଜୀବକ ଜାଣିବାକୁ ପାଇଲେ ସେ ତତକ୍ଷଣାତ୍ ଆଚାର୍ଯ୍ୟଙ୍କୁ କହିଲେ : ମୁଁ ଯେଉଁଠି ଯିବି ସେଠିକାର ଲୋକେ ମୋର ମାଆ ବାପା ଓ କୁଳ ଗୋତ୍ର ବିଷୟରେ ପଚାରିବେ । ଏଇଠି ବସବାସ କରିବାକୁ ମୋର ଭାରି ଇଚ୍ଛା । କନ୍ତୁ ଆଚାର୍ଯ୍ୟ କହିଲେ : ତୁମର ପ୍ରତିଭା ଆଉ ଜ୍ଞାନ ହିଁ ତୁମର କୁଳ ଓ ଗୋତ୍ର। ତୁମେ ଯେଉଁଠିକି ଯିବ ସେଠି ତୁମକୁ ଆଦର ସମାଦାର କରିବେ ଏବଂ ଉଚିତ୍ ସମ୍ମାନ ଓ ମର୍ଯ୍ୟାଦା ଦେବେ। ତୁମେ ଲୋକମାନଙ୍କ ସେବା କରିଚାଲ। ଏହାଦ୍ୱାରା ତୁମର ପରିଚିତି ସୃଷ୍ଟି ହେବ; କାହିଁକିନା କର୍ମ ଦ୍ୱାରା ହିଁ ମଣିଷ ପରିଚିତ ହୁଏ, କୁଳ କି ଗୋତ୍ର ନୁହେଁ ।


ଓସ୍କାର ସିଟି,
ଲେନ ନଂ-୯ ,ପ୍ଲଟ ନଂ-୪୫୬
ଲକ୍ଷମୀସାଗର କେନାଲ ରୋଡ୍
,ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮


# ମାଆ ପାଇଁ ଗଛଟିଏ

## ଅସୀମା ପ୍ରଧାନ

ମା ପାଇଁ ଗଛଟେ ଲଗାଇବା ଭାଇ
ଆସ ସର୍ବ ଜନେ ଆନନ୍ଦିତ ହୋଇ ।
ମା ତ ଗଛପରି ସହେ ସବୁଦିନ
କହେ ନାହିଁ କିଛି ଉସତ ତା' ମନ ।
ନ ମାଗିଲେ ଦିଏ,ମାଗିଲେ ବି ଦିଏ
ଏତେ ବଡ଼ ଦାନୀ,ସଂସାରରେ କିଏ ।
ସବୁଜ ପଣତେ ଘୋଡାଇ ରଖିଛି
କେତେ ଯତନରେ ସାଇତି ରଖିଛି ।
ଖରା,ବର୍ଷା,ଶୀତ ସବୁ ଯାଏ ସହି
ପଣତେ ଘୋଡାଇ ଏଇ ଆମ ମହୀ ।
ଥୁଣ୍ଟା ହେଲେ ଗଛ ବୁଢ଼ୀ ହେଲେ ବି ମା
ଅମୂଳ ମୂଳ ସେ ନୁହନ୍ତି ଅକର୍ମା ।
ମାଆ ସେଇ ଗଛ,ଗଛ ଆମ ମାଆ
ଦୁଃଖିନୀ ସେମାନେ,କର ଟିକେ ଆହା ।
ଆଶା ନାହିଁ ତା'ର ତୁମଠାରୁ କିଛି
ନେବ ନାହିଁ ସିଏ ଛଡେଇ କି ବାଛି ।
ନ କର ଛେଦନ,ନ ହୁଅ ଦାରୁଣ
ମାଆ ପରି ଗଛ ହେବ ହାନିମାନ ।
ଘର ଘୋଡ଼ା ଗାଡ଼ି ସବୁ ତ ପାଇଛ
ଆଶା କାହିଁ ଏତେ ମାନବ କରୁଛ ।
ସମୃଦ୍ଧି ନାମରେ ଧ୍ୱଂସ ଡାକ ନାହିଁ
ମୁକ୍ତ ଛାଡ଼ ବନ ଲୋଡା କିଛି ନାହିଁ ।


+ସହକାରୀ ଶିକ୍ଷୟିତ୍ରୀ
ବୁଠିପଦର ଉ.ପ୍ରା. ବିଦ୍ୟାଳୟ
ବୀରମହାରାଜପୁର,ସୁବର୍ଣ୍ଣପୁର


# କହିଲ ଦେଖି

## ସୁନୀଲ କୁମାର ପ୍ରଧାନ

୧. ତିନି ଦିନ ତାର ଅଟେ ପରବ
ଝିଅମାନେ ଏହା ପାଳନ୍ତି ଧ୍ରୁବ
ଦୁଇ ଅକ୍ଷରରେ ନାମଟି ହେବ
ଦ୍ୱିତୀୟ ପ୍ରଥମ ଯୋଗ କରିବ
ଏକ ରୋଗର ନାମଟି ହେବ
ଏହି ଉତ୍ତର ଯିଏ କହିବ
ପ୍ରଥମ ମିଠା ସେ ଖାଇବ ।
ଉତ୍ତର - ରଜ

୨.ଦୁଇ ଅକ୍ଷରରେ ନାମ ତାହାର
ଗଛ ହେଉ କିମ୍ବା ଘର ଭିତରେ
ଝୁଲୁ ଥାଏ ସିଏ ବଡ଼ ମଜାରେ
ଝୁଲିଲେ ଆନନ୍ଦ ପାଉଥିବ
ତାହାରି ନାମ କିଏ କହିବ
ଚତୁର ବୋଲି ଗଣା ହୋଇବ ।
ଉତ୍ତର - ଦୋଳି

୩.ଶେଷ ଦିନରେ ତାହାର ପୂଜା
କେଉଁ ରଜ ସେ କହନ୍ତି ପ୍ରଜା
ତୃତୀୟ ଦିନରେ ପାଳିତ ହୋଇ
ମାଟି ମାଆ ପାଖେ ଭୋଗ ବାଢଇ
ଜାଣିଥିଲେ ନାମ ଦିଅରେ କହି
କହିଲେ ଜାଣିବା ଜ୍ଞାନୀଟି ସେହି ।
ଉତ୍ତର - ଭୂଦାହ / ଭୂମି ଦହନ


+ଝାଟିପଦର, ପାଲୁର , ଗଂଜାମ
ମୋ - ୭୬୦୯୯୩୪୩୬୬


# କିଏ ହେବ ଜଙ୍ଗଲର ରାଜା



## ସୁବ୍ରତ ଦାସ



ଜଙ୍ଗଲରେ ଭାଲୁ ରାଜାର ବୟସ ଅଧିକ ହୋଇଯିବ ଲକ୍ଷ୍ୟକରି ସବୁ ପଶୁ ପକ୍ଷୀ ମାନେ ନୂଆ ରାଜା କିଏ ହେବ, ସେହି ଚିନ୍ତାରେ ଥାଆନ୍ତି । କେତକ ପଶୁ ଗୋଷ୍ଠି ସିଂହକୁ ରାଜା କରିବା କଥା ପ୍ରସ୍ତାବ ଦେଉଥାନ୍ତି ତ, ଆଉ କେତେକ ପକ୍ଷୀ ଗୋଷ୍ଠି ଉକ୍ତ ପ୍ରସ୍ତାବରେ ସମ୍ମତି ଦେଉ ନ ଥାଆନ୍ତି। ଏହି ଭଳି ସମସ୍ତେ ନିଜ ନିଜର ପ୍ରସ୍ତାବ ଭାଲୁକୁ ଦେଉଥାଆନ୍ତି । ଭଲ୍ଲୁକ ମହାରାଜ ସମସ୍ତଙ୍କ କଥା ଶୁଣୁଥାଏ। ମହାରାଜ କହିଲେ, ଦେଖ ପ୍ରାଣୀମାନେ ମୁଁ ବୁଢ଼ା ହୋଇଗଲିଣି। ତେଣୁ ମୋ ପରବର୍ତ୍ତୀ ରଜା ଯିଏ ହେବ ସେ ଯେମିତି ତୁମ ସମସ୍ତଙ୍କର ସୁଖ ଦୁଃଖର ସାଥି ହେବା ସହ ତୁମ୍ଭ ମାନଙ୍କୁ ସବୁ ବିପଦରୁ ରକ୍ଷା କରିପାରୁଥିବ। ତେଣୁ ଭଲ୍ଲୁକ ମହାରାଜଙ୍କ ନିର୍ଦ୍ଦେଶ କ୍ରମେ ଜଙ୍ଗଲରେ ଗୋଟିଏ ସଭା ଆୟୋଜନ କରାଗଲା। ସେଥିରେ ବିଲୁଆ, ମାଙ୍କଡ, କଜଳପାତି , ଠେକୁଆଙ୍କୁ ଦାୟିତ୍ୱ ଦିଆଗଲା ସମସ୍ତ ପଶୁ ପକ୍ଷୀ ମାନଙ୍କୁ ଗୋଟିଏ ସ୍ଥାନରେ ଋଣ୍ଡ କରିବା ପାଇଁ । ସମସ୍ତେ ମିଶି ଜଙ୍ଗଲର ପ୍ରାଣୀ ମାନଙ୍କୁ ଖବର ଦେଲେ । କିଛି ସମୟ ପରେ ସଭା ଆରମ୍ଭ ହେଲା । ମାଙ୍କଡ ପ୍ରଥମେ ସମସ୍ତ ପ୍ରାଣୀମାନଙ୍କୁ ସଭାର ଉଦ୍ଦେଶ୍ୟ ବିଷୟରେ ଜଣାଇ ଦେଲା । ବିଲୁଆ କହିଲା; ଭାଇ ଭଉଣୀ ମାନେ ଆମ୍ଭେ ଜଙ୍ଗଲରେ ଦୀର୍ଘଦିନ ହେବ ରହି ଆସୁଛନ୍ତି । ଭଲ୍ଲୁକ ମହାରାଜ ଆମ୍ଭର ରାଜା ଥିଲେ, ମାତ୍ର ବୟସ ଅଧିକ ହେତୁ ସେ ଆଉ ଶାସନ ଚଳାଇ ପାରୁନାହାନ୍ତି । ତେଣୁ ଆମ୍ଭମାନଙ୍କୁ ନୂତନ ରାଜା ବାଛିବାକୁ ହେବ । ସିଏ ଆମ୍ଭ ମାନଙ୍କର ସବୁ ଅସୁବିଧା ବୁଝି ପାରୁଥିବ ଏବଂ ଶତ୍ରୁ ଆକ୍ରମଣରୁ ସୁରକ୍ଷା ଦେଇ ପାରୁଥିବ। ସମସ୍ତେ ମିଳିତ ସ୍ୱରରେ ବିଲୁଆର କଥାକୁ ସମ୍ମତି ଜଣାଇଲେ । ତେଣୁ ରଜା କିଏ ହେବ ବା କାହାକୁ ରାଜା ବାଛିବେ ସମସ୍ତଙ୍କ ମଧ୍ୟରେ ଭାଳେଣୀ ପଡ଼ିଲା । ପ୍ରଥମେ ଶୃଗାଳ ସିଂହର ପ୍ରସ୍ତାବ ଦେଲା କହିଲା; ସିଂହ ସବୁଠୁ ବଳବାନ ପ୍ରାଣୀ ଓ ସେ ସବୁ ବିପଦରୁ ଆମ୍ଭକୁ ରକ୍ଷାକରି ପାରିବ। ତାକୁ ସମସ୍ତେ ଭୟ କରନ୍ତି । ତେଣୁ ସିଂହ ଭାଇଙ୍କୁ ରଜା କରାଯାଉ । ପରେ ଗଧିଆ ଥରିଥରି ହସ୍ତୀର ନାମ ପ୍ରସ୍ତାବ ଦେଲା ଏବଂ କହିଲା, ଜଙ୍ଗଲରେ ସବୁଠାରୁ ବୃହତ୍ତର ପ୍ରାଣୀ ହସ୍ତୀ ଅଟେ । ତାର ଗୋଟିଏ ଗର୍ଜନ ରେ ସାରା ଜଙ୍ଗଲ ଥରହର ହୋଇଯାଏ। ତା ସାମ୍ନାକୁ କୌଣସି ପ୍ରାଣୀ ସାହସ କରି ଆସିପାରିବେ ନାହିଁ । ତେଣୁ ହସ୍ତୀକୁ ରଜା କରାଯାଉ । ଏହି ପ୍ରସ୍ତାବରେ ବଣି ଚଢ଼େଇ, ହରିଣ ସମେତ ସମସ୍ତ ପକ୍ଷୀ ଜାତି ସମ୍ମତି ପ୍ରଦାନ କଲେ। ଭଲ୍ଲୁକ ମହାରାଜ ସମସ୍ତଙ୍କ କଥା ଶୁଣି ମୁଣ୍ଡ ହଲାଇବା ସହ ଆଉ କେଉଁ ପ୍ରାଣୀ ମାନଙ୍କର କିଛି କହିବାର ଅଛି ବୋଲି ପ୍ରଶ୍ନ କଲେ । ମାତ୍ର ସମସ୍ତ ପ୍ରାଣୀ ନୀରବ ରହିଲେ। ତାପରେ ଭଲ୍ଲୁକ ମହାରାଜ କହିଲେ, ସବୁ ସ୍ଥଳଚର ପ୍ରାଣୀ ମାନଙ୍କୁ ଦେଖିବାକୁ ମିଳିଲା ମାତ୍ର ଆମ ଜଙ୍ଗଲ ପାର୍ଶ୍ୱ ନଦୀରେ ବାସ କରୁଥିବା ସରୀସୃପ, ଜଳଚର ପ୍ରାଣୀ ମାନଙ୍କୁ ଦେଖିବାକୁ ମିଳିଲା ନାହିଁ । ଆମେ ସମସ୍ତେ ନଦୀର ପାଣିକୁ ବ୍ୟବହାର କରୁଛନ୍ତି । ସେମାନେ ମଧ୍ୟ ଆମ ସହ ବସବାସ କରୁଛନ୍ତି, ତାଙ୍କର ମଧ୍ୟ ମତ ଦେବାର ଅଧିକାର ଅଛି । ତାଙ୍କୁ ବି ଏହି ନିଷ୍ପତ୍ତିରେ ସାମିଲ କରିବା କଥା । ଏହି ପ୍ରସଙ୍ଗରେ ଘୋଡ଼ା, ଚଟୁ ଘୋଡ଼ା, ଠେକୁଆ ସମସ୍ତେ ମିଶି କହିଲେ, ଚାଲ... ଆମେ ସମସ୍ତେ ତାଙ୍କ ପାଖକୁ ଯିବା । ତାଙ୍କର ମତାମତ ନେବା । ସମସ୍ତେ ସମବେତ ହୋଇ ଭଲ୍ଲୁକ ମହାରାଜଙ୍କୁ ସାଙ୍ଗରେ ନେଇ ନଦୀ ପାଖକୁ ଗଲେ । ନଦୀ କୂଳରେ କେତେକ କୁମ୍ଭୀର ଶୋଇଥିଲେ । ଜଙ୍ଗଲର ସମସ୍ତ ଜୀବଜନ୍ତୁଙ୍କୁ ଏକା ସାଙ୍ଗରେ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ବିଲୁଆ ତାଙ୍କୁ ବୁଝାଇ ଦେଲା ଏବଂ କହିଲା, ଆମେ ସମସ୍ତ ପ୍ରାଣୀ ତୁମ୍ଭ ମାନଙ୍କର ମତାମତ ନେବାକୁ ଆସିଛୁ। କିଏ ଜଙ୍ଗଲର ରଜା ହେବ ! ସିଂହ, ହାତୀ ଦୁଇ ଜଣ ପ୍ରାର୍ଥୀଙ୍କ ଭିତରୁ କିଏ ରଜା ହେବା ପାଇଁ ପ୍ରକୃତ ଯୋଗ୍ୟ । କୁମ୍ଭୀର କହିଲା, ଆଜ୍ଞା ଆମେ ଅଧିକାଂଶ ସମୟ ଜଳରେ ବାସ କରୁ । ତେଣୁ ଆମକୁ ସୁରକ୍ଷା ପାଇଁ କେବଳ ହାତୀ ହି ଭରସା ଯୋଗ୍ୟ। ତେଣୁ ହାତୀ ରଜା ହେବା ଉଚିତ୍। ଏହି ସମୟରେ ମାଇ ବେଙ୍ଗଟି ପାଣି ଭିତରୁ ଡେଇଁ ପଡି ଉପରକୁ ଆସି ଭଲ୍ଲୁକ ମହାରାଜଙ୍କୁ ମୁଣ୍ଡିଆଟେ ମାରି କହିଲା, ମଣିମା ଆମ୍ଭେ ସମସ୍ତେ କୁମ୍ଭୀର ଭାଇ କଥାରେ ଏକମତ। କାରଣ ଆମ୍ଭେ ବେଙ୍ଗ ଜାତି ଖୁବ ଛୋଟ ଆଉ ଦୁର୍ବଳ ପ୍ରାଣୀ । ଯେଉଁ ପ୍ରାଣୀ ଛୋଟ ଜୀବଜନ୍ତୁ ଓ ଦୁର୍ବଳ ଶ୍ରେଣୀର ଜନ୍ତୁ ମାନଙ୍କ ପ୍ରତି ଦୟାବାନ୍ ହେବ, ସେ ରଜା ହେବା ପାଇଁ ଯୋଗ୍ୟ । କାରଣ ସିଂହ ନିଜକୁ ଶକ୍ତିଶାଳୀ ଜୀବ ଭାବି ନଦୀକୁ ପାଣି ପିଇବା ସମୟରେ ଆସିଲା ବେଳେ ଆମ୍ଭ ବେଙ୍ଗ ଛୁଆ ଉପରେ ଚଢ଼ି ମାରି ଦିଏ। ସେ ସର୍ବଦା ଉପରକୁ ଅନାଇ ଚାଲେ, ତାର ନଜର ତଳକୁ କେବେ ପଡେ ନାହିଁ । ମାତ୍ର ହସ୍ତୀ ଏତେ ବଡ ଜୀବ ହେଲେ ବି ଛୋଟ ଛୁଆ ମାନଙ୍କ ପ୍ରତି ଖୁବ୍ ଯତ୍ନଶୀଳ । କେବେ ବି ଆମ୍ଭ ଶାବକଙ୍କ ଉପରେ ପାଦ ପକାଏ ନାହିଁ। ସବୁବେଳେ ତଳକୁ ନଜର ଦେଇ ଚାଲି ଥାଏ । ତେଣୁ ସେ ରଜା ହେବା ପାଇଁ ଯୋଗ୍ୟ । ସମସ୍ତ ଜୀବ ଜନ୍ତୁ ମାନେ ବେଙ୍ଗର କଥା ଶୁଣି ଚକିତ ହୋଇଗଲେ । ଭଲ୍ଲୁକ ମହାରାଜ ମୁଣ୍ଡ ଟୁଙ୍ଗାରି କହିଲେ, ହୁଁ..ଠିକ୍ କଥା। ଯିଏ ରଜା ହେବ ସେ ସର୍ବଦା ଦୁର୍ବଳ, ଅସହାୟ, ଉପରେ ନଜର ରଖି ତାଙ୍କୁ ସାହାଯ୍ୟ , ସହାୟ ହେବା ଉଚିତ୍ । ତେଣୁ ଭଲ୍ଲୁକ ରଜାଙ୍କ ବିଚାରରେ ହସ୍ତୀକୁ ଜଙ୍ଗଲର ନୂଆ ରଜା ରୂପେ ଘୋଷଣା କରାଗଲା । ଏହି ବାର୍ତ୍ତା ଜଙ୍ଗଲ ସାରା ପ୍ରଚାର କରିବା ପାଇଁ ହନୁ ମାଙ୍କଡ ଓ କଜଳପାତୀଙ୍କୁ ଦାୟିତ୍ୱ ଅର୍ପଣ କରାଗଲା। ସମସ୍ତେ ବେଙ୍ଗର ବୁଦ୍ଧିକୁ ପ୍ରଶଂସା କଲେ ।


+ରାଜେନ୍ଦ୍ରପୁର, ବାରିକପୁର ବଜାର,
ଭଦ୍ରକ
ମୋ:୯୪୩୭୭୩୧୯୦୩

# ପୁସ୍ତକ 'ଗୀତିକବିତାର ସୁରେ' ଉନ୍ମୋଚିତ



ଭଦ୍ରକ, ୧୯/୦୯ (ନି.ପ୍ର): ଆମ ମାତୃଭାଷା ପରିଷଦର କନ୍ୟା ସଂକ୍ରାନ୍ତି ଆସର ସାମରାଇପୁର କଲ୍ୟାଣୀ ନଗର ସ୍ଥିତ ଗୁରୁ କୃପା ଭବନରେ ଅନୁଷ୍ଠିତ ହୋଇଯାଇଛି। ଇଂ ଅଭୟ ସୂତାରଙ୍କ ପୌରହିତ୍ୟରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା ଆସରକୁ ଉଦ୍ଘାଟନ କରିଥିଲେ। ପ୍ରତିଷ୍ଠାତା ସମ୍ପାଦକ ପ୍ରାକ୍ତନ ଜିଲ୍ଲା ଆୟୁ ଚିକିତ୍ସାଧିକାରୀ ଡାକ୍ତର ଅନିଲ କୁମାର ଦାଶଙ୍କ ଲିଖିତ ପୁସ୍ତକ "ଗୀତିକବିତାର ଆଭିମୁଖ୍ୟ" ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଡ. ଗୋଲକ ବିହାରୀ ସାହୁ, ମୁଖ୍ୟବକ୍ତା ଆକାଶବାଣୀ ସ୍ୱୀକୃତିପ୍ରାପ୍ତ ଗୀତିକାର ଅରୁଣ କୁମାର ପାତ୍ର, ସମ୍ମାନିତ ଅତିଥି ଅଧ୍ୟକ୍ଷ ନୀହାର ରଞ୍ଜନ କର, ପ୍ରାକ୍ତନ ଅଧ୍ୟକ୍ଷ ଶିବ ଚରଣ ଖାମୁରାଇ, ଶିକ୍ଷାବିତ୍ ଗୟାଧର ପଣ୍ଡା, ଉମେଶ ଚନ୍ଦ୍ର ମହାପାତ୍ର, ପ୍ରାକ୍ତନ ଅଧ୍ୟକ୍ଷ କୃପାସିନ୍ଧୁ ନାୟକ, ପ୍ରାକ୍ତନ ସାହିତ୍ୟ ଏକାଡେମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ, ଅଧ୍ୟକ୍ଷ ନିତ୍ୟାନନ୍ଦ ମିଶ୍ର, ସତ୍ୟ ସେଠୀ, ନାଟ୍ୟଶ୍ରୀ ନିର୍ମଳ ରାଉତ, ପାର୍ଥସାରଥି ମହାନ୍ତି ପ୍ରମୁଖ ଗୀତି କବିତା ହୃଦୟର ଭାବକୁ ଗୀତ ବା ସଙ୍ଗୀତରେ ଉପସ୍ଥାପନ କରିବାର ପ୍ରଣାଳି, ଯତିପାତ ଓ ସୁଲଳିତ ମାର୍ମିକ ସୁରରେ ମନକୁ ଛୁଇଁବାର ଲିଖନ ମାତ୍ର। ଗୀତି କବିତାର ପ୍ରକୃତ ସ୍ୱରୂପ ହେଲା ଏହା ପୁରାତନ କାଳରୁ ସଙ୍ଗୀତଧାରା ମାତ୍ର ଜୀବନଚର୍ଯ୍ୟାରେ ଗୀତି କବିତା ହୃଦୟ ଓ ମନର ସ୍ୱରୂପକୁ ପ୍ରତିପାଦନ କରେ ବୋଲି ମତବ୍ୟକ୍ତ କରିଥିଲେ। ସାମ୍ବାଦିକ ତଥା ନ୍ୟାସନାଲ ହ୍ୟୁମାନ୍ ରାଇଟସ୍ ସଦସ୍ୟ ଶିକ୍ଷାବିତ୍ ଜଗନ୍ନାଥ ନାୟକ ଓ ପ୍ରାକ୍ତନ ଅଧ୍ୟକ୍ଷ ଅବନୀ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ବିପ୍ଳବ କୁମାର ହୋତା, ରମେଶ ଚନ୍ଦ୍ର ଦାସ, ଅରୁପାନନ୍ଦ ନାୟକ, ଅଂଶୁମାନ ସ୍ୱାଇଁ, କୈଳାସ ଦାସ, ସୁବାସ ଚନ୍ଦ୍ର ବଳ, ଶଶାଙ୍କ ଶେଖର ପଣ୍ଡା, ବଳରାମ ପାଢ଼ୀ, ସନ୍ତୋଷ କୁମାର ମିଶ୍ର, ଉପେନ୍ଦ୍ର କୁମାର ବାରିକ, ପିତାମ୍ବର ଦାଶ, ଦୀପ୍ତିମୟୀ ସାହୁ, ନାରାୟଣ ଚନ୍ଦ୍ର ପାଢ଼ୀ, ସୁଶ୍ରୀ ସଙ୍ଗିତା ମହାପାତ୍ର, ବିଜୟ କୁମାର ବହଳୀ, ହରିଶଚନ୍ଦ୍ର ଦାସ, ସରୋଜିନୀ ନାୟକ, ସୁରେଶ କୁମାର ସାହୁ, ନରେଶ ଚନ୍ଦ୍ର ଲେଙ୍କା ପ୍ରମୁଖ ବହୁକବି ସ୍ୱରଚିତ କବିତା ପାଠ କରିଥିଲେ। ବେଦ ପାଠ, ପ୍ରାରମ୍ଭିକ ଭଜନ ଓ ସମ୍ପାଦକୀୟ ପାଠ ସହସମ୍ପାଦିକା ମମତା ରାଣୀ ଦାଶ ମିଶ୍ର, ମଂଚ ଆହ୍ୱାନ ପ୍ରକୃତି ବନ୍ଧୁ ବୈକୁଣ୍ଠ ବିଶ୍ୱାଳ, ମଂଚ ପରିଚାଳନା ଇଂ. ଦେବୀ କିଙ୍କର ବ୍ରହ୍ମଦାସ ପାଣିଗ୍ରାହୀ ଓ ଶେଷରେ ବୈକୁଣ୍ଠନାଥ ଓଝା ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ ସୁସ୍ଥ ନାରୀ: ସଶକ୍ତ ପରିବାର କାର୍ଯ୍ୟକ୍ରମ

ମାଲକାନଗିରି, ୧୯/୦୯ (ନି.ପ୍ର): ବ୍ଲକ ସ୍ତରୀୟ ସୁସ୍ଥ ନାରୀ, ସଶକ୍ତ ପରିବାର କାର୍ଯ୍ୟକ୍ରମ ବିଶେଷଜ୍ଞ ଶିବିର (ସ୍ପେସିଆଲିଷ୍ଟ କ୍ୟାମ୍ପ) ର ଶୁଭ ଉଦଘାଟନ ଉପଖଣ୍ଡ ଡାକ୍ତରଖାନା ମାଥିଲି ଠାରେ ଅନୁଷ୍ଠିତ ହୋଇଥିଲା ।ଏହି ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ନବରଙ୍ଗପୁର ସାଂସଦ ପ୍ରତିନିଧି ବନମାଳୀ ବରଜା ଯୋଗଦେଇଥିଲେ ଓ ସମ୍ମାନିତ ଅତିଥି ଭାବରେ ମାଥି ଲି-ଜୋନ-୧ ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ମାଝୀ, ମାଥିଲି ଜୋନ-୩ ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ରାଜ୍ୟ ଜନଜାତି ମୋର୍ଚ୍ଚା ସମ୍ପାଦକ ଜଳନ୍ଧର ନାୟକ, ଜିଲ୍ଲା ଉପସଭାପତି ସନ୍ତୋସିନୀ ପାତ୍ର ଉପସ୍ଥିତ ରହିଥିଲେ । ଏହି ଉଦଘାଟନ କାର୍ଯ୍ୟକ୍ରମରେ ଉପଖଣ୍ଡ ଡାକ୍ତରଖାନା ଅଧିକ୍ଷକ ଡା. ବସନ୍ତି କୁମାର ସାହୁ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମହମଦ ଅଭିଦ ହୁସେନ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅକା ରୀ (ପରିବାର କଲ୍ୟାଣ ବିଭାଗ) ଡା. ଚୌଧୁରୀ ନିହାର ରଞ୍ଜନ ପ୍ରହରାଜ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୌଭାଗ୍ୟ ରଣଶିଙ୍ଗ(ମଶା ବହର୍କା), ଡ଼ା. ନୀଳମଣି ତିଲକଚାନ୍ଦ ବେହେରା (ଡି.ସି),ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଡ଼ା. ମୌସୁମୀ ମିଶ୍ର ଯୋଗଦେଇଥିଲେ। ରାଜ୍ୟ ସ୍ତରୀୟ ପର୍ଯ୍ୟବେକ୍ଷକ ସୋରଜ କୁମାର ପାଣିଗ୍ରାହୀ ଓ ମହମ୍ମଦ ରାଫିକ ମଧ୍ୟ ଉପସ୍ଥିତ ରହିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଭେଷଜ ବିଶେଷଜ୍ଞ ଡା. ବାସନ୍ତୀ ହଂସଦା, ମାନସିକ ରୋଗ ବିଶେଷଜ୍ଞ ଡା. ମହମଦ ଅଭିଦ ହୁସେନ, ଚର୍ମ ରୋଗ ବିଶେଷଜ୍ଞ . ଚୌଧୁରୀ ନିହାର ରଞ୍ଜନ ପ୍ରହରାଜ, ମାଥିଲି ଉପଖଣ୍ଡ ଡାକ୍ତରଖାନା ଶିଶୁରୋଗ ବିଶେଷଜ୍ଞ ଡା. ମାନସୀତା ରାଉତ, ଦାନ୍ତ ରୋଗ ବିଶେଷଜ୍ଞ ଡା. ସୌମିତା ସାମନ୍ତ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡ଼ା. କେ. ଅଞ୍ଜଳି ଓ ଶଲ୍ୟ ଚିକିତ୍ସା ବିଶେଷଜ୍ଞ ଡା. ବସ କୁ ମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଶିବିରରେ ସମୁଦାୟ ୨୨୮ ଜଣ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରଯାଇଥିଲା । ଏହି ଉଦଘାଟନ ଉତ୍ସବ କାର୍ଯ୍ୟକ୍ରମକୁ ବ୍ଲକ କାର୍ଯ୍ୟକ୍ରମ ପରିଚାଳକ . ଅଭିଜିତ କୁମାର ଷଡଙ୍ଗୀ, ଜନ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଶ୍ରୀମତୀ ଆରତି ବିଶ୍ୱାଳ, ବ୍ଲକ ହିସାବ ପରିଚାଳକ . ପ୍ରଦୀପ୍ତ କୁମାର ନାୟକ, କନିଷ୍ଠ କିରାଣୀ ପ୍ରକାଶ ମହାନ୍ତି, ମାଥିଲି ଉପଖଣ୍ଡ ଡାକ୍ତରଖାନା ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଓ ଜିଲ୍ଲା ସ୍ୱାସ୍ଥ୍ୟଅଧି କାରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

ସୁସ୍ଥ ନାରୀ, ସଶକ୍ତ ପରିବାର କାର୍ଯ୍ୟକ୍ରମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଖଇରିପୁଟ ଅଧୀନ ପଡାଘାଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୋରୁକୋଣ୍ଡା ଅଧୀନ ଏମ. ଭି- ୪୭ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ମଧ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ତରୀୟ ବିଶେଷଜ୍ଞ ଶିବିର ଅନୁଷ୍ଠିତ ହୋଇଥିଲା । ଜିଲ୍ଲାର ପ୍ରତ୍ୟେକ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସ୍ୱାସ୍ଥ୍ୟ ଉପକେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଡାକ୍ତରଖାନା ଏବଂ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଠାରେ ମଧ ଚାଲୁ ରହିଛି । ଏହି କାର୍ଯ୍ୟକ୍ରମ ମାଧମରେ ଗ୍ରାମ୍ୟ ସ୍ତରରେ ମହିଳା ସ୍ୱାସ୍ଥ୍ୟକର୍ମୀ, ପୁରୁଷ ସ୍ୱାସ୍ଥ୍ୟକର୍ମୀ, ଆଶା କର୍ମୀ, ଅଙ୍ଗନବାଡିକର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ସ୍କୁଲ ଛାତ୍ର ଛାତ୍ରୀ ମାନଙ୍କୁ ମୋବାଇଲ ହେଲଥ ଟିମ ମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ନିମନ୍ତେ ଯାଂଚ ଓ ପରୀକ୍ଷା କରି ସନ୍ଦେହ କରାଯାଇଥିବା ରୋଗୀଙ୍କୁ ନିକଟସ୍ଥ ପ୍ରାଥମିକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ପ୍ରେରଣ କରାଯିବାର କାର୍ଯ୍ୟକ୍ରମ ରହିଛି।

# ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

ପୁରୀ, ୧୯/୦୯ (ନି.ପ୍ର): ଅକ୍ଟୋବର ୨ ତାରିଖରେ ପୁରୀ ଜିଲ୍ଲାସ୍ତରୀୟ ଗାନ୍ଧିଜୀଙ୍କ ୧୫୬ ତମ ଓ ଶାସ୍ତ୍ରୀଜୀଙ୍କ ୧୨୧ ତମ ଜୟନ୍ତୀ ପାଳିତ ହେବ । ଏହାକୁ ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିବା ସହ ଦୁଇ ମହାପୁରୁଷଙ୍କ ଜୟନ୍ତୀକୁ ସୁଚାରୁରୂପେ ଓ ଶୃଙ୍ଖଳିତ ଭାବେ ପାଳନ କରିବାକୁ ଯେଉଁ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ନିଷ୍ଠାର ସହ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ । ବିସ୍ତୃତ ଆଲୋଚନା ପରେ ନିଷ୍ପତି ନିଆଗଲା ଯେ, ଗାନ୍ଧୀ ଜୟନ୍ତୀ ଦିନ ଅର୍ଥାତ ଅକ୍ଟୋବର ୨ ତାରିଖ ଦିନ ପ୍ରତ୍ୟୁଷ ୪ଟା ୩୦ ରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସହର ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପରିବେଷଣ କରାଯିବ । ସକାଳ ୭ଟା ୩୦ରେ ଗାନ୍ଧୀଘାଟ ଠାରେ ମହାତ୍ମାଗାନ୍ଧୀଙ୍କ ପ୍ରତମୂର୍ତିରେ ମାଲ୍ୟାର୍ପଣ କରାଯିବ । ପରେ ପରେ ସଦ୍‌ଭାବନା ସଭାଗୃହ ଠାରେ ସର୍ବଧର୍ମ ପ୍ରାର୍ଥନା ସଭା ଓ ଜୟନ୍ତୀ ସଭା ଅନୁଷ୍ଠିତ ହେବ। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯିବା ସହ ମିଷ୍ଟାନ୍ନ ବଣ୍ଟନ କରାଯିବ । ପୌରପାଳିକା ପକ୍ଷରୁ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତିକୁ ସଫା କରିବା ସହ ଉତ୍ସବ ସ୍ଥଳକୁ ସଫା ସୁତୁରା କରିବା, ୱାଟକୋ ପକ୍ଷରୁ ପାନୀୟ ଜଳର ବ୍ୟବସ୍ଥା କରିବା, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଫୁଲ, ଧୂପ, ଦୀପ, ନିମନ୍ତ୍ରଣ ପତ୍ର, ସାର୍ଟିଫିକେଟ, ଫଟୋ ଉତୋଳନ, ଜଳଯୋଗ, ପୁରସ୍କାର ପାଇଁ ଟ୍ରଫି ଇତ୍ୟାଦି ବ୍ୟବସ୍ଥା କରାଯିବ। ବୈଠକରେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, କ୍ରିଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଅତିରିକ୍ତ ଶିକ୍ଷା ଅଧିକାରୀ ଦ୍ୱିତିକାନ୍ତ ପ୍ରଧାନ, ସର୍ବୋଦୟ ମେଳା ସମିତିର ସମ୍ପାଦକ ଶିବ ପ୍ରସାଦ ମିଶ୍ର, ୱାଟକୋ ଅଧିକାରୀ କମଳାକାନ୍ତ ବେହେରା, ସମାଜ କଲ୍ୟାଣ ର ସେକ୍ସନ ଅଫିସର ଡି.ପି.ମହାନ୍ତି ଓ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମାଣିକ୍ୟ ଜୟନ୍ତୀ ଉଦ୍‌ଯାପନୀ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

ବଲାଙ୍ଗିର, ୧୯/୦୯ (ନି.ପ୍ର): ବଲାଙ୍ଗିରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଶିଶୁ ବିକାଶ କେନ୍ଦ୍ରର ୪୦ ବର୍ଷ ପୂରଣ ଅବସରରେ ମାଣିକ୍ୟ ଜୟନ୍ତୀ ର ଉଦ୍‌ଯାପନୀ କାର୍ଯ୍ୟକ୍ରମ ପାଇଁ ଶିକ୍ଷାବିତ କପିଳ ପତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନି କାର୍ଯ୍ୟକ୍ରମ ତା.୧୨.୧୦.୨୦୨୫ ରେ ପାଳନ କରାଯିବ । ଶିଶୁ ବିକାଶ କେନ୍ଦ୍ର ର ମର୍ଯ୍ୟାଦା ଜନକ 'ଶାରଦୀୟ ଶିଶୁ ବିକାଶ ସମ୍ମାନ' ଖେଳ ଶିକ୍ଷୟତ୍ରୀ ସସ୍ମିତାରାଣୀ ମିଶ୍ରଙ୍କୁ ଏବଂ ଶରୀର ଦାନ କରିଥିବା ପୂଜ୍ୟପୂଜା ସେବା ସଂଗଠନର ସଭାପତି କେଶବ ଚନ୍ଦ୍ର ମିଶ୍ରଙ୍କୁ ସମ୍ମାନିତ କରାଯିବ । ଚାଳିଶ ବର୍ଷର କାର୍ଯ୍ୟକୁ ନେଇ ସଭ୍ୟମାନଙ୍କ ମତାମତ ସଂକଳିତ ଏକ ସ୍ମରଣିକା ପ୍ରକାଶ କରିବା ଓ ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାମାନ କରିବାକୁ ସ୍ଥିର କରାଯାଇଥିଲା । ଏହି ସଭାରେ ଗିରିଜା ଶଙ୍କର ରଥ, ଜୟରାମ ମିଶ୍ର, ଚୁଡେନ୍ଦ୍ର କୁମାର ବେହେରା, ଭୀମସେନ ସାହୁ, ପ୍ରଦୀପ ପଶାୟତ, ହୃଷିକେଶ ପୁରୋହିତ, ଧର୍ମବ୍ରତ ରଥ, ଡ. ପ୍ରେମଚାନ୍ଦ ମହାନ୍ତି, ରତ୍ନମୟ ତ୍ରିପାଠି, ମଧୁ ସାହୁ, ତରୁଣ ପରିଚ୍ଛା ଓ ମଦନ ମୋହନ ରଥ ଉପସ୍ଥିତ ଥିଲେ ।

# ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଠାରୁ ବୋଲାଣି ଲୌହ ଖଣିର ପ୍ରଦୂଷଣ ନିୟନ୍ତ୍ରଣ ଉତ୍କର୍ଷତା ପୁରସ୍କାର -୨୦୨୫ ଲାଭ

ରାଉରକେଲା, ୧୯/୦୯ (ନି.ପ୍ର): ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ୍ (ସେଲ୍)ର ବୋଲାଣି ଲୌହ ଖଣି (ବିଓଏମ), ସିଏମଏଲଓ କୁ ୨୦୨୪ -୨୫ ଆର୍ଥିକ ବର୍ଷରେ ଏହାର ଉଲ୍ଲେଖନୀୟ ପରିବେଶଗତ ପ୍ରଦର୍ଶନକୁ ସ୍ୱୀକୃତି ଦେଇ, ଏହାର ୪୨ତମ ପ୍ରତିଷ୍ଠା ଦିବସରେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସପିସିବି) ଦ୍ୱାରା ପ୍ରଦୂଷଣ ନିୟନ୍ତ୍ରଣ ଉତ୍କର୍ଷତା ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି। ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପତି ଏବଂ ଓଡ଼ିଶା ସରକାରଙ୍କ ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ଉତ୍ସବରେ ଏହି ପୁରସ୍କାର ଆରଏସପି ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର ଏବଂ ସିଏମଏଲଓ ବୋଲାଣି ଇ ଆଣ୍ଡ ଏଲ ବିଭାଗର ଏଜିଏମ ଶ୍ରୀ ତାପସ ରଞ୍ଜନ ସାହୁଙ୍କୁ ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ବୋଲାଣି ଲୌହ ଖଣିର ପରିବେଶ ଏବଂ ଲିଜ୍ ବିଭାଗ ଦ୍ୱାରା ବ୍ୟାପକ ପରିବେଶଗତ ପରିଚାଳନା ରଣନୀତି ଏବଂ ବୈଧାନିକ ଅନୁପାଳନର ସଫଳତା ଉପରେ ଆଲୋକପାତ କରି ଏକ




ବିସ୍ତୃତ ବୈଷୟିକ ଉପସ୍ଥାପନା କରାଯାଇଥିଲା ଏବଂ ପରେ ଓଏସପିସିବି କୁ ଜିଓ-ଟ୍ୟାଗ୍ ହୋଇଥିବା ଫଟୋଗ୍ରାଫ୍ ଏବଂ ଭିଡିଓ ପ୍ରମାଣ ସମେତ ପରିପୂରକ ଡକ୍ୟୁମେଣ୍ଟେସନ୍ ଦାଖଲ କରାଯାଇଥିଲା । ଓଏସପିସିବି ର ଆଞ୍ଚଳିକ ଅଧିକାରୀଙ୍କ ଦ୍ୱାରା ବାସ୍ତବ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପ କାର୍ଯ୍ୟକାରୀ ଯାଞ୍ଚ କରିବା ପାଇଁ ଏକ ସାଇଟ ପରିଦର୍ଶନ ମଧ୍ୟ କରାଯାଇଥିଲା। ଏହି ଆନୁଷ୍ଠାନିକ ମୂଲ୍ୟାଙ୍କନ ପ୍ରକ୍ରିୟା ସମାପ୍ତ ହେବା ପରେ, ବିଓଏମକୁ ସମଗ୍ର ଓଡ଼ିଶାରେ ବହୁ ସଂଖ୍ୟକ କାର୍ଯ୍ୟକ୍ଷମ ଖଣି ମଧ୍ୟରୁ ପ୍ରଦୂଷଣ ନିୟନ୍ତ୍ରଣ ଉତ୍କର୍ଷତା ପୁରସ୍କାର ୨୦୨୫ ବିଜେତା ଭାବରେ ମନୋନୀତ କରାଯାଇଥିଲା।

ଏହି ପୁରସ୍କାର ବିଓଏମର ଭୂମିକାକୁ ଭାରତରେ ଦାୟିତ୍ୱପୂର୍ଣ୍ଣ ଖଣି ପାଇଁ ଏକ ମାନଦଣ୍ଡ ଭାବେ ପୁନଃନିର୍ଦ୍ଦିଷ୍ଟ କରେ। ଆର୍ଥିକ ବର୍ଷ ୨୦୨୪-୨୫ ରେ ଖଣି ଅନେକ ପ୍ରମୁଖ ପଦକ୍ଷେପ ଗ୍ରହଣ କରିଥିଲା, ଯେଉଁଥିରେ ବର୍ଜ୍ୟଜଳ ପୁନଃଚକ୍ରଣ ପାଇଁ ଦୁଇଟି ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ କାର୍ଯ୍ୟକ୍ଷମ କରିବା, ପ୍ରଦୂଷଣ ଦମନ ପାଇଁ ଛଅଟି ଫଗ୍ କାନନ୍ ଏବଂ ଜଳ ଛିଞ୍ଚନକାରୀ ମେସିନ ସ୍ଥାପନ କରିବା ଏବଂ ଲୋଡିଂ ପ୍ଲାଣ୍ଟରେ ଅପରିଶୋଧିତ ଏଫ୍ଲୁଏଣ୍ଟର ଶୂନ୍ୟ ନିର୍ଗମନ ହାସଲ କରିବା ଅନ୍ତର୍ଭୁକ୍ତ। ୨୫,୦୦୦ରୁ ଅଧିକ ଦେଶୀୟ ଗଛ ସହିତ ବୃହତ ଧରଣର ବନୀକରଣ, ପୁନରୁଦ୍ଧାର କରାଯାଇଥିବା ଅଞ୍ଚଳରେ ଜୈବବିବିଧତା ବୃଦ୍ଧି ଏବଂ ଶୂନ୍ୟ ବନାଗ୍ନିକୁ ସୁନିଶ୍ଚିତ କରିବା ଦିଗରେ ସକ୍ରିୟ ପଦକ୍ଷେପ ଗ୍ରହଣ କରିଥିଲା। କୟର ମ୍ୟାଟିଂ ଏବଂ ଗ୍ରାସ ମାଧ୍ୟମରେ ଓଭରବର୍ଡେନ ଡମ୍ପଗୁଡ଼ିକୁ ସ୍ଥିର କରାଯାଇଥିଲା ବେଳେ ଧାନବାଦ ସ୍ଥିତ ଆଇଆଇଟି (ଆଇଏସଏମ), ସହ ବୈଜ୍ଞାନିକ ସହଯୋଗରେ ସ୍ଲୋପ ସ୍ଥିରୀକରଣ ଏବଂ ଖଣି ଜଳ ପରିଚାଳନାକୁ ସହଜ କରଯାଇଥିଲା। ଆଇଏସଓ ପ୍ରମାଣପତ୍ର, ବୈଧାନିକ ନିୟମ ର ଅନୁପାଳନ, ନିୟମିତ ସଚେତନତା କାର୍ଯ୍ୟକ୍ରମ ଏବଂ ୧୦୦% ଅଭିଯୋଗ ସମାଧାନ ଦ୍ୱାରା ସମର୍ଥିତ, ବିଓଏମ ସ୍ଥାୟୀ ଏବଂ ପରିବେଶଗତ ଭାବରେ ଦାୟିତ୍ୱପୂର୍ଣ୍ଣ ଖଣି କ୍ଷେତ୍ରରେ ଉଚ୍ଚ ମାନଦଣ୍ଡ ସ୍ଥାପନ କରୁଛି।

# ଜିଲ୍ଲା ସ୍ତରୀୟ ଶିଶୁ ଖେଳକୁଦ ପ୍ରତିଯୋଗିତା

ଭବାନିପାଟଣା, ୧୯/୦୯ (ନି.ପ୍ର): ସ୍ଥାନୀୟ ରିଜର୍ଭ ପୋଲିସ ପଡିଆ ଭବାନୀପାଟଣା ଠାରେ ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁ ମାନଙ୍କ ମଧ୍ୟରେ ଜିଲ୍ଲା ସ୍ତରୀୟ ଖେଳକୁଦ ପ୍ରତିଯୋଗିତା 'ଉତ୍ସାହ' ଉଦଯାପିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ତଥା ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ଶିଶୁ ମଙ୍ଗଳ ସମିତି ର ଅଧ୍ୟକ୍ଷ ରୂପେଶ କୁମାର ହୋତା, ସଦସ୍ୟ ସଦସ୍ୟା ଗଣ ସଞ୍ଜୟ କୁମାର, ଭାରତ ଭୁଷଣ ପଣ୍ଡା, ବସନ୍ତ କୁମାରୀ ପଟ୍ଟନାୟକ ଓ ଅଶୋକ ରଞ୍ଜନ ଚୌଧୁରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, କିଶୋର ନ୍ୟାୟ ବୋର୍ଡ ର ସଦସ୍ୟା ସ୍ୱର୍ଣ୍ଣଲତା ମହାନ୍ତି, ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ରୂପ ସିଂହ ରାଉତ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସଭାକାର୍ଯ୍ୟ ପରିଚାଳନା କରିଥିଲେ ବାଲ ଗୋପାଲ ସେବା ନିକେତନ ଅନୁଷ୍ଠାନର ମୁଖ୍ୟ ହେମନ୍ତ ମୁଣ୍ଡ ଏବଂ ଶିଶୁ ସୁରକ୍ଷା କାର୍ଯ୍ୟାଳୟ ର ଅଂଶୁମାନ ବାବୁ। ଏହି କାର୍ଯ୍ୟକ୍ରମଟିକୁ ଶିକ୍ଷା ବିଭାଗର ଶାରିରୀକ ଶିକ୍ଷା ଶିକ୍ଷକ ବୃନ୍ଦ ସୁଚାରୁ ରୂପେ ପରିଚାଳନା କରିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମକର୍ତା, ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତା ତଥା ଭବାନୀପାଟଣା ସହରର କ୍ୟାରମ ଓ ଚେସ ର ବିଶିଷ୍ଟ ବିଚାରକ ମଣ୍ଡଳୀ ଏହାକୁ ପୁଙ୍ଖାନୁପୁଙ୍ଖ ଭାବରେ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁ ମାନଙ୍କ ମଧ୍ୟରେ ବାଳିକା ଓ ବାଳକ ବର୍ଗରେ ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ୨୦୦ ମିଟର ଓ ୧୦୦ ମିଟର ଦୌଡ, ଫୁଟବଲ, କ୍ୟାରମ, ଚେସ ଭଳି ବିଭିନ୍ନ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା।

ଏହି କାର୍ଯ୍ୟକ୍ରମଟି ଆଜି ସକାଳ ୭ଟା ସମୟରେ ଉଦ୍ଘାଟିତ ହୋଇ ଅପରାହ୍ନ ୩ଟା ରେ ଉଦଯାପିତ ହୋଇଥିଲା। ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ସମସ୍ତ ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଥିବା କୃତି ପ୍ରତିଯୋଗୀ ତଥା ଦଳମାନେ ଆସନ୍ତା ନଭେମ୍ବର ମାସରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ଉତ୍ସାହ କାର୍ଯ୍ୟକ୍ରମରେ ଯୋଗଦାନ କରିବା ପାଇଁ ଚୟନ ହୋଇଛନ୍ତି ଏବଂ ସେମାନେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରି ଜିଲ୍ଲା ପାଇଁ ଗୌରବ ଆଣିବା ପାଇଁ ଆଶାବାଦୀ ଅଛନ୍ତି।

# କୃଷକ କଲ୍ୟାଣ ମଂଚର ବୈଠକ

ଜୟପୁର, ୧୯/୦୯ (ନି.ପ୍ର): ଜୟପୁର ବ୍ଲକ ଜାମୁଣ୍ଡା ପଂଚାୟତ ର ବୋଦାଗୁଡା ଠାରେ କୃଷକ କଲ୍ୟାଣ ମଂଚ ର ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକ ସଭାପତି ଚିରଞ୍ଜିବି ପଟନାୟକ, କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ପାଣି, ସମ୍ପାଦକ କେ ଶରତକୁମାର, ସହ ସମ୍ପାଦକ ଗଣେଶ ଗାଦବକ୍ଷ ପ୍ରମୁଖ ମଂଚାସିନ ଥିଲେ । ଚାଷୀ ମାନଙ୍କ ବିଭିନ୍ନ ସମସ୍ୟା, କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ଏବଂ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ସମ୍ପର୍କରେ ଉପସ୍ଥିତ ଚାଷୀ ମାନଙ୍କ ସହ ଆଲୋଚନା ହୋଇଥିଲା । ଏହି ବୈଠକରେ ଗୁରୁ ରଣା, ରଘୁନାଥ ଗକ୍ଷଡ଼ବା,ବିକିରନ କୁମାର, ସମାରୁ ଭୂମିଆ, ପର୍ଶୁରାମ ଭୂମିଆ, ଘାସି ଭୂମିଆ, ଗୋପୀନାଥ ମୁଦୁଲି, ଶ୍ୟାମ ଭୂମିଆ, ଘାସି ହରିଜନ, ଭଗବାନ ପରଜା, ନରସିଙ୍ଗ ପାତ୍ର, ଲକ୍ଷ୍ମଣ ଭୂମିଆ ସମେତ ଶତଦିକ ଚାଷୀ ଉପସ୍ଥିତ ଥିଲେ ।

# ବିଦ୍ୟାଳୟରେ ଅଭିଭାବକ ପଶି ୬ଷ୍ଠ ଶ୍ରେଣୀ ଛାତ୍ରଙ୍କୁ ମାଡ ମାରିଲେ, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ: ପ୍ରଧାନଶିକ୍ଷକ

ଭଦ୍ରକ, ୧୯/୦୯ (ନି.ପ୍ର): ଜଳେଶ୍ୱର ପୁର ପଂଚାୟତରେ ଥିବା ପାଂଚମୁକା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜଣେ ଛାତ୍ରଙ୍କ ଅଭିଭାବକ ବିଦ୍ୟାଳୟକୁ ପଶି ଅନ୍ୟ ଜଣେ ୬ଷ୍ଠ ଶ୍ରେଣୀର ଛାତ୍ରକୁ ମାଡ ମାରିଥିବା ନେଇ ବାଂଶଡା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପ୍ରାପ୍ତ ଖବରରୁ ଜଣାଯାଇଛି ଏହି ବିଦ୍ୟାଳୟର ଆର୍ଜମାନ ଦାସ ୬ଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ଗତ ଶନିବାର ଦିନ ସେହି ବିଦ୍ୟାଳୟର ଅନ୍ୟ ଜଣେ ଛାତ୍ରଙ୍କ ଅଭିଭାବକ ଧର୍ମଜିତ ଜତି ଆସି ଆର୍ଜମାନ ଦାସଙ୍କୁ ମାଡ ମାରିଥିଲେ। ସେହି ସମୟରେ ସଂପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପସ୍ଥିତି ନଥିବା ବେଳେ ଅନ୍ୟ ଶିକ୍ଷକ ମାନେ ସଂପୃକ୍ତ ଯୁବକ ବିଦ୍ୟାଳୟ ମଧ୍ୟକୁ ମୋଟରସାଇକେଲରେ ଆସୁଥିବା ଦୃଶ୍ୟ ସିସିଟିଭି କ୍ୟାମରାରେ କଏଦ ହୋଇଛି ବୋଲି ସଂପୃକ୍ତ ପ୍ରଧାନ ଶିକ୍ଷକ ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟା ରଖିଛନ୍ତି। ମାତ୍ର ସଂପୃକ୍ତ ଯୁବକ କେଉଁ କାରଣ ପାଇଁ ଆର୍ଜମାନ ଦାସକୁ ମାଡ ମାରିଲେ ତାହାର କାରଣ ଅସ୍ପଷ୍ଟ। କେଉଁ ପରିସ୍ଥିତିରେ ସଂପୃକ୍ତ ଯୁବକଙ୍କ ପୁତୁରା ସେହି ବିଦ୍ୟାଳୟରେ ପାଠ ପଢୁଥିବା ବେଳେ ଛୋଟ ଛୋଟ ଛୁଆଙ୍କ କଥାକୁ ନେଇ ସଂପୃକ୍ତ ଯୁବକ ଉତ୍ୟକ୍ତ ହୋଇ ବିଦ୍ୟାଳୟର କ୍ଲାସ ଚାଲିଥିବା ବେଳେ ସଂପୃକ୍ତ ୬ଷ୍ଠ ଶ୍ରେଣୀର ଛାତ୍ରକୁ ବିଦ୍ୟାଳୟ ବାରଣ୍ଡାରେ ମାଡ ମାରିଲେ ସେ ନେଇ ତଦନ୍ତ ହେବା ଜରୁରୀ ହୋଇ ପଡିଛି। ଅନ୍ୟ ପକ୍ଷରେ ସଂପୃକ୍ତ ଛାତ୍ରର ମା ସୁଚରିତା ଦାସ ବାଂଶଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ବାଂଶଡା ଥାନା ପକ୍ଷରୁ ସିସିଟିଭି ଫୁଟେଜ ଯାଂଚ ମଧ୍ୟ କରାଯାଇଛି ଏବଂ ସଂପୃକ୍ତ ଛାତ୍ର ପାଖରୁ ମଧ୍ୟ ବୟାନ ନିଆଯାଇଛି। ଅନ୍ୟ ପକ୍ଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ଜେନା ଏହି କଥାକୁ ନେଇ କୌଣସି ଲିଖିତ ଅଭିଯୋଗ କରି ନଥିବା ବେଳେ କେଉଁ ପରିସ୍ଥିତିରେ ଦଣ୍ଡମୁକ୍ତ ଅଂଚଳରେ ଛୋଟ ଛୋଟ କଥାକୁ ନେଇ ଅଭିଭାବକ ମାନେ ଆସି ବିଦ୍ୟାଳୟ ମଧ୍ୟରେ ଦାଦାଗିରୀ ଦେଖାଇଲେ ତାହା ତଦନ୍ତ ସାପେକ୍ଷ ହୋଇ ପଡିଛି । ତୁରନ୍ତ ସଂପୃକ୍ତ ଛାତ୍ରକୁ ନ୍ୟାୟ ନ ମିଳିଲେ ଛାତ୍ରଙ୍କ ପରିବାର ଭଦ୍ରକ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ଛାତ୍ରଙ୍କ ମା ସୁଚରିତା ଦାସ ଅଭିଯୋଗ ଆଣିଛନ୍ତି। ଅନ୍ୟ ପକ୍ଷରେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଜେନା ନିଜ ପ୍ରତିକ୍ରିୟା ରେ କହିଛନ୍ତି ପୁଲିସ ତଦନ୍ତ ସରିବା ପରେ ପ୍ରଶାସନ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଆମେ ତାହା ମାନିବାକୁ ରାଜି।

# ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଆୟୋଜିତ

କୋରେଇ, ୧୯/୦୯ (ନି.ପ୍ର): ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିନ ଠାରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ପର୍ଯ୍ୟନ୍ତ ୧୫ ଦିନ ବ୍ୟାପି ସାରା ଭାରତରେ "ମା ପାଇଁ ଗଛ ଟିଏ " କାର୍ଯ୍ୟକ୍ରମ ଆୟୋଜିତ କରାଯାଇ ରାସ୍ତା କଡ଼,ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଛି । ଇତ୍ୟବସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ପାଣିକୋଇଲି ଶାଖା ତରଫରୁ ପାଣିକୋଇଲିର ମା ତାରିଣୀ ବାଳିକା ଉଚ୍ଚ ବିଦ୍ୟାଳୟ, ପାଣିକୋଇଲି ପ୍ରାଥମିକ ବିଦ୍ୟାଳୟ, ଭଦ୍ରକ ଜିଲ୍ଲା ଭଣ୍ଡାରୀ ପୋଖରୀ ବ୍ଲକ ଅନ୍ତର୍ଗତ ବନସ୍ତାର ରାଜକିଶୋର ଗ୍ରାମ ମଙ୍ଗଳ ଉଚ୍ଚ ବିଦ୍ୟାଳୟ ବିଦ୍ୟାପୀଠରେ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ୧୫୦ ଚାରା ରୋପଣ କରାଯାଇଥିଲା। ଶାଖା ପରିଚାଳକ ମାନସ ରଂଜନ ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ୟାଙ୍କର ମୂଖ୍ୟ ପରିଚାଳକ (ଲିଡ୍ ବ୍ୟାଙ୍କ) ରାଧାନାଥ ନାୟକ ଓ ବ୍ୟାଙ୍କର ସିଏସପି ମୁକ୍ତାର ଅଲ୍ଲୀ ଖାନ ଯୋଯୋଗ ଦେଇ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କର ଏହା ଏକ ଯୁଗାନ୍ତ କାରୀ ପଦକ୍ଷେପ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ କୋରାଇ ଶିକ୍ଷା ମଣ୍ଡଳର ଅତିରିକ୍ତ ଶିକ୍ଷାଧିକାରୀ ବିଜୟ କୁମାର ମଲ୍ଲିକ ଓ ସିଆରସିସି କେଶବ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏହି ତିନୋଟି ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରି ଶାଖା ପରିଚାଳକଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଆଗକୁ ବ୍ୟାଙ୍କ ତରଫରୁ ଏହିଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ପରିଚାଳକ ଶ୍ରୀ ବେହେରା ଜଣାଇଛନ୍ତି।

# ସୁଦାମ ଚରଣ ଡିଗ୍ରୀ କଲେଜରେ ମା' ପାଇଁ ଗଛଟିଏ ବୃକ୍ଷରୋପଣ କାର୍ଯ୍ୟକ୍ରମ

ବଲାଙ୍ଗିର, ୧୯/୦୯ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିନରେ ବଲାଙ୍ଗୀର ବନ ବିଭାଗ ଦ୍ୱାରା ଗତକାଲି ବଲାଙ୍ଗୀର ରେଞ୍ଜ ର ଚନ୍ଦନଭାଟିସ୍ଥିତ ସୁଦାମ ଚରଣ ଡିଗ୍ରୀ କଲେଜରେ ମା ପାଇଁ ଗଛଟିଏ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବଲାଙ୍ଗୀର ସାଂସଦ ଶ୍ରୀମତୀ ସଙ୍ଗୀତା ସିଂହଦେଓ; ବଲାଙ୍ଗୀର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଦେବକୀ ସାହୁ, ବଲାଙ୍ଗୀର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୌରବ ଶିବାଜୀ ଇସଲୱାର, ଆଇଏଏସ୍, କଲେକ୍ଟର ଏବଂ ଡିଏମ୍, ବଲାଙ୍ଗୀର, ଅଭିଲାଷ ଜି, ଆଇପିଏସ୍, ବଲାଙ୍ଗୀର ଏବଂ ଅଜିତ ବିଶି, ଡିଏଫଓ, ବଲାଙ୍ଗୀର ପ୍ରମୁଖ ଅତିଥିମାନେ ଯୋଗ ଦେଇଥିଲେ। ଏହି ମହତ୍ୱପୂର୍ଣ୍ଣ ଅବସରରେ ୫୦୦ରୁ ଅଧିକ ସ୍କୁଲ ଛାତ୍ରଛାତ୍ରୀ, ଏନସିସି କ୍ୟାଡେଟ୍, ଗଣମାଧ୍ୟମ ପ୍ରତିନିଧି ଏବଂ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ୨୦୨୫-୨୦୨୬ ସବୁଜ ପଦକ୍ଷେପର ଅଂଶ ସ୍ୱରୂପ ଏହି ସ୍ଥାନରେ ପ୍ରାୟ ୫୦୦ ଚାରା ରୋପଣ କରାଯାଇଥିଲା। ବଲାଙ୍ଗିର ପୌରପାଳିକାର ଅଧ୍ୟକ୍ଷା ଶ୍ରୀମତୀ ଲିକା ସାହୁଙ୍କ ଉପସ୍ଥିତିରେ ବଲାଙ୍ଗିରର ନଗରଭବନରେ ଆଉ ଏକ ରୋପଣ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଆସନ୍ତୁ ଏକାଠି ହୋଇ ପ୍ରକୃତିର ଯତ୍ନ ନେବା ଏବଂ ଏକ ସବୁଜ, ସ୍ୱଚ୍ଛ ଆସନ୍ତାକାଲି ପାଇଁ କାମ କରିବା।

# ଟିପିଏସଓଡିଏଲ ସିଏସଆର ଜୟପୁର ଆନୁକୂଲ୍ୟରେ ସଫେଇ କାର୍ଯ୍ୟକ୍ରମ

ଜୟପୁର, ୧୯/୦୯ (ନି.ପ୍ର): ଟି.ପି .ଏସ୍. ଓ. ଡି. ଏଲ୍. ଜୟପୁର ସର୍କଲ ସି.ଏସ୍.ଆର୍ ତରଫରୁ ସ୍ୱେଚ୍ଛାକୃତ ସେବା ସପ୍ତାହ ଅବସରରେ ପର୍ଯ୍ୟଟନ ସ୍ଥାନମାନଙ୍କର ସୌନ୍ଦର୍ଯ୍ୟକରଣ ଅଭିବୃଦ୍ଧି ନିମନ୍ତେ ସଫେଇ କାର୍ଯ୍ୟକ୍ରମ ଅଭିଯାନ। ଏହି ଅଭିଯାନରେ ଜୟପୁର -କୋରାପୁଟ ଘାଟି ରାସ୍ତେରେ ଥିବା ୱାଚ୍ ଟାୱାର୍ ର ଚତୁଃପାର୍ଶ୍ୱ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନ ସି.ଏସ୍.ଆରର ଅଧିକାରୀ ଶ୍ରୀଯୁକ୍ତ ରନ୍ଧିର କୁମାର ଓ ସୋମ ମୋହାପ୍ରସାଦଙ୍କ ତତ୍ୱାବଧାନରେ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧିକାରୀମାନେ ଥିଲେ ଜୟପୁର ସର୍କଲ ହେଡ୍ ମନ୍ମଥ ନାଥ ମୀଶ୍ର, ଟି.ତପନ ରଶ୍ମି ସୁବୁଦ୍ଧି, ନିର୍ବାହୀ ଯନ୍ତ୍ରୀ ବରୁଣ ଚୌଧୁରୀ, ବିଶ୍ୱଜିତ୍ ମେଣ୍ଡୁଲି, ସନ୍ଦିପ୍ କୁମାର ପଟ୍ଟନାୟକ, ସପ୍ତର୍ସି ମଣ୍ଡଳ, ବିଚିତ୍ର କୁମାର ବେହେରା, ବେଦ ପ୍ରକାଶ, ରନ୍ଧିର ସିଂ, ସନ୍ତୋଷ କୁମାର ପୃଷ୍ଟି, ରାକେସ ତ୍ରିପାଠି, ରଶ୍ମି ରଞ୍ଜନ ସାହୁ, ରାଜ୍ କୁମର, ହିମାଂଶୁ ନାୟକ, ରାକେସ ରାଉଳ, ଗୁପ୍ତେଶ୍ୱର ଖେତି, ସୁଚନ୍ଦନ ନାୟକ, ନିତିନି ଶାନ୍ତି ଓ ଅନ୍ୟ ଅଧିକାରି ମାନେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଦଶ'ରାକୁ ପାଣିଚିଆ...

ସୃଷ୍ଟି ହେଉଥିବା ଲଘୁଚାପ ସହିତ ମିଶି ଏହାକୁ ଶକ୍ତିଶାଳୀ କରିବ। ୨୭ ଅପରାହ୍ନରେ ଅବପାତ ଓ ପରେ ଅଧିକ ବଳ ଗୋଟାଇ ଗଭୀର ଅବପାତ ହେବ। ତେବେ ବାତ୍ୟାର କୌଣସି ସୂଚନା ନାହିଁ। ଏପଟେ ପାର୍ବଣ ବେଳେ ସମ୍ଭାବ୍ୟ ଲଘୁଚାପ କ୍ଷେତ୍ରକୁ ନେଇ ଆଗୁଆ ସତର୍କ ହୋଇଛନ୍ତି ବିଭିନ୍ନ ପୂଜାମଣ୍ଡପ କର୍ମକର୍ତ୍ତା। ଏବେ ରାଜ୍ୟରେ ବିଶେଷ ବର୍ଷା ସମ୍ଭାବନା ନଥିବାବେଳେ ତାପମାତ୍ରା ବୃଦ୍ଧି ପାଇଛି । ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ଲାଗିରହିବ ଗରମ ଓ ଗୁଳୁଗୁଳି । କେତେକ ସ୍ଥାନରେ ଘଡ଼ଘଡ଼ି ଓ ବିଜୁଳି ସହିତ ବର୍ଷା ବି ହୋଇପାରେ ।

### ଉଚ୍ଚ ଶିକ୍ଷାନୁଷ୍ଠାନରେ...

ମାନସିକ ନିର୍ଯାତନା ଦିଆଯାଇଥିବା ବେଳେ ଦୁଇ ଜଣ ଛାତ୍ରୀଙ୍କୁ ଅଭଦ୍ରୋଚିତ ବ୍ୟବହାର କରାଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟରେ ରହିଛି ସର୍ବାଧିକ ୭ଟି ମାମଲା। ଯେଉଁଥିରେ ୩ଟି ଯୌନ ନିର୍ଯାତନା, ଗୋଟିଏ ମାନସିକ ଓ ଆଉ ଗୋଟିଏ ଅଶ୍ଳୀଳ ଭାଷା ପ୍ରୟୋଗ ମାମଲା ରହିଛି। ସେହିପରି ଚଳିତବର୍ଷ ରାଜ୍ୟରେ ଛାତ୍ରୀ ଆତ୍ମଦାହ ଘଟଣାକୁ ନେଇ ଚର୍ଚ୍ଚାରେ ରହିଥିବା ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ରହିଛି ୩ଟି ମାନସିକ ନିର୍ଯାତନା ମାମଲା। ସମ୍ବଲପୁର ଜିଏମ୍ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ରହିଛି ଗୋଟିଏ ଲେଖାଏଁ ଯୌନ ନିର୍ଯାତନା କେସ୍। ନିର୍ଯାତନାର ଏ ନିଆଁରୁ ବର୍ତ୍ତିନି ଓଡ଼ିଶାର ଏକକ ମହିଳା ବିଶ୍ୱବିଦ୍ୟାଳୟ ରମାଦେବୀ। ଏଠାରେ ବି ଜଣେ ଛାତ୍ରୀ ଯୌନ ନିର୍ଯାତନା ଯୋଗୁଁ ମାନସିକ ନିର୍ଯାତନାର ଶିକାର ହୋଇଥିବା ଜଣା ପଡ଼ିଛି। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୩ଟି ମାନସିକ ନିର୍ଯାତନା ଅଭିଯୋଗ ଥିବା ବେଳେ ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ରହିଛି ଗୋଟିଏ ଲେଖାଏଁ ମାନସିକ ନିର୍ଯାତନା ଓ ଅସଦାଚରଣ ମାମଲା। ମନ୍ତ୍ରୀଙ୍କ ଉତ୍ତର ପରେ ମହିଳା ନିର୍ଯାତନା କଥା କହି ସରକାରଙ୍କୁ ନିଶାନା କରିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। ଅନ୍ୟପଟେ ବିଜେପି କହିଛି, ମୋହନ ସରକାର ମହିଳା ନିର୍ଯାତନା କ୍ଷେତ୍ରରେ ତୁରନ୍ତ ଆକ୍ସନ ନେଉଛନ୍ତି।

### ପାଣ୍ଡିଆନ କୋଟେରୀକୁ ...

ଯେଉଁ ନେତା କିଛି ଅଭିଯୋଗ କରୁଛନ୍ତି ତାର ଅଭିଯୋଗକୁ ଦଳ ଶୁଣୁ। ଦେବାଶିଷଙ୍କୁ କାଉଣ୍ଟର କରି କ୍ଷମତା ଲୋଭୀର ଆଖ୍ୟା ଦେଲେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ । କେବଳ ଦେବାଶିଷ ନୁହଁନ୍ତି ବରଂ ବିଜେଡି କର୍ପୋରେଟର ବି ଶ୍ରୀମୟୀ ଙ୍କ ସପକ୍ଷରେ ବାହାରି ଦଳୀୟ ନିଷ୍ପତ୍ତିକୁ କରିଛନ୍ତି ଟାର୍ଗେଟ । ଭୁବନେଶ୍ୱର ୪୪ ନମ୍ବର ୱାର୍ଡର ବିଜେଡି କର୍ପୋରେଟର ଅଜିତ ବେହେରା କହିଛନ୍ତି, ଆମକୁ ଶ୍ରୀମୟୀ ସାଂସଦ ପ୍ରାର୍ଥୀ ବୋଲି କହି ତାଙ୍କୁ ଏରିଆରେ ବୁଲାଇବା ପାଇଁ କୁହା ହୋଇଥିଲା । ପରେ ପ୍ରାର୍ଥୀ କିନ୍ତୁ ପରିବର୍ତ୍ତନ ହୋଇଗଲେ । ଶ୍ରୀମୟୀଙ୍କ ଭିତରେ ଅସନ୍ତୋଷ ରହିବା ସ୍ୱାଭାବିକ । ଶ୍ରୀମୟୀ ପ୍ରାର୍ଥୀ ହୋଇଥିଲେ ଦଳରେ ଭିନ୍ନ ପ୍ରଭାବ ପଡିଥାନ୍ତା ।

### ବିହାରର ରଫିଗଞ୍ଜ...

ଔରଙ୍ଗାବାଦ ଜିଲ୍ଲା ଦୁଇଟି ସବଡିଭିଜନ ଏବଂ ୧୧ଟି ବ୍ଲକରେ ବିଭକ୍ତ । ଜିଲ୍ଲାରେ ୬ଟି ବିଧାନସଭା ନିର୍ବାଚନମଣ୍ଡଳୀ ଅଛି ତା'ମଧ୍ୟରୁ ରଫିଗଞ୍ଜ ଗୋଟିଏ । ୧୯୫୨ ମସିହାରେ ଅସ୍ତିତ୍ୱ ପାଇଥିଲା ରଫିଗଞ୍ଜ । ଯଦି ୨୦୧୦ ନିର୍ବାଚନ ଦେଖିବା ଏହି ଆସନରୁ ଜେଡିୟୁ ପ୍ରାର୍ଥୀ ବିଜୟୀ ହୋଇଥିଲେ । ୨୦୧୫ ନିର୍ବାଚନରେ, ଜେଡିୟୁର ଅଶୋକ କୁମାର ଦ୍ୱିତୀୟ ଥର ପାଇଁ ବିଧାୟକ ହୋଇଥିଲେ । ସେ ଏଲ୍‌ଜେପିର ପ୍ରମୋଦ କୁମାର ସିଂହଙ୍କୁ ୯ ହଜାର ୫୨୫ ଭୋଟରେ ପରାସ୍ତ କରିଥିଲେ ।୨୦୨୦ରେ ପୁଣି ଆରଜେଡିର ଦଖଲକୁ ଯାଇଥିଲା ରଫିଗଞ୍ଜ । ତେବେ ଏହି ଆସନରେ ପୂର୍ବ ୬ଟି ନିର୍ବାଚନରେ ନୀତିଶ ଓ ଲାଲୁଙ୍କ ଦଳ ହିଁ ବାଜିମାତ୍ କରିଛି । ତିନିଥର ଜେଡିୟୁ ଏବଂ ୩ଥର ଆରଜେଡି ପ୍ରାର୍ଥୀ ଜିତିଛନ୍ତି । ୨୦୨୦ ନିର୍ବାଚନରେ ଆରଜେଡିର ନେହାଲୁଦ୍ଦିନଙ୍କ ହ୍ୟାଟ୍ରିକ୍ ବିଜୟ ହୋଇଥିଲା ।

### ବୀମା ପାଇଁ ବିବାହ...

ରାଉତକୁ ଆଉ ତ୍ରାହି ନାହିଁ...ଗୋଟିଏ ସ୍ତ୍ରୀକୁ କୋଟିଏ ପାଇଁ ହତ୍ୟା କରି ଦୁର୍ଘଟଣାର ଦେଇଥିଲା କି ରୂପ ? ଆଉ ଗୋଟିଏ ସ୍ତ୍ରୀକୁ ବି ସେହି କୋଟିଏ ଟଙ୍କାର ଲୋଭରେ ତଣ୍ଟି ଚିପି କରିଥିଲା କି ହତ୍ୟା ? ବଢୁଛି ଗୋଟିଏ ପରେ ଗୋଟିଏ ଅଭିଯୋଗ, ଖୋଲୁଛି କିଲର୍ ଦୀପକର କ୍ରାଇମ୍ ଷ୍ଟୋରୀ। ଏ ହେଉଛନ୍ତି ମୃତ ପ୍ରଥମ ପତ୍ନୀ ରାଜସ୍ୱ ନିରୀକ୍ଷକ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କ ଭଉଣୀ ରୋଜାଲିନ୍। ୨୦୨୨, ମାର୍ଚ୍ଚ ୧୭ରେ ଅପର୍ଣ୍ଣାଙ୍କ ମୃତ୍ୟୁ ପଛରେ ଯେଉଁ ଦୁର୍ଘଟଣାର ରୂପ ଦିଆଯାଇଥିଲା ତାହା ନାଟକ ବୋଲି ରୋଜାଲିନ୍ କହିଛନ୍ତି। ତେଣୁ ମାମଲାର ରି ଓପନ୍ ସହ ଖୁଣ୍ଟୁଣୀ ଥାନା ରାଧାକିଶୋରପୁର ନିକଟରେ କ'ଣ ଘଟିଥିଲା, ତାହାର ତଦନ୍ତ କରି ନ୍ୟାୟ ଦାବି କରିଛନ୍ତି। ବୀମା ପାଇଁ ବିବାହ...ଟଙ୍କା ହଡ଼ପ ପାଇଁ ହତ୍ୟା...ଚାକିରିରୁ ନିଲମ୍ବିତ କନେଷ୍ଟବଳ ତଥା ସିପି ଅଫିସର କିରାଣୀ ଦୀପକ ରାଉତ ପ୍ରଥମ ପତ୍ନୀ ଅପର୍ଣ୍ଣାଙ୍କ ମୃତ୍ୟୁ ପରେ ପାଇଥିଲା କୋଟିଏ ୨୦ ଲକ୍ଷ ଟଙ୍କା।

# ୪୮ ଘଣ୍ଟା ପରେ ଭାଙ୍ଗିଲା ପ୍ରଶାସନର ନିଦ: ପ୍ରତିଶ୍ରୁତି ପରେ ଧାରଣାରୁ ଓହରିଲା କୃଷକମଞ୍ଚ



ନୀଳଗିରି , ୧୯/୯ (ନି.ପ୍ର): ନୀଳଗିରି ବଉଳଗଡିଆ ରାସ୍ତାର ଦୂରାବସ୍ଥା ପାଇଁ ଗୁରୁବାର ଦିନ ସକାଳ ୯ଘଟିକା ଠାରୁ ନୀଳଗିରି କୃଷକମଞ୍ଚ ତରଫରୁ ଅହୋରାତ୍ର ଗଣଧାରଣା ସହିତ ରାସ୍ତାରୋକ କରାଯାଇଥିଲା। ପ୍ରଥମଦିନ ସ୍ଥାନୀୟ ପ୍ରଶାସନ ତରଫରୁ କୌଣସି ଅଧିକାରୀ ଧାରଣାସ୍ଥଳରେ ପହଞ୍ଚିଥିବା ବେଳେ ରାସ୍ତାରୋକ ସହ ଧାରଣା ଜାରି ରହିଥିଲା। ଦ୍ୱିତୀୟଦିବସର ଧାରଣା ଜାରି ରହିଥିବା ବେଳେ ଦିନ ପ୍ରାୟ ୧.୩୦ସମୟରେ ଉପଜିଲ୍ଲାପାଳ ନୀଳଗିରି ଏବଂ ପୂର୍ତ୍ତବିଭାଗ ଯନ୍ତ୍ରୀ ବାଉଁଶବଣିଆ ଧାରଣା ସ୍ଥଳରେ ପହଞ୍ଚି ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୧୫ଦିନ ମଧ୍ୟରେ ରାସ୍ତାର ଅସ୍ଥାୟୀ ମରାମତି କରାଯିବା ସହିତ ୨ମାସ ମଧ୍ୟରେ ନୂତନ ରାସ୍ତାନିର୍ମାଣ କରାଯିବାର ପ୍ରତିଶ୍ରୁତି ଦେଇଥିଲେ ।ସୂଚନା ଅନୁଯାୟୀ ନୀଳଗିରି କୃଷକମଞ୍ଚ ତରଫରୁ ନୀଳଗିରି ବଉଳଗଡିଆ ରାସ୍ତାର ବାଉଁଶବଣିଆ ଛକ ଏବଂ ସନ୍ତରାଗଡିଆ ଛକଠାରେ ଅନିର୍ଦ୍ଦିଷ୍ଟ ସମୟ ପାଇଁ ରାସ୍ତାରୋକ କରାଯାଇ ନୀଳଗିରି ବଉଳଗଡିଆ ରାସ୍ତାର ଦୂରାବସ୍ଥାର ମୁଖ୍ୟ ପ୍ରତିବନ୍ଧକ ସାଜିଥିବା କୁଳଡିହା ବନବିଭାଗର କଟକଣା ହଟାଇବା ସହିତ ଇକୋସେନସ୍ଟିଭ୍ ଉଚ୍ଛେଦ , ରାସ୍ତାକୁ ପେଚପକା କାମନକରି ସମ୍ପୂର୍ଣ୍ଣ ପ୍ରଶସ୍ତିକରଣ ଏବଂ ନବୀକରଣ ସହ ପିଚୁ କିମ୍ବା କଂକ୍ରିଟ କରିବାକୁ ଦାବୀ ରଖାଯାଇଥିଲା। ଏତଦଭିନ୍ନ ପାହାଡସୀମାରେ ସୌରବାଡ ନିର୍ମାଣ ପାଇଁ ଆସିଥିବା ଅର୍ଥ ବାଲେଶ୍ୱର ଡିଏଫଓଙ୍କ ଠାରେ ପଡିରହିଥିବା ଜମାଟଙ୍କାକୁ କୁଳଡିହା ରେଞ୍ଜରଙ୍କ ମାଧ୍ୟମରେ କାର୍ଯ୍ୟକରିବା, ୨୦୨୦ମସିହାରୁ ଉଚ୍ଚନ୍ୟାୟାଳୟରେ ବିଚାରାଧୀନ କୁଳଡିହା ଅଭୟାରଣ୍ୟର ସଠିକ୍ ସୀମା ନିର୍ଦ୍ଧାରଣ, ଇକୋସେନସ୍ଟିଭ ପ୍ରତ୍ୟାହାର, ସଂପୃକ୍ତ ଅଂଚଳରେ ସରକାରୀ ଅର୍ଥରେ ନିର୍ମାଣାଧୀନ ପ୍ରକଳ୍ପ ଉପରେ ଜଙ୍ଗଲ ବିଭାଗର ସ୍ଥଗିତ ଆଦେଶ ପ୍ରତ୍ୟାହାର ସହ ପ୍ରକଳ୍ପର ପୁନଃନିର୍ମାଣ, ଅଭୟାରଣ୍ୟ ଅଞ୍ଚଳରେ ଉଚ୍ଚନ୍ୟାୟାଳୟ ଦେଇଥିବା ଜନଶୁଣାଣି ପାଇଁ ମୁଖ୍ୟମନ୍ତ୍ରୀ ମହୋଦୟ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେବାପାଇଁ ଦାବୀକରି ଏହି ରାସ୍ତାରୋକ କରାଯାଇଥିଲା। ଫଳରେ ରାସ୍ତାର ଉଭୟପାର୍ଶ୍ୱରେ ଶହଶହ ଗାଡି, ମଟର, ପର୍ଯ୍ୟଟକଙ୍କ ଗାଡି ଅଟକରହିଥିବା ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ ।ମଞ୍ଚକୁ ସମର୍ଥନ ଜଣାଇ ବିଜେଡିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ପ୍ରମୁଖ ବହୁ ରାଜନେତା ସମର୍ଥନ ଜଣାଇଥିବା ବେଳେ ନୀଳଗିରିର ବରିଷ୍ଠ ସିପିଆଇ ନେତା ତଥା କୃଷକମଞ୍ଚର ଉପଦେଷ୍ଟା ନିରଞ୍ଜନ ବାରିକ, ସିପିଆଇ ଅଞ୍ଚଳ ସମ୍ପାଦକ ବିଜୟ ସ, ଅନିରୁଦ୍ଧ ବେହେରା, ହରେକୃଷ୍ଣ ପଣ୍ଡିତ, ନିରଞ୍ଜନ ଜେନା, ରାଧାଶ୍ୟାମ ଦାସ, ପ୍ରକାଶ ଚୌଧୁରୀ, ସାବିତ୍ରୀ ପଣ୍ଡା, ବାସନ୍ତୀ ନାୟକ, ଜୟନ୍ତ ମହାପାତ୍ର, ରବୀନ୍ଦ୍ର ନାୟକ, ଜୟନ୍ତୀ ମହାପାତ୍ର, ନିରଞ୍ଜନ ପଣ୍ଡିତ, ସୋମନାଥ ବେହେରା ପ୍ରମୁଖ ବାଉଁଶବଣିଆ ଛକଠାରେ ନେତୃତ୍ୱ ନେଇଥିବା ବେଳେ ଅନୁରୁପଭାବେ ସନ୍ତରାଗଡିଆ ଛକଠାରେ ସୀତାରାମ ଦାସଙ୍କ ନେତୃତ୍ୱରେ କୃଷକମଞ୍ଚର ଉପସଭାପତି ଉମାକାନ୍ତ ମଲ୍ଲିକ, ସମ୍ପାଦକ ନିହାରରଞ୍ଜନ ଜେନା, ଯୋଗେଶ୍ୱର ବେହେରା, କମଳାକାନ୍ତ ବାରିକ, ଲେଲିନ ଦେ ପ୍ରମୁଖ ଶହଶହ ନେତୃବର୍ଗ ଏହି ଧାରଣା ଏବଂ ରାସ୍ତାରୋକରେ ସାମିଲରହି ସମସ୍ୟାର ସ୍ଥାୟୀ ସମାଧାନ ପର୍ଯ୍ୟନ୍ତ ଅହୋରାତ୍ର ଧାରଣା ଏବଂ ରାସ୍ତାରୋକ ଜାରିରହିବ ବୋଲି ଚେତାବନୀ ଦେଇଥିଲେ। ପ୍ରଶାସନର ପ୍ରତିଶୃତି ପରେ ରାସ୍ତାରୋକ ହଟିଥିବା ବେଳେ ସରକାର ତଥା ପ୍ରଶାସନ ଦେଇଥିବା ପ୍ରତିଶୃତି ପାଳନ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି।

# ବିବାଦମୁକ୍ତ ଗ୍ରାମପଂଚାୟତ ଗଠନରେ ଲାଗିଛନ୍ତି 'ମମତା'



ଉଦଳା , ୧୯/୯ (ନି.ପ୍ର): ବିବାଦମୁକ୍ତ ଗ୍ରାମପଂଚାୟତ ଗଠନ ପାଇଁ ରାଣିବନ୍ଧର ସରପଂଚ ମମତା ଖଟୁଆ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି । ରାଣିବନ୍ଧ ପଂଚାୟତଟି ମୟୂରଭଂଜ ଜିଲ୍ଲାର ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ଅଟେ । ପଂଚାୟତରେ ଦେଖାଯାଉଥିବା ଛୋଟ ବଡ଼ ବିବାଦଗୁଡ଼ିକୁ ଉଭୟ ପକ୍ଷର ବୁଝାମଣା ଭିତରେ ସମାଧାନ କରିଦେବାକୁ ଉଦ୍ୟମ କରି ସରପଂଚ ମମତା ବହୁ ମାତ୍ରାରେ ସଫଳ ହୋଇପାରିଛନ୍ତି । ଏଥିପାଇଁ ସରପଂଚ ମମତାଙ୍କର ପ୍ରଶଂସା ବିଭିନ୍ନ ମହଲରେ ଶୁଣିବାକୁ ମିଳୁଛି । ଏ ବାବଦରେ ସିଧାସଳଖ ମମତାଙ୍କୁ ପଚାରିବାରୁ ସେ କହିଲେ ଅତିତରେ ମୟୂରଭଂଜର ମହାରାଜା ଶ୍ରୀରାମଚନ୍ଦ୍ର ବିବାଦମୁକ୍ତ ଗ୍ରାମ ଗଠନ ପାଇଁ ଉଦ୍ୟମ ଚଳାଇଥିଲେ । ଗ୍ରାମଟି ବିବାଦମୁକ୍ତ ହେଲେ ସବୁ ପ୍ରକାର ଉନ୍ନତିମୂଳକ କାମ କରିବା ସହଜ ହେବା ସହିତ ପ୍ରଜାମାନେ ଆନନ୍ଦନରେ ଦିନ ବିତାଇବେ ଏକଥା ମହାରାଜା ବେଶ ଭଲଭାବରେ ବୁଝିଥିଲେ । ମହାରାଜାଙ୍କର ଏହି ସ୍ୱପ୍ନକୁ ସାକାର ରୂପ ଦେବା ପାଇଁ ସରପଂଚ ମମତା ଏପରି ଏକ ଉଦ୍ୟମ ଚଳାଇଥିବାର ଜଣାଇଛନ୍ତି । ତେବେ ପଂଚାୟତରେ ଦେଖାଯାଉଥିବା କିପ୍ରକାର ବିବାଦ ଆପଣ ସମାଧାନ କରିଛନ୍ତି କୁହନ୍ତୁ ବୋଲି ପଚାରିବାରୁ ଉତରରେ ମମତା କହିଲେ ବାଲ୍ୟବିବାହ ଜନିତ ଗଣ୍ଡଗୋଳ, ସ୍ୱାମୀ ସ୍ତ୍ରୀ ମଧ୍ୟରେ ଝଗଡ଼ା, ଜମିବାଡ଼ି ଭାଗବଂଟାକୁ ନେଇ ଉପୁଜୁଥିବା କଳହ ଇତ୍ୟାଦିର ସେ ସମାଧାନ କରିବାରେ ସକ୍ଷମ ହୋଇପାରିଥିବାର କଥା କହିଛନ୍ତି । କେଉଁ ବିବାଦ ଓ କେତୋଟି ସମାଧାନ ହୋଇଛି ପଚାରିବାରୁ ମମତା କହିଲେ ଏହାର ବିଧିବଦ୍ଧ ରେକର୍ଡ଼ ରଖାଯାଇନାହିଁ, ତେବେ ଆନୁମାନିକ ଏପର୍ଯ୍ୟନ୍ତ ପ୍ରାୟ ୨୨ଗୋଟି ବାଲ୍ୟବିବାହ ଜନିତ ଗଣ୍ଡଗୋଳ, ୧୫ ଗୋଟି ସ୍ୱାମୀସ୍ତ୍ରୀ ଝଗଡ଼ା ଓ ୬ ଗୋଟି ଜମିବାଡ଼ି ଭାଗବଂଟାକୁ ନେଇ ବିବାଦ ସେ ସମାଧାନ କରି ଉଭୟପକ୍ଷଙ୍କୁ ସନ୍ତୁଷ୍ଟ କରିପାରିଥିବାର ଜଣାଇଛନ୍ତି । ମମତାଙ୍କ ଏହି ଅଦାଲତ ପାଇଁ ଗ୍ରାମର ବିବାଦ ଥାନା ଓ କୋର୍ଟ କଚେରିକୁ ଆସେନାହିଁ । ତେବେ ବିବାଦ ଗୁଡ଼ିକର କେମିତି ବିଚାର କରନ୍ତି ଗୋଟିଏ ଅନୁଭବ ଶୁଣାନ୍ତୁ ବୋଲି ପଚାରିବାରୁ, ସେ ଅଳ୍ପ ବୟସର ପୁଅ ଝିଅ ବିବାହ ପାଇଁ ରାଜି ହେଲେ ଏହାକୁ କେନ୍ଦ୍ର କରି ଉଭୟ ପରିବାର ମଧ୍ୟରେ ବିବାଦ ଦେଖାଗଲା । ଏତିକି ବେଳେ ମମତା ଉଭୟ ପୁଅ ଝିଅଙ୍କୁ ଡ଼ାକି ତୁମର ବିବାହ ପାଇଁ ବୟସ ହୋଇନାହିଁ, ଏବେ ପାଠ ପଢ଼, ବୟସ ହୋଇଗଲେ ମୁଁ ତୁମର ବିବାହ କରିଦେବି ବୋଲି ବୁଝାନ୍ତି । ମମତାଙ୍କ କଥାରେ କି ପ୍ରକାର ଯାଦୁକରିଶକ୍ତି ରହିଛି କେଜାଣି ଏତିକିରେ ଉଭୟ ପୁଅ ଝିଅ ସବୁକିଛି ବୁଝି ଯାଆନ୍ତି । ଦୁଇ ପରିବାର ମଧ୍ୟରେ ଦେଖାଯାଉଥିବା ବିବାଦର ମଧ୍ୟ ଆପଣାଛାଏଁ ପୂର୍ଣ୍ଣଛେଦ ପଡ଼ିଯାଏ । ଏହା ମମତାଙ୍କ କଥାରେ ଥିବା ଯାଦୁକରି ଶକ୍ତିର ପ୍ରଭାବ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ବୁଝିବାରେ କିଛି ଅସୁବିଧା ହୁଏ ନାହିଁ । ମମତା ମୟୂରଭଂଜରେ ଥିବା କଳାବାଡ଼ିଆ ମହାବିଦ୍ୟାଳୟରୁ କଳାରେ +୨ ପାସ କରିଛନ୍ତି । ତାଙ୍କର ଏହିଗୁଣ ପାଇଁ ସମଗ୍ର ପଂଚାୟତରେ ରହିଛି ସ୍ୱତନ୍ତ୍ର ସମ୍ମାନ । ଦିନକୁ ଦିନ ନିଶାଗ୍ରସ୍ତ ଲୋକଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଥିବାରୁ ପଂଚାୟତର ପ୍ରଗତିରେ ଏହା ମୁଖ୍ୟ ପ୍ରତିବନ୍ଧକ ସାଜିଛି ବୋଲି ସେ କହିଛନ୍ତି । ସେହିପରି କୌଣସି କାମଧନ୍ଦା ନପାଇ ବହୁ ଲୋକ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି ଏହା ଆମ ପଂଚାୟତର ସବୁଠାରୁ ବଡ଼ ଦୁଃଖ ବୋଲି ଜଣାଇଛନ୍ତି । ଏପରିକି ଗ୍ରାମପଂଚାୟତ କାର୍ଯ୍ୟାଳୟରେ ପାନୀୟ ଜଳର ସମସ୍ୟା ଦିର୍ଘ ବର୍ଷ ଧରି ଲାଗିରହିଥିଲା । ମୁଁ ସରପଂଚ ହେବା ପରେ ଏହାର ସ୍ଥାୟୀ ସମାଧାନ କରିପାରିଛି । ଏହା ମୋ ସରପଂଚ କାର୍ଯ୍ୟକାଳର ସବୁଠାରୁ ବଡ଼କାମ ହୋଇଛି ବୋଲି ମମତା କହିଛନ୍ତି । କିଛିଦିନ ପୂର୍ବରୁ ଲୋକସଂଗଠନ ଜନଜାଗୃତି ମଂଚ ତରଫରୁ ଖୁଂଟା ଓ ଗୋପବନ୍ଧୁନଗର ବ୍ଲକର ସମସ୍ତ ସରପଂଚ ମାନଙ୍କୁ ଡ଼ିଜିଟାଲ ସାକ୍ଷରତା ବିଷୟରେ ତାଲିମ ଦିଆଯାଇଥିଲା ଏଥିରେ ମମତା ମଧ୍ୟ ଅଂଶ ଗ୍ରହଣ କରିଥିଲେ । ଏହି ତାଲିମ ସମ୍ପର୍କରେ ପଚାରିବାରୁ ଏହା ଖୁବ ଭଲ ଲାଗିଥିଲା, ଆମ କାର୍ଯ୍ୟକାଳର ଆରମ୍ଭରୁ ଏହି ତାଲିମ ଦିଆଯାଇଥିଲେ ଭଲ ହୋଇଥାନ୍ତା ବୋଲି ମମତା ମତ ଦେଇଛନ୍ତି । ମମତାଙ୍କ ବିବାଦମୁକ୍ତ ପଂଚାୟତ ଗଠନର ପ୍ରଭାବ ଏବେ ଅନ୍ୟ ପଂଚାୟତ ମାନଙ୍କରେ ଅନୁଭୂତ ହେଉଥିବାର କଥା ଚର୍ଚ୍ଚା ହେଉଛି । ପୂର୍ବରୁ ବାହ୍ୟମଳମୁକ୍ତ ଗ୍ରାମ, ନିଶାମୁକ୍ତ ଗ୍ରାମ ଇତ୍ୟାଦିର ସ୍ଲୋଗାନ ଶୁଣିବାକୁ ମିଳୁଥିବା ବେଳେ ବିବାଦମୁକ୍ତ ଗ୍ରାମର ସ୍ଲୋଗାନ ନୂଆକରି ଯୋଡ଼ି ହୋଇଯାଇଛି ।

# ବାବା ବୁଢ଼ା ଗଣେଶ ପୂଜା କମିଟି ପକ୍ଷରୁ ବନ୍ଧୁ ମିଳନ

ଭଦ୍ରକ, ୧୯/୯ (ନି.ପ୍ର):ଭଦ୍ରକ ପୌରାଂଚଳ ସଦାବର୍ତ ମଠ ପ୍ରାଙ୍ଗଣରେ ବାବା ବୁଢ଼ା ଗଣେଶ ପୂଜା କମିଟି ଦ୍ୱାରା 'ବନ୍ଧୁ ମିଳନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ବିଜୁ ଜନତା ଦଳର ରାଜ୍ୟ ବରିଷ୍ଠ ଉପ-ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଦ୍ରକ ପୌରାଧକ୍ଷା ଗୁଲମକ୍କି ହବିବ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ସହ ବିଭିନ୍ନ ସରକାରୀ ପଦାଧିକାରୀ, ବୁଦ୍ଧିଜୀବୀ ଓ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତିବର୍ଗ ଯୋଗଦେଇ ବାବା ବୁଢ଼ା ଗଣେଶଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ବହୁ ବର୍ଷ ଧରି ଏହି ପରମ୍ପରାକୁ ଜାରି ରଖିଥିବା ବାବା ବୁଢ଼ା ଗଣେଶ ପୂଜା କମିଟି, ପୁରୁଣାବଜାରର ଭାଇଚାରା, ସାମ୍ପ୍ରଦାୟିକ ସହଯୋଗ ଓ ଏକତାର ଅଦ୍ଭୁତ ପ୍ରତୀକ ବୋଲି କହିବା ସହ ଅତିଥିମାନେ କମିଟିର ସାମାଜିକ ପ୍ରୟାସକୁ ସ୍ୱାଗତ କରି ଶୁଭକାମନା ଓ ଶୁଭେଚ୍ଛା ଜଣାଇଥିଲେ। ଏହିପରି ପବିତ୍ର ପରମ୍ପରା ଆମର ସମାଜକୁ ସଦା ଏକତା, ସହଯୋଗ ଓ ପ୍ରଗତିର ପଥରେ ଆଗୁଆ କରିବ ବୋଲି କହିଥିଲେ। ଏହି ଅବସରରେ କେତେକ ବିଶିଷ୍ଟ ବ୍ୟକ୍ତି ଓ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରିଣୀଙ୍କୁ ଘେରିଲେ ଅଞ୍ଚଳବାସୀ

ଜଳେଶ୍ୱର, ୧୯/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ର ସାମାଜିକ ସୁରକ୍ଷା ଅଧିକାରିଣୀ ଙ୍କୁ ବିଭିନ୍ନ ଅଭିଯୋଗରେ ଘେରିଲେ ଆଜି ଅଞ୍ଚଳବାସୀ। ଦିନ ୧୨ ଟାରେ ବିଳମ୍ବରେ ବ୍ଲକ୍ କାର୍ଯ୍ୟାଳୟ ଆସିବା , ଦୁଇ ବର୍ଷ ଆଗରୁ ଆବେଦନ ହୋଇଥବା ବିକଳାଙ୍ଗ ଭତ୍ତା, ବିଧବା ଭତ୍ତା ଏବଂ ବୟସ୍କ ଭତ୍ତା କୁ ପାସ୍ ନ କରି ଟଙ୍କା ନେଇ ଦୁଇ ମାସ ଆଗରୁ ଆବେଦନ ହୋଇଥିବା ଭତ୍ତା କୁ ପାସ୍ କରିବା, ଇଣ୍ଟରକାଷ୍ଟ ବିବାହ ପ୍ରମାଣ ପତ୍ର ବାହାର ପାଇଁ ହିତାଧିକାରୀଙ୍କ ଠାରୁ ଟଙ୍କା ଡିମାଣ୍ଡ କରିବା କାର୍ଯ୍ୟାଳୟ କୁ ଆସିଥିବା ହିତାଧିକାରୀଙ୍କୁ ଦୁର୍ବ୍ୟବହାର କରିବା , ଅଫିସ୍ ବାହାନାରେ ବିଡିଓ ଙ୍କ ବିନା ଅବଗତିରେ ବାହାରେ ଆୟଜନ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ରେ ଅତିଥି ହେବା, ହିତାଧିକାରୀଙ୍କୁ ବାରମ୍ବାର କାର୍ଯ୍ୟ ବାହାନାରେ ହଇରାଣ କରିବା ଇତ୍ୟାଦି ବିଡିଓ ଙ୍କ ପାଖରେ ଅଭିଯୋଗ କରିବା ସହିତ ତୁରନ୍ତ ବଦଳି ପାଇଁ ଦାବୀ କରିଛନ୍ତି। ସୂଚନା ଅନୁସାରେ ଖୁଆଡ ପଂଚାୟତ ର ଖାନ୍ଦୀ ମୁର୍ମୁ ଙ୍କ ବୟସ (୬୮) ସେ ବିଧବା ଭତ୍ତା ପାଇଁ ୨୦୨୪ ମସିହା ଏପ୍ରିଲ ରେ ଆବେଦନ, ସୀତା ଟୁଡୁ (୫୫) ସେ ସ୍ୱାମୀ ପରିତ୍ୟକ୍ତାଆ ଭତ୍ତା ପାଇଁ ୨୦୨୪ ଏପ୍ରିଲ ରୁ ଆବେଦନ କରିଛନ୍ତି, ପଦ୍ମିନୀ ସୋରେନ୍ (୧୦) ବିକଳାଙ୍ଗ ଭତ୍ତା ପାଇଁ ସେ ଦୁଇ ବର୍ଷ ହେଲା ଆବେଦନ କରିଥିଲେ କିନ୍ତୁ ଆଜି ପର୍ଯ୍ୟନ୍ତ ଭତ୍ତା ମିଳିପାରିଲା ନାହିଁ। ଫଳରେ ଆଜି ଅଞ୍ଚଳ ବାସୀ କାଳୀଚରଣ ଦାସ୍,ସୁଜିତ ଦାସ୍, ରବୀନ୍ଦ୍ର ପ୍ରଧାନ, ସନତ ସାହୁ, ଅଜିତ୍ ବେହେରା ବହୁ ବ୍ୟକ୍ତି ବିଡିଓଙ୍କ ପାଖରେ ଅଭିଯୋଗ କରିଥିଲେ ।ଏ ନେଇ ଜଳେଶ୍ୱର ବିଧାୟକ ଅଶ୍ୱିନ କୁମାର୍ ପାତ୍ର ଆଜି ବିଧାନସଭା ରେ ଜଳେଶ୍ୱର ବ୍ଲକ୍ ରେ କମ ବୟସ ର ବ୍ୟକ୍ତି ମାନେ ବୟସ ର ପ୍ରମାଣ ପତ୍ର ଜାଲିଆତି କରି ଭତ୍ତା ନେଉଛନ୍ତି ବୋଲି ଜିଲ୍ଲାପାଳ ଙ୍କ ଅଭିଯୋଗ ଶୁଣାଣୀ ରେ ଅଭିଯୋଗ ହୋଇଛି ଏବଂ ଏହା ପାଇଁ ଉଚ୍ଚସ୍ତରୀୟ ତଦନ୍ତ ସହିତ ଭୋଟର ତାଲିକା ରେ ବୟସ ଯାଞ୍ଚ ,ବିଦ୍ୟାଳୟ ସାର୍ଟିଫିକେଟ ଯାଞ୍ଚ ପାଇଁ ପ୍ରଶ୍ନ କରିଥିଲେ ଏ ନେଇ ଉତ୍ତର ରେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ୍ ଗଣ୍ଡ ଅଭିଯୋଗ ହୋଇଥିବା କଥା ସତ୍ୟ ଏଂ ଏହାର ତଦନ୍ତ ପାଇଁ ଜଳେଶ୍ୱର ବିଡିଓ ଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ବିଏସ୍‌ପି ପକ୍ଷରୁ ପେରିୟାର ଜୟନ୍ତୀ ପାଳିତ

ବାଲେଶ୍ୱର, ୧୯/୯ (ନି.ପ୍ର): ବହୁଜନ ସମାଜପାର୍ଟି ପକ୍ଷରୁ ଗତ ୧୭ ତାରିଖ ସନ୍ଧ୍ୟା ୬ଟାରେ ବାଲେଶ୍ୱର ସ୍ଥିତ ଆମ୍ବେଦକର ଭବନଠାରେ ସାମାଜିକ ନ୍ୟାୟର ପିତା, ସମାଜ ସଂସ୍କାରକ ପେରିୟାର ଇ.ଭି. ରାମସ୍ୱାମୀ ନାୟକରଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ବିଏସ୍‌ପିର ବହୁ କର୍ମକର୍ତ୍ତା, ଛାତ୍ର, ଯୁବକ, ମହିଳା ଓ ଆମ୍ବେଦକରବାଦୀ ଯୋଗ ଦେଇ ପେରିୟାରଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରି ନିମ୍ନଲିଖିତ ବକ୍ତବ୍ୟମାନ ରଖିଥିଲେ। ପେରିୟାର ୧୭ ସେପ୍ଟେମ୍ବର ୧୮୭୯ ମସିହା ତାମିଲନାଡୁର ଏକ 'ତେଲି' ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପୁରାନାମ 'ଇରୋଡ଼ ଭେଙ୍କଟାପ୍ପା ରାମସ୍ୱାମୀ ନାୟକର' ଓ ସେ 'ପେରିୟାର' ନାମରେ ବିଖ୍ୟାତ। ସେ ଜଣେ ରାଜନେତା ସହିତ 'ଆତ୍ମ ସମ୍ମାନ ଆନ୍ଦୋଳନ' ସଂଗଠନର ସ୍ରଷ୍ଟା ଥିଲେ। ସେ ଭାଗ୍ୟ ଭଗବାନରେ ବିଶ୍ୱାସ କରୁନଥିଲେ। ଜାତିପ୍ରଥାର ଉଚ୍ଛେଦ କରି ସମତାମୂଳକ ସମାଜ ଗଠନ କରିବାରେ ସେ ବିଶ୍ୱାସ କରୁଥିଲେ ଓ କାର୍ଯ୍ୟ ମଧ୍ୟ କରୁଥିଲେ। ଶିକ୍ଷାର ପ୍ରସାର, ଅସ୍ପୃଶ୍ୟତା ଦୂରୀକରଣ, ନାରୀ ଅଧିକାର ଓ ପରମ୍ପରା ନାମରେ ସମାଜରୁ ଅନ୍ଧବିଶ୍ୱାସ ଦୂରୀକରଣ ଦିଗରେ ତାଙ୍କର ଅବଦାନ ଅତୁଳନୀୟ। ତାଙ୍କ ସମ୍ମାନରେ ଭାରତ ସରକାର ୧୯୭୮ରେ ଡାକଟିକଟ ପ୍ରଚଳନ କରିଥିଲେ। ସଭାସ୍ଥଳ ଉପସ୍ଥିତ ଜନତାଙ୍କ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। "ଆପଣଙ୍କ ଅବଦାନ ବହୁଜନ ସମାଜ କେବେ ଭୁଲି ନାହିଁ କି ଭୁଲିବ ନାହିଁ। ବହୁଜନ ସମାଜ ତୁମକୁ ଜଣାଏ ନୀଳ ସଲାମ୍। ପେରିୟାର ଅମର ରହେ। ପେରିୟାର ଆମେ ତୁମକୁ ଜଣାଉ କୋଟି ପ୍ରଣାମ।"

# ମୋ ଭାରତ ଯୁବ କେନ୍ଦ୍ର ଦ୍ୱାରା ପ୍ରଧାନମନ୍ତ୍ରୀ ଜନ୍ମ ଦିବସରେ ବିକାଶ ଦିବସ ଓ ଏକ ପେଡ ମା କି ନାମରେ କାର୍ଯ୍ୟକ୍ରମ ଅନୁଷ୍ଠିତ




ବାଲେଶ୍ୱର , ୧୯/୯ (ନି.ପ୍ର): ଜିଲ୍ଲା କାରାଗାର ଓ କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟ ବାଲେଶ୍ୱର ରେ ବିକାଶ ଦିବସ ଏକ ପେଡ ମା କି ନାମ ରେ କାର୍ଯ୍ୟକ୍ରମ ଏମ ବିଗ୍ନେଶ ତତ୍ତ୍ୱାବଧାନ ରେ ମୋ ଯୁବ ଭାରତ କେନ୍ଦ୍ର ଓ ଉତ୍କଳା କଲଚୁରାଲ ଏକାଡେମୀ ସହଯୋଗ ରେ ଅନୁଷ୍ଠିତ ହୋଇ ଯାଇଛି. ଉକ୍ତ ସଭା ରେ କୁନ୍ତଳା କୁମାରୀ ବିଦ୍ୟାଳୟ ର ପ୍ରଧାନ ଅଧକ୍ଷା ଡ଼ା.ଝାନ୍ସୀ ଜେନା ମା ପାଇଁ ଗଛ ଟିଏ ଲଗାଇ ଶୁଭାରମ୍ଭ କରିଥିବା ବେଳେ, ଅନ୍ୟତମ ଅତିଥି ଭାବେ କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟ ର ସମର ଶିକ୍ଷା ବାହିନୀ ର ଅଧକ୍ଷା ଡ଼ା. ଅର୍ଚ୍ଚନା ପୋଟା ଯତ ବିକାଶ ଦିବସ ଉପରେ ପିଲା ମାନଂକୁ ଉଦ୍‌ବୋଧନ ଦେଇଥିଲେ, ଜିଲ୍ଲା ମୁଖ୍ୟ ଅଧିକାରିଣୀ ସୁଚିତ୍ରା ଦାସ ବୃକ୍ଷ ର ମହତ୍ୱ ସମ୍ପର୍କ ରେ ବ୍ୟାଖ୍ୟା କରି ବୃକ୍ଷ ରପଣ କରିଥିଲେ, ଅନ୍ୟ ତମ ଅତିଥି ଭାବେ ଜିଲ୍ଲା କାରାଗାର ଜେଲର ପ୍ରଦୀପ୍ତ କୁମାର ମହାଳିକ ବୃକ୍ଷ ରପଣ କରି ଥିଲେ ଇତି ଅବସରରେ ଅନ୍ୟତମ ଅତିଥି (କୃଷ୍ଣୟବଙ୍କବ) ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅବନୀ କାନ୍ତ ଭୂୟାଁ ପହଂଚି ଗଛ ଟିଏ ନିଜ ମା ପାଇଁ ଲଗାଇ ଖୁସି ଅନୁଭବ କରିଥିଲେ ତତ ସହିତ ଜିଲ୍ଲା କାରାଗାର ୱେଲଫେୟର ଅଫିସର ଜୟରାମ ମେହେର ମଧ୍ୟ ଗଛ ଲଗାଇ ଗଛ ଟିର କିପରି ଯତ୍ନ ନେବା ସହ ସେ ବିଷୟରେ ଆଲୋକପାତ କରି ଗଛଟିଏ ଲଗାଇ ଥିଲେ। ପରିଶେଷରେ ଉତ୍କଳା କଲଚୁରାଲ ଅଧକ୍ଷ ତଥା ମୋ ଯୁବ ଭାରତ କେନ୍ଦ୍ର ର ସ୍ୱେଚ୍ଛାସେବୀ ବିକ୍ରମ ବାରିକ ଧନ୍ୟବାଦ ଅର୍ପଣ କରି ସଭା କାର୍ଯ୍ୟକ୍ରମ ଶେଷ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା କାରାଗାର ରେ ବିଭିନ୍ନ କର୍ମକର୍ତ୍ତା ହାବିଲଦାର ଏବଂ ଅନ୍ୟ କର୍ମ କର୍ତ୍ତା ସହ ଉତ୍କଳା କଲଚୁରାଲ ଏକାଡେମୀ ର ଜଗତ ଜୀବନ ମହାଳିକ, ଏବଂ ଅନ୍ୟ କର୍ମ କର୍ତ୍ତା ଉପସ୍ଥିତ ଥିଲେ।

# ଅଭ୍ରକାନ୍ତା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସାହିତ୍ୟ ଉତ୍ସବ



ବାସୁଦେବପୁର, ୧୯/୯ (ନି.ପ୍ର): ରାଜ୍ୟ ସ୍ତରୀୟ ଅଭ୍ରକାନ୍ତା ଚାରିଟେବୁଲ ଟ୍ରଷ୍ଟ, ଭୁବନେଶ୍ୱର, ଓଡ଼ିଶା ଆନୁକୂଲ୍ୟରେ ଅଭ୍ରକାନ୍ତାଙ୍କ ଜନ୍ମମାଟି ବେତଡା, ଭଦ୍ରକ ସ୍ଥିତ ସ୍ମୃତି ପୀଠ ଜୀବନଧନ ନିକଟରେ ଏକ ସ୍ୱତନ୍ତ୍ର ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ଓ କବି ସୁଦର୍ଶନ ଅଗସ୍ତି ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଆଧାତ୍ମିକ ପ୍ରବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗ ଦେଇ ଥିଲା ବେଳେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସୁବର୍ଣ୍ଣଶ୍ରୀ ସାହିତ୍ୟ ପତ୍ରିକାର ସମ୍ପାଦକ ଓ ପୁସ୍ତକ ପ୍ରକାଶକ କବି କାଳୀପଦ ପଣ୍ଡା, କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସ, ସାହିତ୍ୟିକ ସୁଧାଂଶୁ ଶେଖର ମିଶ୍ର, କବି ଓ ସାମ୍ବାଦିକ ଭରତ ଚନ୍ଦ୍ର ଦାଶ, କବି ଆତ୍ମାନନ୍ଦ ଦାସ ବାବାଜୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସାହିତ୍ୟର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ ଏବଂ ଏହି ଟ୍ରଷ୍ଟ ପକ୍ଷରୁ ପ୍ରକାଶିତ ହେବାକୁ ଥିବା ସ୍ମୃତି ପୁସ୍ତିକା ଗେହ୍ଲା ପାଇଁ ପଦୁଟିଏ ଲେଖିବାକୁ ସମସ୍ତଙ୍କୁ ସୂଚନା ପ୍ରଦାନ କରିଥିଲେ। ଟ୍ରଷ୍ଟର ସଭାପତି ଗୌତମ କୁମାର ଚନ୍ଦ ତାଙ୍କ ବକ୍ତବ୍ୟରେ କହିଲେଯେ ଏହି ଟ୍ରଷ୍ଟ ଅସହାୟ ବ୍ୟକ୍ତି, ବିଦ୍ୟାର୍ଥୀ, ଆର୍ଥିକ ଅନଗ୍ରସର, ମୃତ ବ୍ୟକ୍ତିଙ୍କ ପାଇଁ କାଠ ଖଣ୍ଡେ ମାଟି ମୁଠେ, କନ୍ୟା ରତ୍ନ ଶିକ୍ଷା ଯୋଜନା ଓ ବୃଦ୍ଧା ଶ୍ରମକୁ ସହାୟତା କରିଛି ଓ ଆଗାମୀ ଦିନରେ ଭବିଷ୍ୟତରେ ସହାୟତା କରିବ । ଏହି ଟ୍ରଷ୍ଟର ସ୍ମୃତି କମିଟି ଅଧ୍ୟକ୍ଷ ତଥା ବାଇ ଚଢ଼େଇ ପତ୍ରିକାର ସମ୍ପାଦକ କବି ବିକାଶ କୁମାର ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବରିଷ୍ଠ ସଦସ୍ୟ କବି ସଦାନନ୍ଦ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ କବି ଶଶାଙ୍କ ଶେଖର ସାହୁ, ମନ୍ମଥ ଅଗସ୍ତି, ଭାଗୀରଥି ସ୍ୱାଇଁ, ଭଗବାନ ମିଶ୍ର, ଶାନ୍ତିଲତା ପଣ୍ଡା, ଅନିତା ପଣ୍ଡା ପ୍ରମୁଖ ମୃତ୍ୟୁ ଚେତନାର ବାର୍ତ୍ତା ରଖିଥିଲେ। ଶେଷରେ ଟ୍ରଷ୍ଟର ସଭାପତି ଗୌତମ କୁମାର ଚନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ଗୌତମ ଚନ୍ଦଙ୍କ ଧର୍ମପତ୍ନୀ ପ୍ରଦୀପା ଚନ୍ଦ ଓ ସମ୍ପର୍କୀୟ ଯୋଗ ଦେଇଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ବୃକ୍ଷରୋପଣ ଓ ଫଳ ବଣ୍ଟନ

ବାସୁଦେବପୁର, ୧୯/୯ (ନି.ପ୍ର): ଭାରତ ବର୍ଷର ଆଦରଣୀୟ ପ୍ରଧାନମନ୍ତ୍ରୀ ମାନନୀୟ ନରେନ୍ଦ୍ର ମୋଦି ଙ୍କ ୭୫ ତମ ଜୟନ୍ତୀ ଅବସରରେ ବାସୁଦେବପୁରର ଭାରତୀୟ ଜନତା ପାର୍ଟି ପକ୍ଷରୁ ବୃକ୍ଷ ରୋପଣ, ଫଳ ବଣ୍ଟନ ଓ ସମୂହ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ମନ୍ଦାରି କଲେଜ, ଅଟଳ ବିହାରୀ ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଭୃତି ବିଭିନ୍ନ ଶିକ୍ଷା ଅନୁଷ୍ଠାନ ମାନଙ୍କରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହା ବ୍ୟତୀତ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କରା ଯାଇଥିଲା। ଏହା ବ୍ୟତୀତ ରାଧା ବଲ୍ଲଭପୁର ମା ବୁଢ଼ୀ ମଙ୍ଗଳା,ସୁଦର୍ଶନପୁର ମା ସିଦ୍ଧେଶ୍ୱରୀ ଠାକୁରାଣୀ, ଚୂଡ଼ାମଣିର ବାବା କ୍ଷେମେଶ୍ୱର୍ ପୀଠ ଓ ବିନାୟକପୁର ର ମା ଆଙ୍କୁଡେଶ୍ୱରି ପୀଠ ରେ ଦୀପ ଦାନ କରା ଯାଇଛି। ବିଜେପି ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ ଙ୍କ ନେତୃତ୍ୱରେ ପାରିଷଦ ଜଗବନ୍ଧୁ ଦାସ, ଯୁବ କର୍ମୀ ମହେଶ୍ୱର ଧଳ, ଆନନ୍ଦ ଶଙ୍କର ଦାସ, ରାଜେନ୍ଦ୍ର କୁମାର ବାରିକ୍, ଦୀପକ ନାୟକ, ରମାକାନ୍ତ ସେଠୀ, ବିଜୟ ମିଶ୍ର, ବିଘ୍ନାଧର ଭାଇ,ନିର୍ମଳ ଭାଇ, ମାନସ ଦାସ, ପ୍ରତାପ ପଲାଇ, ଅମୂଲ୍ୟ ମଲିକ, ପ୍ରିୟ ରଞ୍ଜନ ପୁହାଣ, ଶ୍ରୀକାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଭାବରେ ବାସୁଦେବପୁର ସହରରେ ଥିବା ବାବା ପ୍ରସନ୍ନ ଦେବ ମନ୍ଦିରରେ ବିଧାନ ସଭା ନେତା ବାଣୀ କଲ୍ୟାଣ ମହାନ୍ତି ଙ୍କ ନେତୃତ୍ୱରେ ସାମିଲ ହୋଇ ସମସ୍ତେ ଦୀପ ଦାନ କରିଥିଲେ। ଯୁବ ନେତା ଅଶୋକ କୁମାର ସାହୁ, ଡାକ୍ତର ଉମାକାନ୍ତ ଖୁଣ୍ଟିଆ, ଜିଲ୍ଲା କୋଷାଧ୍ୟକ୍ଷ ଜୟ ପ୍ରକାଶ ମଲ୍ଲିକ,ମଣ୍ଡଳ ସଭାପତି ଆଶୁତୋଷ ସାମଲ, ମଧୁସୂଦନ ପାଢ଼ୀ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ ଏବଂ ଲୋକପ୍ରିୟ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ଦୀର୍ଘ ଜୀବନ କାମନା କରିଥିଲେ।

# କେନ୍ଦ୍ରୀୟ ୟୁନିସେଫ ଅଧିକାରୀଙ୍କ ଖଇରବଣି ଆଶ୍ରମ ବିଦ୍ୟାଳୟ ପରିଦର୍ଶନ

ବୈଶିଙ୍ଗା , ୧୯/୯ (ନି.ପ୍ର): ପଶିକ୍ଷାର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଶିକ୍ଷା ବିଶେଷଜ୍ଞ ୟୁନିସେଫ ର ସୁନିଶା ଆହୁଜା, ନୂଆଦିଲ୍ଲୀ,- ଶିକ୍ଷା ବିଶେଷଜ୍ଞ, ୟୁନିସେଫ, ଓଡିଶା ର ଲଳିତା ପଟ୍ଟନାୟକ ଓ ତାଙ୍କର ଟିମ ଶୁକ୍ରବାର ଖଇରବଣି ଆଶ୍ରମ ବିଦ୍ୟାଳୟ ପରିଦର୍ଶନ ରେ ଆସି ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ, ନିପୁଣ ଓଡିଶା କାର୍ଯ୍ୟକ୍ରମ ତଥା ଅନ୍ୟାନ୍ୟ ସହ ଶୈକ୍ଷିକ କାର୍ଯ୍ୟକ୍ରମ ପର୍ଯ୍ୟବେକ୍ଷଣ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ସହ ଶ୍ରେଣୀଗୃହରେ ପାଠପଢା ସହିତ ସେମାନଙ୍କର ଛାତ୍ରବାସ ର ସୁବିଧା ସୁଯୋଗ ବିଷୟରେ ପଚାରି ବୁଝିଥିଲେ । ବିଦ୍ୟାଳୟ ତଥା ଛାତ୍ରାବାସ ପରିଚାଳନା ରେ ଆସୁଥିବା ଆହ୍ୱାନ ଗୁଡିକ ବିଷୟରେ ପ୍ରଧାନ ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନଙ୍କର ମତାମତ ସଂଗ୍ରହ



କରିଥିଲେ । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କର ମୌଳିକ ସୁବିଧା ସୁଯୋଗ ଗୁଡିକ ଦେଖି ସନ୍ତୋଷ ବ୍ୟକ୍ତ କରିଥିଲେ । ବିଦ୍ୟାଳୟ ର ଛାତ୍ରୀନିବାସ, ପାଠାଗାର, ପଠନ କକ୍ଷ, ଶିକ୍ଷଣ ସାମଗ୍ରୀ କକ୍ଷ ତଥା ସାମଗ୍ରିକ ପରିବେଶ ଓ ପରିମଳ ବ୍ୟବସ୍ଥା ଦେଖି ପ୍ରଶଂସା କରିଥିଲେ। ବିଦ୍ୟାଳୟର କୁନିକୁନି ପିଲାମାନଙ୍କ ସହ ସମୟ ଅତିବାହିତ କରି ଅତ୍ୟନ୍ତ ଖୁସି ହୋଇଥିଲେ। ଏହି ଗସ୍ତ ସମୟ ରେ ସମଗ୍ର ଶିକ୍ଷା ର ଜିଲ୍ଲା ଆଦିବାସୀ ସଂଯୋଜକ ସପନ କୁମାର ପୃଷ୍ଟି ଓ ୟୁନିସେଫ ର ଜିଲ୍ଲା କାର୍ଯ୍ୟକ୍ରମ ସାଂଯୋଜକ ପ୍ରକାଶ ବାରିକ ଉପସ୍ଥିତ ଥିଲେ । ପରିଦର୍ଶନ ସମୟରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ ।

# ସ୍ତ୍ରୀଙ୍କୁ ହତ୍ୟା କରି ଥାନାରେ ହାଜର ହେଲେ ଅଭିଯୁକ୍ତ ସ୍ୱାମୀ

ଜଳେଶ୍ୱର , ୧୯/୯ (ନି.ପ୍ର): ରାଇବଣିଆ ଅଞ୍ଚଳରେ ଚାଞ୍ଚଲ୍ୟ ଘଟଣା। ସ୍ତ୍ରୀ କୁ ବିଭତ୍ସ ଭାବେ ହତ୍ୟା କଲା ସ୍ୱାମୀ। ପରକ୍ରିୟା ପ୍ରିତି ର କରୁଣ ପରିଣତି।ରାତି ରେ ଶୋଇଥିବା ବେଳେ ସ୍ତ୍ରୀର ବେକ କୁ ହାଣି ଶରୀର ରୁ ଅଲଗା କରିଲା ସ୍ୱାମୀ । ହତ୍ୟା ପରେ ଥାନା ରେ ଆତ୍ମ ସମର୍ପଣ କଲା ସ୍ୱାମୀ।ସୂଚନା ଅନୁସାରେ ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା କାଳିକ ପଂଚାୟତ ର ଚାକୁଆପାଳ ଗ୍ରାମ ର ଚନ୍ଦ୍ର ମୋହନ ପାତ୍ର ଙ୍କ ସ୍ତ୍ରୀ ଜୟନ୍ତୀ ପାତ୍ର (୪୦) ସେ ତାମିଲ ନାଡୁ ରେ ତାଙ୍କ ପୁଅ ସହିତ ରହି ଏକ କମ୍ପାନୀ ରେ କାମ କରନ୍ତି। ଜୟନ୍ତୀ ଚାରିଦିନ ତଳେ ଗାଁ କୁ ଫେରିଥିଲେ ଏବଂ ସ୍ୱାମୀ ଚନ୍ଦ୍ରମୋହନ (୫୦) ଏବଂ ସ୍ତ୍ରୀ ଜୟନ୍ତୀ ପାତ୍ର ଙ୍କ ମଧ୍ୟ ରେ ବାରମ୍ବାର କଳହ ହୋଇଥାଏ ଏବଂ ଗୁରୁବାର ମଧ୍ୟ କୌଣସି କଥା କୁ ନେଇ କଳହ ହୋଇଥିଲା। ଯାହାଫଳରେ ଗୁରୁବାର ବିଳମ୍ବିତ ରାତିରେ ଜୟନ୍ତୀ ତାଙ୍କ ଘରେ ଶୋଇଥିବା ଅବସ୍ଥା ରେ ସ୍ୱାମୀ ଚନ୍ଦ୍ର ମୋହନ ଏକ ଧାରୁଆ ଅସ୍ତ୍ର ରେ ସ୍ତ୍ରୀ କୁ ବେକ ରୁ ମୁଣ୍ଡ କୁ ଅଲଗା କରିଦେଇ ବିଭତ୍ସ ହତ୍ୟା କରି ଶୁକ୍ରବାର ସକାଳ ସମୟ ରେ ରାଇବଣିଆ ଥାନା ରେ ଆତ୍ମସମର୍ପଣ କରିଥିଲା। ରାଇବଣିଆ ପୋଲିସ ଘଟଣା ସ୍ଥଳ ରେ ପହଞ୍ଚିଥିଲା। ବେଳେ ହତ୍ୟାକରି ଚନ୍ଦ୍ରମୋହନ ଦଶ ବର୍ଷ ତଳେ ନିଜବାପା ଙ୍କୁ ହାଣି ଲହୁ ଲୁହାଣ କରିଥିଲା। ଘଟଣା ସ୍ଥଳ ରେ ରାଇବଣିଆ ଓ ଜଳେଶ୍ୱର ଝଡଚଡ ସୁବ୍ରତ ବେହେରା ଘଟଣା ସ୍ଥଳ ରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ଜଳେଶ୍ୱର ପଠାଇଛି।ହତ୍ୟାକାରୀ ସ୍ୱାମୀ ଙ୍କୁ ଅଧିକ ପଚରାଉଚୁରା କରୁଛି ରାଇବଣିଆ ପୋଲିସ ଏବଂ ତିନିଜଣିଆ ଏକ ସାଇନ୍ଟିଫିକ୍ ମଧ୍ୟ ତଦନ୍ତ କରିଥିଲେ। ଏ ନେଇ ରାଇବଣିଆ ଥାନା ରେ ମୃତକ ଜୟନ୍ତୀ ପାତ୍ର ଙ୍କ ମଝିଆ ଝିଅ ସମୀତା ବେଶରା ଅଭିଯୋଗ କରିଛନ୍ତି। ରାଇବଣିଆ ଥାନା ରେ ମାମଲା ନମ୍ବର ୮୪/୨୫ ହୋଇଛି।

# ସଂସ୍କୃତି ସଂଗଠକ ନିରଞ୍ଜନ ପଣ୍ଡାଙ୍କ ଶ୍ରଦ୍ଧାଞ୍ଜଳି ସଭା

ଭଦ୍ରକ , ୧୯/୯ (ନି.ପ୍ର): ସମାଜରେ ବହୁତ ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କର ପେଶା ଏକ ପ୍ରକାର ଓ ନିଶା ଏକ ପ୍ରକାର ହୋଇଥାଏ । ସେମାନେ ଜୀବନ ଜିବୀକାକୁ ଅଧିକ ଗୁରୁତ୍ୱ ନଦେଇ ଅନ୍ତର୍ନିହିତ ନିଶାକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି । ସେହିଭଳି ନିଜର ପେଶା ଓ ନିଶାକୁ ଏକାକାର କରି ଦେଇଥିଲେ ନିରଞ୍ଜନ ପଣ୍ଡା । ବାଲେଶ୍ୱର ଜିଲ୍ଲା କୃଷି ବିଭାଗରୁ ଅବ୍ୟାହତି ନେଲାପରେ ନିଜ ସହଯୋଗରେ ଗଠନ କରିଥିବା ଭଦ୍ରକ ଜିଲ୍ଲାର ଏକ ଅଗ୍ରଣୀ ସଂଗୀତ ମହାବିଦ୍ୟାଳୟ । ଭଦ୍ରକ ନୃତ୍ୟ ସଂଗୀତ ପରିଷଦର ସମ୍ପାଦକ ଥିଲେ ଏବଂ ଜଣେ ସୁପ୍ରତିଷ୍ଠିତ କଣ୍ଠଶିଳ୍ପୀ ଭାବରେ ସମଗ୍ର ଜିଲ୍ଲାରେ ବେଶ ସୁନାମ ଅର୍ଜନ କରିଥିଲେ । ତାଙ୍କ ଅପର୍ତ୍ତିବିନ୍ଧା ବାସଭବନ ନିକଟରେ ଭଦ୍ରକ ନୃତ୍ୟ ସଂଗୀତ ପରିଷଦର ଅଧ୍ୟକ୍ଷ ତଥା ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ସମ୍ମାନପ୍ରାପ୍ତ ଗୁରୁଶ୍ରୀ ସୁବାସ ଚନ୍ଦ୍ର ମଲ୍ଲିକ୍ ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ମଞ୍ଚ କଳାକାର କାଳନ୍ଦୀ ମଲିକ ମଞ୍ଚ ପରିଚାଳନା କରିଥିବା ବେଳେ ବେଦପାଠ କରିଥିଲେ ପଣ୍ଡିତ ଘନଶ୍ୟାମ



ଲେଙ୍କା । କାର୍ଯ୍ୟକ୍ରମଟିକୁ ସଂଗୀତ ମହାବିଦ୍ୟାଳୟର ସଭାପତି ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଉଦ୍‌ଘାଟନ କରିଥିବା ବେଳେ ନାଟ୍ୟ ନିର୍ଦ୍ଦେଶକ ବାଦଲ ସିକ୍‌ଦାର, ଗୌରାଙ୍ଗ ବାରିକ୍, ବ୍ଲକ କଳା ସଂସ୍କୃତି ସଂଗଠନ ଉପସଭାପତି ପ୍ରଶାନ୍ତ ବେହେରା, ପଞ୍ଚାନନ ବେହେରା, ରବିନ୍ଦ୍ର ଜେନା,ନୃତ୍ୟ ନିର୍ଦ୍ଦେଶିକା ସ୍ୱାଗତିକା ରାଉତ, ବ୍ୟଙ୍ଗ କବି ବିଜୟ ବହଳି, ଶିଳ୍ପୀ ବିଜୟ ମହାନ୍ତି, ମନମୋହନ ସଂଗୀତ ପରିଷଦର ଅଧ୍ୟକ୍ଷ ଡ଼. କେଶବ ଯେନା, ସମ୍ପାଦକ ରାମନାରାୟଣ ମହାନ୍ତି, ଶିଳ୍ପୀ ନିମାନନ୍ଦ ସାହୁ, ଆଇନ୍‌ଜୀବୀ ସନ୍ତୋଷ ଦାସ, ସେବାନିବୃତ ପୋଲିସ ଅଧିକାରୀ ରମେଶ ଦାସ, ବ୍ୟାଙ୍କ ଅଧିକାରୀ ଗଦାଧର ପଣ୍ଡା, ତାପସ ନାୟକ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ, ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସ୍ମୃତି ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରକାଶଥାଉକି ସ୍ୱର୍ଗତ ପଣ୍ଡା ଜଣେ ବରିଷ୍ଠ କଣ୍ଠ ଶିଳ୍ପୀ ସହିତ ଜଣେ କଳା ସଂଗଠକ ଭାବରେ ବେଶ୍ ସୁନମ ଅର୍ଜନ କରିଥିବା କାରଣ ସ୍ମୃତି ସଭା ସହିତ ଏକ ସଂଗୀତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସଂଗୀତ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ଅନୁଷ୍ଠାନର ଗୁରୁ ମହନ୍ତ ଆଶିଷ ଦେବ ଗୋସ୍ୱାମୀ ଓ ଗୁରୁ ସୁରେନ୍ଦ୍ର ଗାହାଣ । ସ୍ୱର୍ଗତ ପଣ୍ଡାଙ୍କର ପ୍ରିୟଛାତ୍ରୀ କଣ୍ଠଶିଳ୍ପୀ ଟୁନାବାଳା ଦାସ, ସୋନାଲି ଦାସ, ଜିତନ ପଣ୍ଡା, ପୋଲିସ୍ ଅଧିକାରୀ ଚିତ୍ତରଞ୍ଜନ ଜେନା, ପ୍ରିୟବ୍ରତ ପଣ୍ଡା, ଗାୟକ ରଘୁନାଥ ବାରିକ ପ୍ରମୁଖ ଭକ୍ତି ଓ ଶରୀମାର୍ଥ ଆଧାରିତ ସଂଗୀତ ପରିବେଷଣ କରିଥିଲେ । ଶେଷରେ କୃତଜ୍ଞତା ଜ୍ଞାପନ କରିଥିଲେ ସ୍ୱର୍ଗତ ପଣ୍ଡାଙ୍କର ଜାମାତା ଦୀଲ୍ଲିପ୍ ପାଣିଗ୍ରାହୀ ।

# ମୟୂରଭଞ୍ଜର ନୂତନ ଅତିରିକ୍ତ ଜିଲ୍ଲାପାଳ ଭାବେ ଶ୍ରୀ ଦୁଖବନ୍ଧୁ ନାୟକଙ୍କ ଯୋଗଦାନ

ବାରିପଦା , ୧୯/୯ (ନି.ପ୍ର): ଆଜି ମୟୂରଭଞ୍ଜ ଜିଲ୍ଲାର ନୂତନ ଅତିରିକ୍ତ ଜିଲ୍ଲାପାଳ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି ଓଡିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଶ୍ରୀ ଦୁଖବନ୍ଧୁ ନାୟକ, ଓ. ପ୍ର. ସେ. (ଏସ )।ଏଥି ପୂର୍ବରୁ ଶ୍ରୀ ନାୟକ ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗରେ ଯୁଗ୍ମ ସଚିବ ଭାବେ ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରି ଆସୁଥିଲେ। ଆଜି ଜିଲ୍ଲାପାଳଙ୍କ ଠାରେ କାର୍ଯ୍ୟରେ ଯୋଗ ଦାନ ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଇଶ୍ୱର ଚନ୍ଦ୍ର ନାଏକଙ୍କ ସମେତ କାର୍ଯ୍ୟାଳୟର ଅନ୍ୟାନ୍ୟ ପଦାଧିକାରୀ ଓ କର୍ମଚାରୀ ମାନେ ନୂତନ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୁଖବନ୍ଧୁ ନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଶୁଭକାମନା ଜଣାଇଥିଲେ।

# ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ଏକତ୍ରିକୃତ ଜଳଗର୍ଭ ପରିଚାଳନା କାର୍ଯ୍ୟକ୍ରମ ଅନୁଷ୍ଠିତ

ନୀଳଗିରି , ୧୯/୯ (ନି.ପ୍ର): ଶ୍ୟାମସୁନ୍ଦର ପଞ୍ଚାୟତରେ ଏକତ୍ରିକୃତ ଜଳଗର୍ଭ ପରିଚାଳନା ର ଅନ୍ତର୍ଗତ କମ୍ ଖର୍ଚ୍ଚରେ ଦାନାପ୍ରସ୍ତୁତ ଓ ସମନ୍ୱିତ ଚାଷ କର୍ମଶାଳା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୬୦ ଜଣ ଅନୁସୂଚିତ ବର୍ଗ ର ସଦସ୍ୟମାନେ ସକ୍ରିୟ ଭାଗ ନେଇଥିଲେ। କାର୍ଯ୍ୟକ୍ରମଟି କୃଷି ବିଜ୍ଞାନ କେନ୍ଦ୍ର (କେଭିକେ), ବାଲେଶ୍ୱରଙ୍କ ସହଯୋଗରେ ଆୟୋଜିତ ହୋଇଥିଲା। ସରପଞ୍ଚ ପୁରୁଷୋତ୍ତମ ସେଠି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ ଏବଂ ଗ୍ରାମସମାଜକୁ ସୁସ୍ଥିର କୃଷି, ଜଳ ସଂରକ୍ଷଣ ଏବଂ ସ୍ଥାୟୀ ଜୀବିକାପାଇଁ ଏହି ପ୍ରୟାସର ଗୁରୁତ୍ୱବିଷୟରେ ଆଲୋକପାତ କରିଥିଲେ। ଡ.ସ୍ୱାଗତିକା ସାହୁ, ପ୍ରଧାନ ବୈଜ୍ଞାନିକ କେଭିକେ ଏବଂ




ଡ. କମଳା କାନ୍ତ ବେହେରା, କୃଷିପ୍ରସାର ବିଶେଷଜ୍ଞ କୃଷକମାନଙ୍କୁ ବିଭିନ୍ନ ପ୍ରାକ୍ଟିକାଲ ପ୍ରଶିକ୍ଷଣ ଦେଇଥିଲେ। ସେଥିରେ ମାଛ ଚାଷ, ମହୁପାଳନ, କୁକୁଡ଼ା ପାଳନ, ଚାରା ପ୍ରସ୍ତୁତି ଏବଂ ବେଡ଼ ପ୍ରସ୍ତୁତି ମୁଖ୍ୟ ଅଂଶ ଥିଲା। ଏହି ପ୍ରଶିକ୍ଷଣ ଦ୍ୱାରା ଅନୁସୂଚିତ ଜାତି ସଦସ୍ୟମାନେ ବିକଳ୍ପ ଜୀବିକା ଓ ଆୟବୃଦ୍ଧିର ନୂଆମାର୍ଗ ବିଷୟରେ ଜ୍ଞାନଅର୍ଜନ କରିପାରିଲେ। କାର୍ଯ୍ୟକ୍ରମରେ ମନୋରଞ୍ଜନ ଦାସ ସମସ୍ତ ବିଶେଷଜ୍ଞ, କୃଷକ ଓ ସମାଜ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ। ସମାଜସଚିବ ଗଦାଧର ପାତ୍ର ଏବଂ ଅନ୍ୟାନ୍ୟ ସଦସ୍ୟମାନେ ସମ୍ମାନିତ ଉପସ୍ଥିତି ଦେଇଥିଲେ। ଏହି କାର୍ଯ୍ୟକ୍ରମର ସମନ୍ୱୟ ଡ. ବିଶ୍ୱଜୀତ ପଣ୍ଡା, ବିକାଶ ସାଥୀ କରିଥିଲେ। ସେ କହିଥିଲେ ଯେ, ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମଗୁଡ଼ିକ ସୁସ୍ଥିର କୃଷି, ପରିବେଶ ସୁରକ୍ଷା ଏବଂ ଗ୍ରାମୀଣ ଜୀବିକାର ସ୍ଥାୟୀକରଣରେ ବଡ଼ ଭୂମିକା ନେବ।

# ଭୂ-ଉତ୍ତରାଧିକାରୀ ନିୟମ ଉଲ୍ଲଙ୍ଘନ ବିରୁଦ୍ଧରେ ତେଜିଲେ ବଡ଼ସାହି ବ୍ଲକ ଆଦିବାସୀ ସମୂହ

ବଡ଼ସାହି, ୧୯/୯ (ନି.ପ୍ର): ସ୍ଥାନୀୟ ବଡ଼ସାହି ଡ଼ାକ ବଙ୍ଗଳା ପରିସରରେ ବଡ଼ସାହି ବ୍ଲକ ଅନ୍ତର୍ଗତ ୨୧ ଗୋଟି ଗ୍ରାମପଞ୍ଚାୟତର ଆଦିବାସୀ ନେତୃମଣ୍ଡଳୀଙ୍କର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଚାଲିଥିବା ଜମି ପଟ୍ଟାର ସଂଶୋଧନ କାର୍ଯ୍ୟକ୍ରମ ସମ୍ବନ୍ଧୀରେ ଆଲୋଚନା କରାଯାଇଥିଲା । ଆଦିବାସୀମାନଙ୍କର ପାରମ୍ପରିକ ପ୍ରଥାନୁଯାୟୀ ଆଦିବାସୀ ଝିଅମାନେ ଉତ୍ତରାଧିକାରୀ ରହି ପାରିବେ ନାହିଁ । କିନ୍ତୁ ଓଡ଼ିଶା ସରକାର ଏହି ନିୟମକୁ ଉଲ୍ଲଂଘନ କରୁଥିବାରୁ ଆଦିବାସୀ ତୁଙ୍ଗ ନେତୃବୃନ୍ଦ ବିରୋଧ କରିଛନ୍ତି । ଏହି ଅବସରରେ ବାଲେଶ୍ୱର ଲୋକସଭା ନିର୍ବାଚନମଣ୍ଡଳୀର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି । ଆଦିବାସୀ ନେତୃମଣ୍ଡଳୀଙ୍କ ସହିତ କଥାବାର୍ତ୍ତା ସମୟରେ ସାଂସଦ ଅସନ୍ତୋଷ ଜନକ ଉତ୍ତର ଦେଇଥିବାରୁ କାରଣରୁ ଆଦିବାସୀ ସମାଜ ଅସନ୍ତୋଷ ପ୍ରକାଶ କରିଛନ୍ତି। ସାଂସଦ କହିଲେ ଯେ, କାଶ୍ମୀର ର ୩୭୦ ଧାରା ଉଚ୍ଛେଦ ହେବା ଭଳି ଆଗାମୀ ଦିନରେ ଆଦିବାସୀମାନଙ୍କର ସମସ୍ତ ସାମ୍ବିଧାନିକ ଆଇନ ହୋଇପାରେ । ତେଣୁ ଆଦିବାସୀମାନେ ଅସନ୍ତୁଷ୍ଟ ହୋଇ ଭବିଷ୍ୟତରେ ଭୂ ଉତ୍ତରାଧିକାରୀ ନିୟମ ବିରୁଦ୍ଧରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବା ପାଇଁ ଅଣ୍ଟା ଭିଡିଛନ୍ତି ଆଦିବାସୀ ସମାଜ । ଏହି ଅବସରରେ ଦୁଲାରାମ ମୁର୍ମୁ , ପୂର୍ଣ୍ଣଚନ୍ଦ୍ର ହାଁସଦା, ଚୈତନ୍ୟ ସୋରେନ୍ , ବସନ୍ତ କୁମାର ସିଂ, ଚିନ୍ତାମଣି ଟୁଡୁ, ବୁଧିଆ ସିଂ ଏବଂ ଅନ୍ୟମାନେ ନେତୃତ୍ୱ ନେଇଥିଲେ ।

# ରେମୁଣା ବିଜେପି କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ରକ୍ତଦାନ ଶିବିର ଅନୁଷ୍ଠିତ

ରେମୁଣା, ୧୯/୯ (ନି.ପ୍ର): ଶୁକ୍ରବାର ସକାଳ ୯ ଘଟିକା ସମୟରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ ତମ ଜନ୍ମଦିନ ଉପଲକ୍ଷେ ରେମୁଣା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସ୍ତରୀୟ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ, ପଶ୍ଚିମବଙ୍ଗର ଦକ୍ଷିଣ-କାନ୍ଥି ବିଧାୟକ ଶ୍ରୀ ଅରୁପ କୁମାର ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ପ୍ରମୁଖ ଉପସ୍ଥିତ ରହି



ଶିବିରର ଉଦଘାଟନ କରିଥିଲେ। ଏହି ଶିବିରରେ ବିଶେଷ ଭାବରେ ରେମୁଣା ନିର୍ବାଚନ ମଣ୍ଡଳୀର ଜନସାଧାରଣ ତଥା ବିଜେପି କାର୍ଯ୍ୟକର୍ତ୍ତା ଏବଂ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ବହୁ ଯୁବପିଢ଼ି ଯୋଗ ଦେଇ ରକ୍ତଦାନ କରିଥିଲେ। ସର୍ବମୋଟ ୩୩୮ ୟୁନିଟ ରକ୍ତ ଏହି ଶିବିରରୁ ସଂଗ୍ରହ ହୋଇଥିଲା। ଏଭଳି ମହତ କାର୍ଯ୍ୟ ଦ୍ୱାର ହସ୍ପିଟାଲରେ ରକ୍ତ ଅଭାବର ସମସ୍ୟା ଦୂର ହେବ ସହ ଯୁବପିଢିଙ୍କ ମଧରେ ଏକ ଉତ୍ସାହ ଜାଗ୍ରତ ହେବ। ଅନ୍ୟ ମାନଙ୍କ ମଧରେ ବରିଷ୍ଠ କାର୍ଯ୍ୟକର୍ତ୍ତା ସୁକୁମାର ଦାସ, କାର୍ତ୍ତିକ ଚନ୍ଦ୍ର ଗିରି, ଉମାକାନ୍ତ ପଣ୍ଡା, ସୁଶାନ୍ତ ପଟ୍ଟନାୟକ , ମହେଶ୍ୱର ପ୍ରଧାନ, ଜିଲ୍ଲା ଯୁବ ମୋର୍ଚ୍ଚା ଉପସଭାପତି ନାରାୟଣ ମହନ୍ତ, ରେମୁଣା ବିଧାୟକଙ୍କ ବ୍ୟକ୍ତିଗତ ସହାୟକ କୃଷ୍ଣ ଚନ୍ଦ୍ର ସାହା, ସରପଞ୍ଚ ସୁମନ୍ତ ଦାସ, ହରେନ୍ଦ୍ର ମଲ୍ଲିକ, ନିତାଇ ଚରଣ ନାୟକ, ସୁବ୍ରତ ଦାସ, ହରିହର ଦାସ, ସମିତି ସଭ୍ୟ ତ୍ରିଲୋଚନ ପ୍ରଧାନ, କାଉନସିଲର ସିବୁନ ରୟ, ହେମାବତି ବେହେରା, ମଣ୍ଡଳ ସଭାପତି ରଘୁନାଥ ପରିଡ଼ା, ମାୟାଧର ପ୍ରଧାନ, ମାନସ ମହାନ୍ତି, ପ୍ରଫୁଲ୍ଲ ଦ୍ୱିବେଦୀ, ବିବେକ ବିକାଶ ରାଉତ, ପୂର୍ବତନ ମଣ୍ଡଳ ସଭାପତି ମଳୟ କୁମାର ବିଶ୍ୱାଳ, ଭୋଳାନାଥ ପାତ୍ର, ବିଭୂତି ରଞ୍ଜନ ସେନାପତି, ଜୟନ୍ତ ମଣ୍ଡଳ, କମଳ ଲୋଚନ ପ୍ରଧାନ, ବିଜୟ କୁମାର ପଲେଇ, ରଜିରାଉତ, ଗଜେନ୍ଦ୍ରସେଠି, ହେମଲତା ସେଠୀ, ରବିତା ଦାସ, ଚନ୍ଦ୍ରକାନ୍ତି ପ୍ରଧାନ, ସକମ୍ବରି ସିଂ, ଫୁଲ ଟୁଡୁ ଇତ୍ୟାଦି ସହଯୋଗ କରିଥିଲେ।

# ଅଶୀ ପ୍ରତିଶତ ଦିବ୍ୟାଙ୍ଗ ବାଳକ ଛଅ ମାସ ହେଲା ଭତ୍ତାରୁ ବଞ୍ଚିତ

## ■ଭିନ୍ନକ୍ଷମ ପ୍ରମାଣପତ୍ର ଯାଞ୍ଚ୍ କରିବା ପାଲଟିଲା ଅଭିଶାପ
## ■ଡାକ୍ତରଙ୍କ ପରୀକ୍ଷା ଉପରେ ପ୍ରଶ୍ନବାଚୀ
## ■ଅଭିଯୋଗ ପରେ ମଧ୍ୟ ଜିଲ୍ଲାପାଳ ଏବଂ ବାଲେଶ୍ୱର ସାମାଜିକ ସୁରକ୍ଷା ହାତ ବାନ୍ଧି ବସିଛନ୍ତି

ବାଲିଆପାଳ , ୧୯/୯ (ନି.ପ୍ର): ରାଜ୍ୟରେ ସରକାର ବଦଳିଲା ପରେ ଗୋଟିଏ ପରେ ଗୋଟିଏ ଯୋଜନା କାର୍ଯ୍ୟକାରୀ ହେଉଛି। ପ୍ରତ୍ୟେକ ବିଭାଗର ସ୍ୱଚ୍ଛତା ଆଣିବା ପାଇଁ ସରକାର ସବୁ ବେଳେ ଶତଚେଷ୍ଟିତ ମାତ୍ର ତାହା କିଛି ଭିନ୍ନକ୍ଷମ ଗରିବ ଙ୍କ ପାଇଁ ଅଭିଶାପ ପାଲଟିଛି। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ବାଲିଆପାଳ ବ୍ଲକ ଜମ୍ବିରାଇ ପଞ୍ଚାୟତର କାଞ୍ଚନଖୁଲିଆ ଗ୍ରାମରେ। ସୁଚନାରୁ ପ୍ରକାଶ ସାବିତ୍ରୀ ଦଣ୍ଡପାଟ ଜଣେ ଗରିବ, ଭିନ୍ନକ୍ଷମ,ବିଧବା ବୃଦ୍ଧା ମହିଳା। ତାଙ୍କର ଏକ ମାତ୍ର ଝିଅକୁ ରତି ପଞ୍ଚାୟତର ଭାନୁପୁର ଗ୍ରାମର କାଳିଚରଣ ଦଳାଇଙ୍କୁ ବିବାହ ଦେଇଥିଲେ। ଦୁଇ ସନ୍ତାନ ହେଲା ପରେ ସ୍ୱାମୀ ଅନ୍ୟ ଏକ ବିବାହ କରବାରୁ ଦୁଇ ପିଲାକୁ ଧରି ସାବିତ୍ରୀଙ୍କ ପାଖରେ ଝିଅ ରହି ଆସୁଛନ୍ତି। ବଡ଼ ନାତି ଶିବମକୁ ଆଇ ପାଖରେ ଓ ସାନପୁଅକୁ ପାଠ ପଢ଼ାଇବା ପାଇଁ ହଷ୍ଟେଲ ରେ ଛାଡି ମା ବାହାର



ରାଜ୍ୟରେ ଦାଦନ ଶ୍ରମିକ ଭାବେ କାମ କରୁଛନ୍ତି। ବଡ଼ ନାତି ଶିବମ ପିଲାଟି ଦିନରୁ ମାନସିକ ବିକୃତ ହେବା ସହିତ କଥା କହିବା ଓ ଶୁଣିବା ମଧ୍ୟ ଠିକ୍ ଠାକ୍ କରିପାରନ୍ତି ନାହିଁ।ଯେତେବେଳେ ଶିବମକୁ ପାଞ୍ଚ ବର୍ଷର ହୋଇଥିଲା ଆଇ ତାଙ୍କର ଭିନ୍ନକ୍ଷମ ପାଇଁ ଡାକ୍ତରଙ୍କ ପାଖକୁ ନେଇଥିଲେ। ଡାକ୍ତର ମଧ୍ୟ ପରୀକ୍ଷା କରି ଅଶି ପ୍ରତିଶତର ଭିନ୍ନକ୍ଷମ ଦର୍ଶାଇ ଥିଲେ। ବାଲିଆପାଳ ସାମାଜିକ ସୁରକ୍ଷା ପକ୍ଷରୁ ସାର୍ଟିଫିକେଟ ପ୍ରଦାନ କରାଯାଇ ଭତ୍ତା ଦିଆଯାଉଥିଲା। ଆଇ ଓ ଶିବମର ଭତ୍ତା ଟଙ୍କାରେ ଆଇ ନାତି କଷ୍ଟମଷ୍ଟେ ଚଳି ଯାଉଥିଲେ । ମାତ୍ର ସରକାର ବଦଳିଲା ପରେ ଭିନ୍ନକ୍ଷମ ସାର୍ଟିଫିକେଟର ସ୍ୱଚ୍ଛତା ପାଇଁ ସରକାରଙ୍କ ଦ୍ୱାରା ହୋଇଥିବା ଯାଞ୍ଚ ଶିବମ ଙ୍କ ପାଇଁ ଅଭିଶାପ ପାଲଟିଛି। ଏପ୍ରିଲ ମାସଠାରୁ ଶିବମକୁ ଭତ୍ତା ବନ୍ଦ କରିଦିଆଯାଇଛି । ଏବିଷୟରେ ବାଲିଆପାଳ ବ୍ଲକର ସାମାଜିକ ସୁରକ୍ଷା ଅଧିକାରଙ୍କୁ ପଚାରିବାରୁ ଡାକ୍ତର ଶିବମକୁ ଭିନ୍ନକ୍ଷମ ବୋଲି ଦର୍ଶାଇ ନାହାନ୍ତି ବୋଲି ଜଣାପଡିଛି। ଏଠାରେ ପ୍ରଶ୍ନ ଉଠୁଛି ଶିବମ ସାତ ବର୍ଷ ତଳେ ଅଶି ପ୍ରତିଶତ ଦିବ୍ୟାଙ୍ଗ ଥିବା ବେଳେ ଏବେ ଶିବମ କେମିତି ଭିନ୍ନକ୍ଷମ ରୁ ବଞ୍ଚିତ ହେଲେ । ଏହା ବ୍ୟତିତ ସାଧାରଣ ଲୋକ ଯିଏବି ଶିବମକୁ ଦେଖିବ ସିଏ ଜାଣିପାରିବ ଶିବମ ସମ୍ପୂର୍ଣ୍ଣ ଭାବେ ଭିନ୍ନକ୍ଷମ। ବଡ଼ କଥା ହେଲା ସାବିତ୍ରୀଙ୍କ ଘରେ କେହି ନାହାନ୍ତି ଏହି ସବୁ କଥା କୁ ବୁଝାସୁଝା କରିବା ପାଇଁ। ସ୍ଥାନୀୟ ସମାଜସେବୀକା ସ୍ନେହଲତା ବେହେରାଙ୍କ ଚେଷ୍ଟା ଫଳରେ ସାବିତ୍ରୀ ବାଲେଶ୍ୱର ସାମାଜିକ ସୁରକ୍ଷା ଓ ଜିଲ୍ଲା ପାଳଙ୍କ ଠାରେ ନାତି ର ଭତ୍ତା ପାଇଁ ଅଭିଯୋଗ କରିଥିଲେ। ମାତ୍ର ଏକ ମାସ ବିତିଯାଇଥିଲେ ମଧ୍ୟ ଏପର ?ୟ୍ୟନ୍ତ ଶିବମକୁ କୌଣସି ନ୍ୟାୟ ମିଳିପାରିଲା ନାହଁ। ତେଣୁ ସାବିତ୍ରୀ ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ତାଙ୍କ ନାତି ଶିବମର ଭତ୍ତା କରି ଦିଆଯାଉ ବୋଲି ନିବେଦନ କରିଛନ୍ତି।

# ଏକ ରାଷ୍ଟ୍ର ଏକ ନିର୍ବାଚନ କାର୍ଯ୍ୟକ୍ରମରେ ବଡସାହିରୁ ଅଭିଷେକଙ୍କ ଅଭିଭାଷଣ

ବଡସାହି, ୧୯/୯ (ନି.ପ୍ର): କେନ୍ଦ୍ର ସରକାରଙ୍କ ଯୁବ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଓ ରାଜ୍ୟ ସରକାରଙ୍କ ସହଯୋଗରେ ବିଜେପି ପକ୍ଷରୁ ଭୁବନେଶ୍ୱସ୍ଥିତ ସୋଆ ବିଶ୍ୱବିଦ୍ୟାଳୟ ପରିସରରେ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ସମ୍ପର୍କୀତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗତ ରାଜ୍ୟ ବିଧାନ ସଭାରେ ଯେଉଁ ଯୁବ ପ୍ରତିଭା ମାନଙ୍କୁ ନେଇ ବିକଶିତ ଭାରତ ଯୁବ ସଂସଦ-୨୦୨୫ ଅନୁଷ୍ଠିତ ହୋଇଥିଲା ।ସେମାନେ ରାଜ୍ୟ ବିଧାନସଭାରେ 'ବିକଶିତ ଭାରତ' ପାଇଁ ସେମାନଙ୍କ ପରିକଳ୍ପନା ସମ୍ପର୍କରେ ଅଭିମତ ରଖିଥିଲେ । ସେମାନଙ୍କ ମଧ୍ୟରୁ ଉତ୍ତର ଓଡିଶାରୁ ମାତ୍ର ଜଣେ ଯିଏକି ମୟୁରଭାଂଜ ଜିଲ୍ଲା ବଡସାହି ଅଂଚଳର ଅଭିଷେକ ମହାନ୍ତି ଏହି ଆଲୋଚନା ଚକ୍ରରେ ଯୋଗ ଦେଇ ନିଜର ଅଭିମତ ରଖି ଚର୍ଚ୍ଚାରେ ରହିଛନ୍ତି । ସେ ହେଉଛନ୍ତି, କୋଚିଳାଖୁଣ୍ଟା ପଂଚାୟତ ପାଇକପଡା ଗ୍ରାମର ପ୍ରଶାନ୍ତ ମହାନ୍ତି ଓ ସଂଯୁକ୍ତା ମହାନ୍ତିଙ୍କ ସୁପୁତ୍ର କୁମାର ଅଭିଷେକ ମହାନ୍ତି । ସେ ଜଣେ ଭଲ ଛାତ୍ର ହେଇଥିବା ବେଳେ ବର୍ତ୍ତମାନ ଏମବିବିଏସର ଶେଷ ବର୍ଷର ଛାତ୍ର ବୋଲି ଜଣାଯାଇଛି । ଏହାକୁ ନେଇ ନିଜ ପଂଚାୟତ ସହିତ ବଡସାହି ଅଂଚଳର ଖୁସିର ଲହରୀ ଖେଳିଯାଇଛି । ସେମାନଙ୍କ ସହିତ ସେମାନଙ୍କ ବାପାମାଆ ମାନଙ୍କ ନିକଟକୁ ମଧ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିଛି । କିପରି 'ଏକ ରାଷ୍ଟ୍ର ଏକ ନିର୍ବାଚନ' ହେଲେ ଲକ୍ଷଲକ୍ଷ କୋଟି ଟଙ୍କାର ଅପଚୟକୁ ରୋକାଯାଇପାରିବ, ଏହା ଦେଶ ବିକାଶ ତଥା ସମୃଦ୍ଧିକୁ ଆଗକୁ ବଢିବାରେ ସହାୟତା କରିବ । ଫଳରେ ଏହା ଦେଶର ଆର୍ଥିକ,ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ଉନ୍ନତି ଆଣିବାରେ ସହାୟକ ହେବା ସହିତ ଶକ୍ତିଶାଳୀ, ସ୍ଥିର ଓ ସମୃଦ୍ଧ ଭାରତ ତିଆରି ହୋଇ ପାରିବ ସେ ସମ୍ପର୍କରେ ନିଜର ମତ ରଖିଛନ୍ତି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida